- Vol.- 45, Issue No. 314
- Saturday, 14 February 2026
- ଶନିବାର, ୧୪ ଫେବୃଆରୀ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# ନବରଙ୍ଗପୁରକୁ ୪୪୬ କୋଟିର ଭେଟି



- ୧୧୨ ପ୍ରକଳ୍ପର ହେଲା ଉଦ୍‌ଘାଟନ
- ୬୫ ପ୍ରକଳ୍ପର ପଡ଼ିଲା ଭିତ୍ତି
- ବିକାଶ କେବେ ଜିଲ୍ଲା ପାଇଁ ଦୂର ହେବ ନାହିଁ: ମୁଖ୍ୟମନ୍ତ୍ରୀ
- ବହୁ ଆକାଂକ୍ଷିତ ମେଡିକାଲ କଲେଜର ଭିତ୍ତି ପ୍ରସ୍ତର ସ୍ଥାପନ
- ସମସ୍ତ ଅତ୍ୟାଧୁନିକ ଚିକିତ୍ସା ମିଳିବ ଜିଲ୍ଲା ଭିତରେ

ନବରଙ୍ଗପୁର, ୧୩।୨: ନବରଙ୍ଗପୁର ରାଜ୍ୟ ରାଜଧାନୀଠାରୁ ବହୁ ଦୂରରେ ଥିଲେ ମଧ୍ୟ ବିକାଶ କେବେ ଜିଲ୍ଲା ପାଇଁ ଦୂର ହେବ ନାହିଁ । ଜିଲ୍ଲାବାସୀଙ୍କ ବହୁ ଆକାଂକ୍ଷିତ ମେଡିକାଲ କଲେଜର ଭିତ୍ତି ପ୍ରସ୍ତର ସ୍ଥାପନ ପୂର୍ବକ ଏପରି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।ଏହା ବ୍ୟତୀତ ନବରଙ୍ଗପୁରକୁ ଶୁକ୍ରବାର ବଡ଼ ଉପହାର ଦେଇଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ। ନବରଙ୍ଗପୁରର ପାତାଲଗୁଡାଠାରେ ୫୦ ଏକରରୁ ଅଧିକ ଜାଗା ଉପରେ ପ୍ରତିଷ୍ଠା ହେବାକୁ ଥିବା ଏହି ମେଡିକାଲ କଲେଜ ଓ ହସ୍ପିଟାଲରେ ୧୦୦ ଏମ୍.ବି.ବି.ଏସ୍ ସିଟ୍ ଓ ୪୨୦ଟି ଶଯ୍ୟା ରହିବ। ଏହି ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ପରେ ଜିଲ୍ଲାବାସୀ ଉନ୍ନତ ମାନର ଚିକିତ୍ସା ସୁବିଧା ପାଇଁ ଆଉ ଜିଲ୍ଲା ବାହାରକୁ ଯିବେ ନାହିଁ, ସମସ୍ତ ଅତ୍ୟାଧୁନିକ ଚିକିତ୍ସା ଜିଲ୍ଲା ଭିତରେ ହିଁ ପାଇବେ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସରକାର ଆସିବାର ମାତ୍ର ୨୦ ମାସ ମଧ୍ୟରେ ଯାଜପୁର, କନ୍ଧମାଳ ଓ ତାଳଚେରରେ ୩ଟି ନୂଆ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହୋଇଛି । ଏଥି ସହିତ ଆଉ ୪ଟି ମେଡିକାଲ କଲେଜ ଆମର ପ୍ରତିଶ୍ରୁତି ଥିଲା। ଆଜି ନବରଙ୍ଗପୁରରେ ମେଡିକାଲ କଲେଜ ସ୍ଥାପନ ପାଇଁ ଶୁଭ ଦିଆଗଲା। ଖୁବ୍ ଶୀଘ୍ର ଢେଙ୍କାନାଳ, ଜଗତସିଂହପୁର ଓ ଭଦ୍ରକରେ ମଧ୍ୟ ମେଡିକାଲ କଲେଜ ସ୍ଥାପନ ହେବ । ରାଜ୍ୟବାସୀଙ୍କୁ ଗୁଣାତ୍ମକମାନର ସ୍ୱାସ୍ଥ୍ୟ ସେବା ଓ ରାଜ୍ୟରେ ଡାକ୍ତର ଅଭାବ ଦୂର କରିବା ପାଇଁ ଏହା ହେଉଛି ସରକାରଙ୍କ ପ୍ରତିବଦ୍ଧତାର ପ୍ରତିଫଳନ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବରଙ୍ଗପୁର ଜିଲ୍ଲା ପାଇଁ ୪୪୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୧୭୭ଟି ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିରେ ୬୮ କୋଟି ଟଙ୍କା ମୂଲ୍ୟର ୧୧୨ଟି ପ୍ରକଳ୍ପର ଉଦ୍‌ଘାଟନ ଓ ୩୭୮ କୋଟି ଟଙ୍କା ମୂଲ୍ୟର ୬୫ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ରହିଛି। ଶିକ୍ଷା, ସ୍ୱାସ୍ଥ୍ୟସେବା, ସଡକ, ସେତୁ, ହଷ୍ଟେଲ, ବନ ସୁରକ୍ଷା ସମିତି, ଅଙ୍ଗନବାଡି କେନ୍ଦ୍ର ଆଦି ଏହି ସବୁ ପ୍ରକଳ୍ପ ଗୁଡିକ ନବରଙ୍ଗପୁରର ବିକାଶ ଯାତ୍ରାକୁ ଆହୁରି ତ୍ୱରାନ୍ୱିତ କରିବ । ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।

## ‘ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା’ର ଶୁଭାରମ୍ଭ



ଭୁବନେଶ୍ୱର, ୧୩।୨(ନିପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ନବରଙ୍ଗପୁରଠାରେ ‘ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା’ର ଶୁଭାରମ୍ଭ କରିବା ସହ ନୂଆ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ଜିଲ୍ଲା ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପର ମଧ୍ୟ ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ଲୋକଙ୍କୁ ଶାସନର କେନ୍ଦ୍ରବିନ୍ଦୁ ଭାବେ ଗ୍ରହଣ କରେ ଏବଂ ସେମାନଙ୍କ ଆଶା-ଆକାଂକ୍ଷାକୁ ପୂରଣ କରିବାକୁ ପରମ କର୍ତ୍ତବ୍ୟ ବୋଲି ଭାବେ । ଅନେକ ସମୟରେ ଆର୍ଥିକ ଅଭାବ ବା ପାରିବାରିକ ଜଞ୍ଜାଳ ଯୋଗୁଁ ଆମର ଆର୍ଥିକ ଅନଗ୍ରସର ଓ ବରିଷ୍ଠ ନାଗରିକମାନେ ମହାପ୍ରଭୁଙ୍କ ଦର୍ଶନରୁ ବଂଚିତ ରହିଯାଆନ୍ତି। ସେମାନଙ୍କର ସେହି ଅଧୁରା ସ୍ୱପ୍ନକୁ ସାକାର କରିବା ପାଇଁ ଆମେ ଏହି ଅଭିନବ ଯୋଜନା ଆରମ୍ଭ କରିଛୁ, ଯେଉଁଠାରେ ସରକାର ‘ଶ୍ରବଣ କୁମାର’ ସଦୃଶ ବୟୋଜ୍ୟେଷ୍ଠ ଓ ବିଧବା ମା’ମାନଙ୍କୁ ସମ୍ମାନର ସହ ଶ୍ରୀକ୍ଷେତ୍ର ନେଇ ମହାପ୍ରଭୁଙ୍କ ଦର୍ଶନ ଓ ମହାପ୍ରସାଦ ସେବନର ବ୍ୟବସ୍ଥା କରିବେ।

## ଠକେଇ ମାମଲା: ବିକ୍ରମ ଭଟ୍ଟଙ୍କୁ ମିଳିଲା ଜାମିନ

ନୂଆଦିଲ୍ଲୀ, ୧୩।୨: ୩୦ କୋଟି ଟଙ୍କା ଠକେଇ ମାମଲାରେ ବିକ୍ରମ ଭଟ୍ଟ ଏବଂ ତାଙ୍କ ପତ୍ନୀ ଶ୍ୱେତାମ୍ବରୀଙ୍କୁ ସୁପ୍ରିମକୋର୍ଟ ଶୁକ୍ରବାର ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଏହି ଦମ୍ପତି ଡିସେମ୍ବର ୭, ୨୦୨୫ ରୁ ନ୍ୟାୟିକ ହେପାଜତରେ ଥିଲେ। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ନ୍ୟାୟମୂର୍ତ୍ତି ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଉଦୟପୁର ଜେଲରୁ ବିକ୍ରମ ଭଟ୍ଟ ଏବଂ ଶ୍ୱେତାମ୍ବରୀ ଭଟ୍ଟଙ୍କୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ଜାମିନ ବଣ୍ଡ ଏବଂ ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟଙ୍କ ଦ୍ୱାରା ନିର୍ଣ୍ଣୟ କରାଯିବା ସର୍ତ୍ତାବଳୀ ଉପରେ ନିର୍ଭର କରେ। ଅଦାଲତ ଅଭିଯୋଗକାରୀ, ଇନ୍ଦିରା ଆଇଭିଏଫର ପ୍ରତିଷ୍ଠାତା ଅଜୟ ମୁର୍ଡିଆ ଏବଂ ରାଜସ୍ଥାନ ସରକାରଙ୍କୁ ମଧ୍ୟ ନୋଟିସ୍ ଜାରି କରିଛନ୍ତି। ମାମଲାକୁ ଫେବୃଆରୀ ୧୯ ରେ ପରବର୍ତ୍ତୀ ଶୁଣାଣି ପାଇଁ ରଖାଯାଇଛି।

## ଆରପାରିରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁ ଲେଙ୍କା

### ବିଭିନ୍ନ ମହଲରେ ଶୋକ

ଭୁବନେଶ୍ୱର, ୧୩।୨(ନିପ୍ର): ପୂର୍ବତନ କେନ୍ଦ୍ର ମନ୍ତ୍ରୀ କାହ୍ନୁ ଚରଣ ଲେଙ୍କାଙ୍କ ଶୁକ୍ରବାର ପରଲୋକ ଘଟିଛି। ୮୬ ବର୍ଷୀୟ ଏହି ନେତାଙ୍କ ଏଠାରେ ଏକ ଘରୋଇ ହାସପାତାଳରେ ହୃଦ୍‌ଘାତରେ ଦେହାନ୍ତ ହୋଇଛି। ୧୯୮୮



ରୁ ସେ ରାଜ୍ୟସଭା ସାଂସଦ ଭାବରେ ପ୍ରତିନିଧିତ୍ୱ କରିଥିଲେ। ୧୯୯୧ ରୁ ୧୯୯୪ ସରକାରରେ ନରସିଂହା ରାଓଙ୍କ ସରକାରରେ କେନ୍ଦ୍ର ରେଳମନ୍ତ୍ରୀ ଓ କେନ୍ଦ୍ର କୃଷି ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ । କଟକ ଚୌଦ୍ୱାରରୁ ୪ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ କାହ୍ନୁ ଲେଙ୍କା। ୧୯୭୧ ରୁ ୧୯୭୩, ୧୯୭୪ ରୁ ୧୯୭୭, ୧୯୮୦ ରୁ ୧୯୮୫ ଏବଂ ୧୯୯୫ ରୁ ୨୦୦୦ମସିହାରେ ୪ ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି ।ଜାନକୀବଲ୍ଲଭ ପଟ୍ଟନାୟକଙ୍କ ସରକାର ଓ ଗିରିଧର ଗମାଙ୍ଗ ସରକାରରେ ମଧ୍ୟ କାହ୍ନୁଚରଣ ଲେଙ୍କା ଥିଲେ କ୍ୟାବିନେଟ ମନ୍ତ୍ରୀ। ଓଡ଼ିଶାରେ ଶିଳ୍ପ, ରାଜସ୍ୱ, ପରିବହନ, ପଞ୍ଚାୟତିରାଜ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଭାବରେ ଦକ୍ଷତାର ସହକାର୍ଯ୍ୟ କରିଥିଲେ । କାହ୍ନୁ ଲେଙ୍କା ପାର୍ଥିବ ଶରୀରକୁ ପ୍ରଥମେ ବିଧାନସଭା, ପରେ କଂଗ୍ରେସ ଭବନ ନିଆଯାଇଥିଲା । ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକଟ କରିଛନ୍ତି । ଏଥିସହ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି ।

## ପତ୍ନୀହନ୍ତାକୁ ଫାଶୀଦଣ୍ଡାଦେଶ

### ଏସିଡ୍ ପକାଇ ମାରିଥିଲା

ବାଲେଶ୍ୱର, ୧୩।୨ : ନବ ବିବାହିତା ପତ୍ନୀଙ୍କୁ ଏସିଡ୍ ପକାଇ ମାରିବା ଘଟଣାରେ ଅଭିଯୁକ୍ତ ସ୍ୱାମୀକୁ ଫାଶୀ ଦଣ୍ଡାଦେଶ ଶୁକ୍ରବାର ଶୁଣାଇଛନ୍ତି ଅଦାଲତ। ମାମଲାର ବିଚାର କରି ବାଲେଶ୍ୱରର ସ୍ୱତନ୍ତ୍ର ଏସସି/ଏସଟି ପିଓଏ ଆକ୍ଟ ଜଜ ଅବଦୁଲ ସମିମ ଅକତର ଅଭିଯୁକ୍ତ ସ୍ୱାମୀ ଚନ୍ଦନ କୁମାର ରଣାକୁ ଦୋଷୀ ସାବ୍ୟସ୍ତ ସହ ଫାଶୀ ଦଣ୍ଡାଦେଶ ଦେଇଛନ୍ତି। ସୂଚନାନୁସାରେ ନୀଳଗିରି ଥାନା ସନ୍ତରାଗଡ଼ିଆ ନୟାପାଟଣା ଗ୍ରାମର ଚନ୍ଦନ ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ଭୀମପୁରା ଗ୍ରାମର ଏକ ଗହଣା ଦୋକାନରେ କାରିଗର ଭାବେ କାର୍ଯ୍ୟ କରୁଥିଲା। ପତ୍ନୀ ଓ ସନ୍ତାନ ଥିବା ସତ୍ତ୍ୱେ ସ୍ଥାନୀୟ ଅଞ୍ଚଳର କାର୍ତ୍ତିକ ସିଂଙ୍କ ସାନଝିଅ ବନିତା ସିଂ(୨୦)ଙ୍କ ସହ ତା’ର ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ୨୦୨୩ ମସିହା ଜାନୁଆରୀ ମାସରେ ଉଭୟେ ବିବାହ କରିଥିଲେ। ମାତ୍ର ପୂର୍ବରୁ ଚନ୍ଦନ ବିବାହିତ ଏବଂ ତାଙ୍କର ଦୁଇ ସନ୍ତାନ ଅଛନ୍ତି ଜାଣିବା ପରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏମିତିକି ଶ୍ୱଶୁର ଘର ନୟାପାଟଣାରୁ ପଳାଇଆସି ବନିତା ବାପଘର ଗାଁ ଭୀମପୁରାରେ ଭଡ଼ା ଘରେ ରହୁଥିବା ବଡ଼ ଭଉଣୀ ବର୍ଷାଙ୍କ ପାଖରେ ଆଶ୍ରୟ ନେଇଥିଲେ। ପରେ



ସହଦେବଖୁଣ୍ଟା ଥାନାରେ ଚନ୍ଦନ ବିରୋଧରେ ଏକ ଏତଲା ମଧ୍ୟ ଦେଇଥିଲେ। ବନିତାଙ୍କୁ ନେବାକୁ ଉଦ୍ୟମ କରି ଚନ୍ଦନ ବାରମ୍ବାର ବିଫଳ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ୨୦୨୩ ଫେବୃଆରୀ ୧୯ରେ ଚନ୍ଦନ ବନିତାଙ୍କ ଉପରକୁ ଏସିଡ ଫୋପାଡ଼ିଥିଲା। ଏଥିରେ ବନିତାଙ୍କ ସମେତ ବଡ଼ ଭଉଣୀ ବର୍ଷା ଓ ତାଙ୍କର ୫ ବର୍ଷର କନ୍ୟା ଏବଂ ୮ ମାସର ଶିଶୁପୁତ୍ର ମଧ୍ୟ ଆହତ ହୋଇଥିଲେ। ଗୁରୁତର ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ବନିତାଙ୍କର ମୃତ୍ୟୁ ହୋଇଥିଲା। ବନିତାଙ୍କ ପିତାଙ୍କ ଏତଲା କ୍ରମେ ସହଦେବଖୁଣ୍ଟା ଥାନା ପୁଲିସ ୫୬/୨୦୨୩ ନମ୍ବର ମାମଲା ରୁଜୁ ସହ ଚନ୍ଦନକୁ ଗିରଫ କରିଥିଲା।

## ବାଂଲାଦେଶରେ ଆରମ୍ଭ ହେବ ରହମାନ ରାଜ୍

ନୂଆଦିଲ୍ଲୀ/ଢ଼ାକା, ୧୩।୨: ବାଂଲାଦେଶରେ ଫେବୃଆରୀ ୧୨ ତାରିଖରେ ଅନୁଷ୍ଠିତ ଭୋଟ୍ ପରେ ବହୁମତ ଅଙ୍କ ଅତିକ୍ରମ କରିବା ପରେ ତାରିକ ରହମାନଙ୍କ ନେତୃତ୍ୱାଧୀନ ବିଏନପି ବାଂଲାଦେଶ ସାଧାରଣ ନିର୍ବାଚନରେ ବିଜୟୀ ହୋଇଛି। ଏଯାବତ୍ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନପି) ଏବଂ ଏହାର ସହଯୋଗୀ ଦଳ ୨୧୨ ଆସନ ପାଇଛନ୍ତି । ଅପରପକ୍ଷେ ଜମାତ-ଏ-ଇସଲାମି ଏବଂ ଏହାର ୧୧ ସହଯୋଗୀ ଦଳ ୭୭ ଆସନ ପାଇବାରେ ସଫଳ ହୋଇଛନ୍ତି।



୨୯୭ ସଂସଦୀୟ ଆସନ ପାଇଁ ଗଣନା ସମାପ୍ତ ହୋଇଛି। ଏହି ପରିଣାମରୁ ସ୍ପଷ୍ଟ ଯେ, ତାରିକ ରହମାନ ଏବେ ବାଂଲାଦେଶର ନୂଆ ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି । ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲିଦା ଜିୟାଙ୍କ ପୁଅ । ରହମାନ ଏହି ନିର୍ବାଚନରେ ଜମାତ ଏ ଇସଲାମୀ ଓ ଛାତ୍ରଙ୍କ ପାର୍ଟି ନ୍ୟାସନାଲ ସିଟିଜେନପାର୍ଟିର ମେଣ୍ଟକୁ ଶୋଚନୀୟ ଭାବେ ପରାଜିତ କରିଛନ୍ତି । ଏହି ରାଜନୈତିକ ପରିବର୍ତ୍ତନର ପ୍ରଭାବ କେବଳ ବାଂଲାଦେଶ ପର୍ଯ୍ୟନ୍ତ ସୀମିତ ନୁହେଁ ବରଂ ପଡୋଶୀ ଭାରତ ଓ କ୍ଷେତ୍ରୀୟ ଭୂ-ରାଜନୈତିକ ଉପରେ ମଧ୍ୟ ଏହାର ପ୍ରଭାବ ସ୍ପଷ୍ଟ ଭାବେ ପଡିପାରେ ।

## ଲୋକସଭା ମାର୍ଚ୍ଚ ୯ ପର୍ଯ୍ୟନ୍ତ ସ୍ଥଗିତ

ନୂଆଦିଲ୍ଲୀ, ୧୩ ।୨: ଲୋକସଭାର ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଶୁକ୍ରବାର ସମାପ୍ତ ହୋଇଛି । ପୀଠାସିନ ଅଧିକାରୀ ସନ୍ଧ୍ୟା ରାୟ ଗୃହକୁ ମାର୍ଚ୍ଚ ୯ ତାରିଖ ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି । ଏବେ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୯ ରୁ ଆରମ୍ଭ ହୋଇ ଅପ୍ରେଲ ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଲୋକସଭା କାର୍ଯ୍ୟ ପୂର୍ବାହ୍ନ ୧୧ ଟାରେ ଆରମ୍ଭ ହେବା ମାତ୍ରେ କଂଗ୍ରେସ ଏବଂ ଅନ୍ୟାନ୍ୟ ବିରୋଧୀ ଦଳ ସଦସ୍ୟମାନେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ଇସ୍ତଫା ଦାବି କରି ହଟ୍ଟଗୋଳ କରିଥିଲେ। ଏହି କାରଣରୁ ଗୃହ ମଧ୍ୟାହ୍ନ



୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା । ମଧ୍ୟାହ୍ନ ୧୨ଟାରେ କାର୍ଯ୍ୟ ପୁନରାରମ୍ଭ ହେବା ପରେ ପିଠାସୀନ ଅଧିକାରୀ ସନ୍ଧ୍ୟା ରାୟ ସୂଚନା ଦେଇଥିଲେ ଯେ, ଅନେକ ସଦସ୍ୟ ମୁଲତବୀ ପ୍ରସ୍ତାବ ନୋଟିସ ଦେଇଛନ୍ତି, ଯାହାକୁ ନାମଞ୍ଜୁର କରାଯାଇଛି । ଏହା ପରେ, ସେ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନାମ ଡାକିଲେ । ଶ୍ରୀ ପ୍ରଧାନ ତାଙ୍କ ମନ୍ତ୍ରଣାଳୟ ସହ ଜଡ଼ିତ ପ୍ରଶ୍ନର ଉତ୍ତର ଗୃହର ଟେବୁଲରେ ରଖିଥିଲେ । ଏହା ପରେ, କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ, ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ, ଆଇନ ଏବଂ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଅର୍ଜୁନ ରାମ ମେଘୱାଲ, ଆୟୁଷ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ପ୍ରତାପରାଓ ଯାଦବ, ବାଣିଜ୍ୟ ଏବଂ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଜିତିନ ପ୍ରସାଦ, ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏବଂ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ସେମାନଙ୍କ ମନ୍ତ୍ରଣାଳୟ ସହିତ ଜଡ଼ିତ ପ୍ରଶ୍ନର ଉତ୍ତର ଗୃହର ଟେବୁଲ ଉପରେ ରଖିଥିଲେ ।

### ବିଭିନ୍ନ ସମସ୍ୟାର ପ୍ରତିବାଦ କଲେ ଚାଷୀ

## ଧାନବସ୍ତା ଢାଳି କଲେ ବିକ୍ଷୋଭ

ଭଦ୍ରକ, ୧୩।୨(ନିପ୍ର) ଜିଲାରେ ସରକାରୀ ଧାନ ସଂଗ୍ରହର ବିକଳ ଚିତ୍ର ଆଜି ଦେଖିବାକୁ ମିଳିଛି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ। ନବନିର୍ମାଣ କୃଷକ ସଂଗଠନ ଓ ଚାଷୀମାନେ



ଟ୍ରାକ୍ଟରରେ ଧାନବସ୍ତା ଆଣି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଢାଳି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଧାନକିଣାରେ ବ୍ୟାପକ କଟନୀଛଟନୀ, ମଣ୍ଡିରୁ ଧାନ ଉଠାଇବାର ବିଳମ୍ବ, ଅନେକ ଚାଷୀଙ୍କୁ ଟୋକନ ନମିଳିବା ଆଦି ବିଭିନ୍ନ ସମସ୍ୟାକୁ ନେଇ ନବନିର୍ମାଣ କୃଷକ ସଂଗଠନ ଓ ଚାଷୀମାନେ ପ୍ରତିବାଦ କରିଛନ୍ତି। ଅନ୍ୟପକ୍ଷରେ ଗତକାଲି ଜିଲା ମିଲର ସଂଘ ଆଜି ଶୁକ୍ରବାର ଠାରୁ ଆଉ ମଣ୍ଡିରୁ ଧାନ ଉଠାଇବେ ନାହିଁ ବୋଲି ନିଷ୍ପତ୍ତି ନେବା ପରେ ଚାଷୀଙ୍କୁ ଏହା ପ୍ରଭାବିତ କରିଛି। ଧାନବିକ୍ରି ସମୟରେ କ୍ୱିଂଟାଲ ପିଛା ୭/୮ କେଜି କାଟିବା ସହ ମିଲର ରାଜ ଓ ପ୍ରଶାସନର ନୀରବଦ୍ରଷ୍ଟା ସାଜିବା ଘଟଣା ଚାଷୀମାନଙ୍କୁ ଆନ୍ଦୋଳନ କରିବାକୁ ବାଧ୍ୟ କରିଛି ବୋଲି ନବନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତା ଓ ଚାଷୀମାନେ ଅଭିଯୋଗ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜାରି ରହିଥିବା ବିକ୍ଷୋଭ ପ୍ରଦର୍ଶନରେ ନବନିର୍ମାଣ କୃଷକ ସଂଗଠନର ପ୍ରମୁଖ ସାମିଲ ହୋଇଥିଲେ। ସଂଗଠନର ପ୍ରମୁଖ କହିଲେ ଯେ ଚଳିତବର୍ଷ ରାଜ୍ୟରେ ଧାନ ସଂଗ୍ରହ କ୍ଷେତ୍ରରେ ମିଲର ରାଜ ଚାଲିଛି। ଫଳରେ ଚାଷୀମାନେ ଧାନର ଉପଯୁକ୍ତ ମୂଲ୍ୟ ପାଇପାରୁନାହାନ୍ତି। କ୍ୱିଂଟାଲ ପିଛା ୧୨/୧୩ କେଜି ଲେଖାଏଁ କଟାଯାଉଛି। ଏଫଏକ୍ୟୁ ମାନର ଆଳ ଦେଖାଇ ମିଲର ମାନେ ଚାଷୀଙ୍କ ଧାନକୁ କଟନୀ ଛଟନୀ କରିବାକୁ ବାଧ୍ୟ କରୁଛନ୍ତି। ଯଦି ସେମାନେ ଧାନ ନ ଉଠାଇବେ ତେବେ ଏଗ୍ରିମେଣ୍ଟରୁ ଓହରିଯାଆନ୍ତୁ। ଧାନମଣ୍ଡିରୁ ଉଠାଇବା ସରକାରଙ୍କର କାମ। ଏ କ୍ଷେତ୍ରରେ ପ୍ରଶାସନ ନୀରବଦ୍ରଷ୍ଟା ସାଜିବା ଓ ଚାଷୀଙ୍କ ସମସ୍ୟା ସମାଧାନ ନ କରିବା ସନ୍ଦେହ ଘେରକୁ ଟାଣିଆଣିଛି। ପ୍ରଶାସନ ତୁରନ୍ତ ଏହାର ସମାଧାନ ନ କଲେ ଆନ୍ଦୋଳନକୁ ଆହୁରି ଜୋର୍‌ଦାର କରାଯିବ ବୋଲି ଓଡ଼ିଶା ନବନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଚେତାବନୀ ଦେଇଛନ୍ତି।

**ସମାଧାନ ନ କଲେ ଆନ୍ଦୋଳନ ହେବ ଆହୁରି ଜୋର୍‌ଦାର: କୃଷକ ସଂଗଠନ**

## ବୋରୱେଲରେ ପଡ଼ି ଶିଶୁକନ୍ୟାର ଗଲା ଜୀବନ



ପୁରୀ, ୧୩।୨: ଏକ ଦୁଃଖଦ ଘଟଣାକ୍ରମେ, ଶୁକ୍ରବାର ଅପରାହ୍ନରେ ପୁରୀ ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନା ପରିସରରେ ଏକ ଖୋଲା ବୋରୱେଲରେ ପଡ଼ି ଜଣେ ଦେଢ଼ ବର୍ଷର ଶିଶୁକନ୍ୟାର ମୃତ୍ୟୁ ଘଟିଛି। ମୃତକଙ୍କ ନାମ ନରେନ୍ଦ୍ର କୋଣ ଅଞ୍ଚଳର ମଙ୍ଗଳା ସାହିର ଅଜୟ ନାୟକଙ୍କ ଝିଅ ସମାୟରା ନାୟକ ବୋଲି ଚିହ୍ନଟ କରାଯାଇଛି। ସେ ଡାକ୍ତରଖାନା ନିକଟରେ ଥିବା ତାଙ୍କ ମାମୁଙ୍କ ଘରକୁ ଭେଟିବାକୁ ରାୟବାହାଦୁର ଲେନକୁ ଆସିଥିଲା ।ଖବର ଅନୁଯାୟୀ, ହସ୍ପିଟାଲ କ୍ୟାମ୍ପସ ମଧ୍ୟରେ ଏକ ନୂତନ କୋଠା ନିର୍ମାଣ ପାଇଁ ସେହି ସ୍ଥାନରେ ଏକ ବୋରୱେଲ ଖୋଳାଯାଇଥିଲା। ବୋରୱେଲଟି ଖୋଲା ପଡ଼ି ରହିଥିଲା । ଶୁକ୍ରବାର ଅପରାହ୍ନରେ, ନିର୍ମାଣ ସ୍ଥାନ ନିକଟରେ ତାଙ୍କ ମାମୁଙ୍କ ଘର ପାଖରେ ଖେଳୁଥିବା ସମୟରେ, ଶିଶୁଟି ଦୁର୍ଘଟଣାବଶତଃ ଖୋଲା ବୋରୱେଲରେ ଖସି ପଡ଼ିଥିଲା ବୋଲି କୁହାଯାଇଛି। ପରିବାର ସଦସ୍ୟ ଏବଂ ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରିବାକୁ ଧାଇଁ ଆସିଥିଲେ, ହେଁ କିନ୍ତୁ ତାଙ୍କୁ ବଞ୍ଚାଇ ପାରି ନ ଥିଲେ ।ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ନିର୍ମାଣ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା ଏବଂ ଏପରି ଦୁର୍ଘଟଣାକୁ ରୋକିବା ପାଇଁ ପର୍ଯ୍ୟାପ୍ତ ସତର୍କତା ଅବଲମ୍ବନ କରାଯାଇଥିଲା କି ନାହିଁ ସେ ବିଷୟରେ ଏବେ ସାଧାରଣଣେ ପ୍ରଶ୍ନ ଉଠାଯାଉଛି।

ନବପ୍ରଭାତ





# ଧନ, କ୍ଷମତା ଓ ଜୀବନର ସୀମା

**ଆଧୁନିକ ସମାଜରେ ମଣିଷ ଧନ, କ୍ଷମତା ଓ ସମ୍ପତ୍ତିର ପଛରେ ଦୌଡ଼ି ଚାଲିଛି। ଯେତେବେଳେ କେହି ଅପର୍ଯ୍ୟାପ୍ତ ଧନ ହାସଲ କରିଥାଏ କିମ୍ବା କ୍ଷମତାର ଶିଖରରେ ପହଞ୍ଚିଥାଏ, ସେ ନିଜକୁ ଅନ୍ୟମାନଙ୍କଠାରୁ ଶକ୍ତିଶାଳୀ, ବୁଦ୍ଧିମାନ୍ ଓ ବଳବାନ୍ ଭାବିବାକୁ ଆରମ୍ଭ କରିଦିଏ। ହେଲେ ଏହି ଧନ, ଜନ, ଯୌବନ, ସମ୍ପତ୍ତି, ପ୍ରତିପତ୍ତି ଓ କ୍ଷମତାର ଏକ ନିର୍ଦ୍ଦିଷ୍ଟ ସୀମା ଅଛି। ଏହି ସତ୍ୟକୁ ବୁଝିବା ଆବଶ୍ୟକ, ଯାହା ଆମର ଜୀବନଧାରଣକୁ ଅଧିକ ଅର୍ଥପୂର୍ଣ୍ଣ କରିପାରିବ। ଅହଂକାରର ଏହି ଆବରଣ ତାକୁ ଏଭଳି ଆଚ୍ଛାଦିତ କରିଦିଏ ଯେ, ସେ ଭୁଲିଯାଏ ପୃଥିବୀରେ ପ୍ରତିଟି ବସ୍ତୁର ଏକ ସମାପ୍ତି ଅଛି। ଜୀବନର ଏକ ସୀମା ପରେ ସମସ୍ତେ ଅସମର୍ଥ ଓ ଅସହାୟ ହୋଇପଡ଼ନ୍ତି।**



## ଦୟା ଏବଂ ଭଲପାଇବା ହିଁ ବାସ୍ତବ ସମ୍ପତ୍ତି

ଭାରତୀୟ ଦର୍ଶନରେ ଏହି ସତ୍ୟକୁ ବହୁତ ପୂର୍ବରୁ ବୁଝାଯାଇଛି। ଭଗବଦ୍ ଗୀତାରେ ଭଗବାନ୍ ଶ୍ରୀକୃଷ୍ଣ କହିଛନ୍ତି ଯେ ଏହି ସଂସାର ଅନିତ୍ୟ, ଏହାର ସମସ୍ତ ବସ୍ତୁ ନଶ୍ୱର। ଧନ, ଯୌବନ ଓ ପ୍ରତିପତ୍ତି ସବୁ କ୍ଷଣିକ। ଓଡ଼ିଆ ସାହିତ୍ୟରେ ମଧ୍ୟ ଏହି ବିଷୟକୁ ବାରମ୍ବାର ଉଲ୍ଲେଖ କରାଯାଇଛି। ଭକ୍ତକବି ଭୀମ ଭୋଇଙ୍କ ରଚନାରେ ମଣିଷର ଅହଂକାର ଓ ତା'ର ପରିଣାମକୁ ବର୍ଣ୍ଣନା କରାଯାଇଛି। ସେ କହନ୍ତି ଯେ ଧନୀ ହୋଇ ମଣିଷ ଅନ୍ୟକୁ ହେୟ ଭାବିଥାଏ, ହେଲେ ମୃତ୍ୟୁ ସମସ୍ତଙ୍କୁ ସମାନ କରିଦିଏ। ଏହି ଦର୍ଶନ ଆମକୁ ସ୍ମରଣ କରାଉଛି ଯେ ଜୀବନର ପ୍ରକୃତ ମୂଲ୍ୟ ଧନରେ ନୁହେଁ, ବରଂ କର୍ମ ଓ ଆତ୍ମଜ୍ଞାନରେ ଅଛି। ଜୀବନର ଏକ ନିର୍ଦ୍ଦିଷ୍ଟ ସୀମା ପରେ ସମସ୍ତେ ଅସମର୍ଥ। ବୃଦ୍ଧାବସ୍ଥା ଏବଂ ମୃତ୍ୟୁ ଏଭଳି ଦୁଇଟି ସତ୍ୟ, ଯାହା ପାଖରେ ଧନୀ-ଦରିଦ୍ର, ଜ୍ଞାନୀ-ମୂର୍ଖ ସମସ୍ତେ ସମାନ। ସେହି ସମୟରେ ବ୍ୟକ୍ତିର ସାଥୀ ହୁଏ କେବଳ ତା'ର ସୁକର୍ମ। ଅନ୍ୟମାନଙ୍କ ପ୍ରତି କରିଥିବା ଦୟା ଏବଂ ଭଲପାଇବା ହିଁ ବାସ୍ତବ ସମ୍ପତ୍ତି ଭାବେ ଉଭା ହୁଏ। କ୍ଷମତାର ଅହଂକାରରେ ବୁଡ଼ି ରହିଥିବା ମଣିଷ ଶେଷ ସମୟରେ ଅତ୍ୟନ୍ତ ଅସହାୟ ବୋଧ କରେ, କାରଣ ସେ ବୁଝିପାରେ ଯେ ସେ ଯାହାକୁ 'ନିଜର' ବୋଲି ଭାବୁଥିଲା, ସେଥିରୁ କିଛି ବି ତା' ସହିତ ଯିବ ନାହିଁ।



## ମୃତ୍ୟୁକୁ ସ୍ୱୀକାର କରିବାକୁ ପଡ଼େ

ଯୌବନ ମଧ୍ୟ ଏକ କ୍ଷଣିକ ବସ୍ତୁ। ଯୁବକଯୁବତୀମାନେ ନିଜର ବଳ ଓ ସୌନ୍ଦର୍ଯ୍ୟକୁ ନେଇ ଗର୍ବ କରନ୍ତି, ହେଲେ ବୟସ ବଢ଼ିବା ସହ ଏହା ହ୍ରାସ ପାଏ। ବିଜ୍ଞାନ ଏହାକୁ ପ୍ରମାଣ କରିଛି ଯେ ମଣିଷର ଶରୀରର ଏକ ନିର୍ଦ୍ଦିଷ୍ଟ ସୀମା ଅଛି। ଡାକ୍ତରୀ ବିଜ୍ଞାନ ଅନୁସାରେ, ମଣିଷର ଆୟୁଷ ସର୍ବାଧିକ ୧୨୦ ବର୍ଷ ପର୍ଯ୍ୟନ୍ତ ହୋଇପାରେ, ହେଲେ ଧନ କିମ୍ବା କ୍ଷମତା ଏହାକୁ ଅନନ୍ତ କରିପାରେ ନାହିଁ। ଅନେକ ଧନୀ ବ୍ୟକ୍ତି ଆଧୁନିକ ଚିକିତ୍ସା ଦ୍ୱାରା ଜୀବନ ବଢ଼ାଇବାକୁ ଚେଷ୍ଟା କରନ୍ତି, ହେଲେ ଶେଷରେ ସେମାନେ ମଧ୍ୟ ମୃତ୍ୟୁକୁ ସ୍ୱୀକାର କରିବାକୁ ପଡ଼େ। ଏହି ସତ୍ୟ ଆମକୁ ଶିଖାଉଛି ଯେ ଜୀବନର ପ୍ରକୃତ ଉଦ୍ଦେଶ୍ୟ ଧନ ସଞ୍ଚୟରେ ନୁହେଁ, ବରଂ ଅନ୍ୟମାନଙ୍କ ସେବା ଓ ଆତ୍ମବିକାଶରେ ଅଛି। ଯେତେବେଳେ ଶରୀର ରୋଗାଗ୍ରସ୍ତ ହୁଏ, ସେତେବେଳେ କୋଟି କୋଟି ଟଙ୍କାର ସମ୍ପତ୍ତି ମଧ୍ୟ ଜଣେ ବ୍ୟକ୍ତିକୁ ଗୋଟିଏ ମୁହୂର୍ତ୍ତର ଅଧିକ ଆୟୁ ଦେଇପାରେ ନାହିଁ। ସେହି ସମୟରେ ହିଁ ଅନୁଭବ ହୁଏ ଯେ, ଯେଉଁ କ୍ଷମତା ପାଇଁ ସେ ଦିନେ ଅନ୍ୟକୁ ତୁଚ୍ଛ ମଣୁଥିଲା, ଆଜି ସେହି କ୍ଷମତା ତା'ର ଶାରୀରିକ ଯନ୍ତ୍ରଣା ଆଗରେ ହାର୍ ମାନିଛି।

## ବିଶ୍ୱବିଜୟୀ ମଧ୍ୟ ଖାଲି ହାତରେ ଯାଉଛି

ମଣିଷ ପାଖରେ ଯେତେବେଳେ କ୍ଷମତା ଆସେ, ସେ ଅନୁଭବ କରେ ଯେ ସେ ସମୟକୁ ମଧ୍ୟ ନିଜ ମୁଠାରେ ରଖିପାରିବ। ଧନର ଝଙ୍କାରରେ ସେ ବିବେକର ସ୍ୱରକୁ ଚାପିଦିଏ। ଇତିହାସ ସାକ୍ଷୀ ଅଛି, ଅନେକ ଶକ୍ତିଶାଳୀ ଶାସକ ନିଜକୁ 'ଈଶ୍ୱର' ବୋଲି ଘୋଷଣା କରିଛନ୍ତି। ସେମାନେ ଭାବିଛନ୍ତି ଯେ ସେମାନଙ୍କର ସୈନ୍ୟବଳ ଏବଂ ବାହୁବଳ ସେମାନଙ୍କୁ ଅଜେୟ କରି ରଖିବ। କିନ୍ତୁ ପ୍ରକୃତ ସତ୍ୟ ହେଉଛି, ଯୌବନର ତେଜ ଏବଂ କ୍ଷମତାର ଉନ୍ମାଦନା କେବଳ ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ସୀମିତ। ଉଦାହରଣ ସ୍ୱରୂପ ଆଲେକ୍‌ଜାଣ୍ଡର ଦ ଗ୍ରେଟ୍‌ଙ୍କୁ ନିଅନ୍ତୁ। ସେ ସମଗ୍ର ବିଶ୍ୱକୁ ଜୟ କରିଥିଲେ, ଅପାର ଧନ ଓ ସୈନ୍ୟବଳର ମାଲିକ ଥିଲେ। ହେଲେ ମାତ୍ର ୩୨ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହୋଇଗଲା। ତାଙ୍କର ଧନ କିମ୍ବା କ୍ଷମତା ତାଙ୍କୁ ମୃତ୍ୟୁରୁ ରକ୍ଷା କରିପାରିଲା ନାହିଁ। ଯଦି ଧନ ଏବଂ ସୈନ୍ୟବଳ ସବୁକିଛି ହୋଇଥାନ୍ତା, ତେବେ ପୃଥିବୀ ଜୟ କରିଥିବା ଆଲେକ୍ସଜାଣ୍ଡାର୍ କେବେ ମରିନଥାନ୍ତେ। ମୃତ୍ୟୁ ଶଯ୍ୟାରେ ସେ କହିଥିଲେ, 'ମୋର ଦୁଇ ହାତ ଖାଲି ରଖିବ, ଯେମିତି ଦୁନିଆ ଦେଖିବ ଯେ ବିଶ୍ୱବିଜୟୀ ମଧ୍ୟ ଖାଲି ହାତରେ ଯାଉଛି।' ରାବଣର ସୁନା ଲଙ୍କା କିମ୍ବା ମୋଗଲ ସମ୍ରାଟମାନଙ୍କର ବିଶାଳ ସାମ୍ରାଜ୍ୟ ଆଜି କେବଳ ଇତିହାସର ପୃଷ୍ଠାରେ ସୀମିତ। ସେହିପରି ନେପୋଲିଅନ୍ ବୋନାପାର୍ଟ, ଯିଏ ଇଉରୋପର ବହୁ ଅଂଶକୁ ନିୟନ୍ତ୍ରଣ କରିଥିଲେ, ଶେଷରେ ଏକାକୀ ଓ ଅସହାୟ ହୋଇ ମରିଗଲେ। କାଳର କରାଳ ଚକ୍ରରେ ସବୁ ସମ୍ରାଟ, ସବୁ ବଳବାନ୍ ବ୍ୟକ୍ତି ଶେଷରେ ମାଟିରେ ମିଶିଛନ୍ତି। ଏହି ଉଦାହରଣଗୁଡ଼ିକ ପ୍ରମାଣ କରୁଛି ଯେ ଧନ ଓ କ୍ଷମତାର ସୀମା ଅଛି, ଯାହା ପାର୍ ହୋଇଗଲେ ସବୁ ନିରର୍ଥକ ହୋଇଯାଏ।





## ଧନ କେବଳ ସାଧନ, ନୁହେଁ ଉଦ୍ଦେଶ୍ୟ

ଆଧୁନିକ ଯୁଗରେ ଏହି ସମସ୍ୟା ଅଧିକ ପ୍ରକଟ। ବିଲିୟନେୟାରମାନେ ମଧ୍ୟ ବୟସର ସୀମା ଓ ସ୍ୱାସ୍ଥ୍ୟର ସମସ୍ୟାରୁ ମୁକ୍ତ ନୁହନ୍ତି। ନିକଟରେ ହୋଇଥିବା ଅନେକ ଘଟଣା ଏହାକୁ ପ୍ରମାଣ କରୁଛି। ଭାରତର ଜଣେ ପ୍ରମୁଖ ବ୍ୟବସାୟୀ ରତନ୍ ଟାଟାଙ୍କୁ ନିଅନ୍ତୁ। ସେ ଅପାର ସମ୍ପତ୍ତିର ମାଲିକ ହୋଇଥିଲେ ମଧ୍ୟ ବୟସର ସହ ସଂଘର୍ଷ କରିଛନ୍ତି ଓ ତାଙ୍କର ଜୀବନଦର୍ଶନ ଧନରୁ ଊର୍ଦ୍ଧ୍ୱରେ ରହିଛି। ସେ କହନ୍ତି ଯେ ଧନ କେବଳ ସାଧନ, ନୁହେଁ ଉଦ୍ଦେଶ୍ୟ। ଏହିପରି ରାଜନୀତିରେ ମଧ୍ୟ ଦେଖାଯାଏ। ଅନେକ ନେତା କ୍ଷମତାର ଶିଖରରେ ପହଞ୍ଚି ଅହଂକାରୀ ହୋଇଯାଆନ୍ତି, ହେଲେ ନିର୍ବାଚନରେ ହାରିବା କିମ୍ବା ବୟସର କାରଣରୁ ସେମାନେ ଅସହାୟ ହୋଇପଡ଼ନ୍ତି। ବୃଦ୍ଧାବସ୍ଥା ଏବଂ ମୃତ୍ୟୁ ଏଭଳି ଦୁଇଟି ସତ୍ୟ, ଯାହା ପାଖରେ ଧନୀ-ଦରିଦ୍ର, ଜ୍ଞାନୀ-ମୂର୍ଖ ସମସ୍ତେ ସମାନ। ସେହି ସମୟରେ ବ୍ୟକ୍ତିର ସାଥୀ ହୁଏ କେବଳ ତା'ର ସୁକର୍ମ। ଅନ୍ୟମାନଙ୍କ ପ୍ରତି କରିଥିବା ଦୟା ଏବଂ ଭଲପାଇବା ହିଁ ବାସ୍ତବ ସମ୍ପତ୍ତି ଭାବେ ଉଭା ହୁଏ।

## ମାନବିକତା ବଞ୍ଚାଇ ରଖିବା ହିଁ ଶ୍ରେଷ୍ଠତା



ତେବେ ଏହି ସତ୍ୟକୁ ବୁଝି ଆମେ କ'ଣ କରିପାରିବା ? ପ୍ରଥମେ, ଆମେ ଧନ ଓ କ୍ଷମତାକୁ ସାଧନ ଭାବରେ ବ୍ୟବହାର କରିବା ଉଚିତ, ନୁହେଁ ଉଦ୍ଦେଶ୍ୟ ଭାବରେ। ଦ୍ୱିତୀୟତଃ, ଆତ୍ମଜ୍ଞାନ ଓ ଆଧ୍ୟାତ୍ମିକତାକୁ ବଢ଼ାଇବା ଆବଶ୍ୟକ। ଯୋଗ, ଧ୍ୟାନ ଓ ପରୋପକାର ଦ୍ୱାରା ଆମେ ଜୀବନର ପ୍ରକୃତ ମୂଲ୍ୟ ବୁଝିପାରିବା। ତୃତୀୟତଃ, ସମାଜରେ ସମାନତା ପ୍ରତିଷ୍ଠା କରିବାକୁ ଚେଷ୍ଟା କରିବା। ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାର ବିକାଶ ଦ୍ୱାରା ଆମେ ଏହି ଅସମାନତା ହ୍ରାସ କରିପାରିବା। ଜୀବନର ପ୍ରକୃତ ମୂଲ୍ୟ ଧନ କିମ୍ବା କ୍ଷମତାରେ ନାହିଁ, ବରଂ ଏହାର ସଠିକ ବ୍ୟବହାରରେ ଅଛି। ସୀମିତ ସମୟ ଏବଂ ସୀମିତ ସାମର୍ଥ୍ୟ ମଧ୍ୟରେ ଅନ୍ୟର ସେବା କରିବା ଏବଂ ମାନବିକତା ବଞ୍ଚାଇ ରଖିବା ହିଁ ଶ୍ରେଷ୍ଠତା। ମନେରଖିବା ଉଚିତ ଯେ, ଆମେ ଏହି ପୃଥିବୀର ମାଲିକ ନୁହେଁ, ବରଂ କିଛି ଦିନ ପାଇଁ ଆସିଥିବା ପଥିକ ମାତ୍ର। ଯେଉଁଦିନ ମଣିଷ ନିଜର 'ସୀମା' ବୁଝିଯିବ, ସେଦିନ ସମାଜରୁ ଈର୍ଷା, ଦ୍ୱେଷ ଏବଂ ଅହଂକାରର ଅନ୍ତ ଘଟିବ। - **ଅଖିଳ ତରାଇ,** ଗଞ୍ଜାମ,ମୋ: ୭୭୮୭୦୦୧୦୦୧

# ଜଗନ୍ନାଥ ମନ୍ଦିର ବିଷ୍ଣୁ ମନ୍ଦିରଠାରୁ କାହିଁକି ଭିନ୍ନ ?



**''ନହଂ ବସାମି ବୈକୁଣ୍ଠ ନ ଯୋଗିନାଂ ହୃଦୟେ ନ ଚ ମଦଭକ୍ତା ଯତ୍ର ଗାୟନ୍ତି ତତ୍ର ତିଷ୍ଠାମୀ ନାରଦ''**

ଏହି ଶ୍ଳୋକର ଅର୍ଥ ହେଉଛି ଯେ ଈଶ୍ୱର କେବଳ ବୈକୁଣ୍ଠ କିମ୍ବା ସିଦ୍ଧ ଯୋଗୀଙ୍କ ଭିତରେ ବାସ କରନ୍ତି ନାହିଁ । ବରଂ ଯେଉଁଠାରେ ପ୍ରକୃତ ଭକ୍ତି ଥାଏ ସେଠାରେ ହିଁ ଭଗବାନ ବାସ କରନ୍ତି । ଜଗନ୍ନାଥ ସ୍ୱାମୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ମନ୍ଦିରଗୁଡ଼ିକରେ ଗଭୀର ଭାବରେ ଏହି ସତ୍ୟକୁ ଅନୁଭବ କରାଯାଇଥାଏ । ପୂର୍ବ ଭାରତ ପ୍ରଭୁ ଜଗନ୍ନାଥ ପାଇଁ ପ୍ରସିଦ୍ଧ । ପୂର୍ବ ଭାରତରେ ଥିବା ପ୍ରଭୁ ଜଗନ୍ନାଥଙ୍କ ମନ୍ଦିର ଅନ୍ୟ କୌଣସି ବିଷ୍ଣୁଙ୍କ ମନ୍ଦିର ପରି ନୁହେଁ । ଏଠାରେ ନୀତିନୀତି ଖୁବ୍ ଜୀବନ୍ତ । ଭକ୍ତ ଓ ଭଗବାନଙ୍କ ମଧ୍ୟରେ କୌଣସି ଦୂରତା ନଥାଏ । ଏଠି କେବଳ ଭକ୍ତି ଓ ବିଶ୍ୱାସ ଦେଖାଯାଏ । ଭକ୍ତମାନଙ୍କ ଦ୍ୱାରା ସାଧାରଣତଃ ପାଠ କରାଯାଉଥିବା ଏକ ସାଧାରଣ ନୈବେଦ୍ୟ ଏହି ଭାବନାକୁ ସୂଚିତ କରେ ଯେ,

**''ସମର୍ପୟାମି ସର୍ବସ୍ୱଂ ତ୍ୱୟି ଦେବଂ ଜଗନ୍ନାଥ ହେ ଜଗନ୍ନାଥ ମେ ଆପକୋ ସବକୁଛ ଅର୍ପିତ କରତା ହୁଁ ''**

ଯାହାର ଅର୍ଥ ମୁଁ ମୋର ସମସ୍ତ ସମ୍ପତ୍ତି ତୁମକୁ ସମର୍ପଣ କରୁଛି, ବ୍ରହ୍ମାଣ୍ଡର ପ୍ରଭୁ । ହେ ଜଗନ୍ନାଥ, ମୁଁ ତୁମକୁ ସବୁକିଛି ଅର୍ପଣ କରୁଛି । ଓଡ଼ିଶାର ପୁରୀରେ ଜଗନ୍ନାଥ ସ୍ୱାମୀଙ୍କୁ ଭଗବାନ ବିଷ୍ଣୁଙ୍କ ଏକ ରୂପ ଭାବରେ ପୂଜା କରାଯାଏ । ସିଦ୍ଧତା, ଶୃଙ୍ଖଳା ଦାବି କରାଯାଏ ନାହିଁ । ସେ କେବଳ ସମର୍ପଣ ଏବଂ ଭକ୍ତି ଦାବି କରନ୍ତି । ଭଗବାନ ବିଷ୍ଣୁଙ୍କୁ ରକ୍ଷାକର୍ତ୍ତା ଭାବରେ ପୂଜା କରାଯାଏ । ଯିଏ ନିୟମ, ଧର୍ମ ଏବଂ ଗଠନ ମାଧ୍ୟମରେ ସନ୍ତୁଳନ ଆଣିବାରେ ସାହାଯ୍ୟ କରନ୍ତି । ସେହିପରି ଜଗନ୍ନାଥଙ୍କୁ ଜଗତର ଠାକୁର ଭାବରେ ପୂଜା କରାଯାଏ । ତାଙ୍କ ନାମର ଆକ୍ଷରିକ ଅର୍ଥ ହେଉଛି ସୃଷ୍ଟିର ପ୍ରଭୁ, କିନ୍ତୁ ବାସ୍ତବରେ ଏହାର ଅର୍ଥ ହେଉଛି ସେ ସମସ୍ତଙ୍କର ପ୍ରଭୁ ।



ଜଗନ୍ନାଥ ସ୍ୱାମୀଙ୍କ ପୂଜାରେ ପଦକ୍ରମର କୌଣସି ସ୍ଥାନ ନାହିଁ । ତାଙ୍କ ସହିତ ଜଡିତ ଅନେକ ପରମ୍ପରାରେ, ପୁରୋହିତ, ରାଜା, ସାଧାରଣ ଲୋକ ଏବଂ ଆନୁଷ୍ଠାନିକ ସାମାଜିକ ବ୍ୟବସ୍ଥା ବାହାରେ ଥିବା ଲୋକ ସମସ୍ତଙ୍କୁ ସମାନ ଭାବରେ ଦେଖାଯାଏ । ତାଙ୍କ ଉପସ୍ଥିତି କେବଳ ବିଶ୍ୱାସରେ ହିଁ ଅନୁଭୂତ ହୁଏ ।

ଅନେକ ବିଷ୍ଣୁ ମନ୍ଦିର ଶାସ୍ତ୍ରୀୟ ସୌନ୍ଦର୍ଯ୍ୟ ସହିତ ଖୋଦିତ ହୋଇଛି । ଜଗନ୍ନାଥ ସ୍ୱାମୀଙ୍କ ମୂର୍ତ୍ତି ଏହାର ବିପରୀତ । ଜଗନ୍ନାଥଙ୍କ ଅଧାଗଢା ଦେହ, ଗୋଲ ଆଖି ଏବଂ କାଠ ଶରୀର ସମସ୍ତଙ୍କୁ ଆକର୍ଷିତ କରେ । ଏହା ଇତିହାସର ସଂଯୋଗ ନୁହେଁ ବରଂ ଏକ ଧାର୍ମିକ ବାର୍ତ୍ତା ।

ଅନେକ ଲୋକ ସୁରକ୍ଷା, ସମୃଦ୍ଧି ଏବଂ ମଙ୍ଗଳ ପାଇଁ ବିଷ୍ଣୁ ମନ୍ଦିରକୁ ଯାଆନ୍ତି । କିନ୍ତୁ ଜଗନ୍ନାଥଙ୍କୁ ମାଗିବା ଅପେକ୍ଷା ଭାବପ୍ରବଣ ଅର୍ପଣ ଉପରେ ଗୁରୁତ୍ୱ ଦିଆଯାଇଛି । ଏହା ଭକ୍ତିକୁ ଦୁର୍ବଳ କରେ ନାହିଁ, ବରଂ ଏହାକୁ ଆହୁରି ଗଭୀର କରିଥାଏ । ଭକ୍ତମାନେ ସାଧାରଣତଃ ଅନୁଭବ କରନ୍ତି ଯେ ଜଗନ୍ନାଥ ଫଳାଫଳ ନିଶ୍ଚିତ କରନ୍ତି ନାହିଁ । ବରଂ ଅନିଶ୍ଚିତତା ସମୟରେ ସେମାନଙ୍କ ସହିତ ଠିଆ ହୁଅନ୍ତି । ଏହି ଭାବପ୍ରବଣ ଦୃଷ୍ଟିକୋଣ ପ୍ରାର୍ଥନାର ଅଭିଜ୍ଞତାକୁ ପରିବର୍ତ୍ତନ କରିଥାଏ ।

ଅନେକ ମନ୍ଦିରରେ ନିର୍ଦ୍ଦିଷ୍ଟ ରୀତିନୀତି ବଜାୟ ରଖାଯାଇଥାଏ । କିନ୍ତୁ ଏଠାରେ ଦେବତାଙ୍କୁ ସ୍ନାନ କରାଯାଏ, ପୋଷାକ ପିନ୍ଧାଯାଏ, ବିଶ୍ରାମ କରାଯାଏ, ବାହ୍ୟ କରାଯାଏ, ଏବଂ ପ୍ରତୀକାତ୍ମକ ଭାବରେ ନବୀକରଣ କରାଯାଏ । କିନ୍ତୁ ଜଗନ୍ନାଥ ସ୍ୱାମୀଙ୍କ ଭକ୍ତମାନେ କୁହନ୍ତି ଯେ, ଶାରୀରିକ ଭାବରେ ଅପ୍ରାପ୍ତ ହେଲେ ମଧ୍ୟ, ସେ ନିକଟତରତାର ଭାବନା ପ୍ରଦାନ କରନ୍ତି। ଏପରି ସମୟ ଆସେ ଯେତେବେଳେ ଦେବତା ଶାରୀରିକ ଭାବରେ ଉପସ୍ଥିତ ନଥାନ୍ତି, ତଥାପି ଭକ୍ତି ଦୁର୍ବଳ ହୁଏ ନାହିଁ ।

ଜଗନ୍ନାଥ ସ୍ୱାମୀଙ୍କ ପ୍ରତି ଭକ୍ତି ଭକ୍ତମାନଙ୍କୁ ନିରନ୍ତର ଆଶ୍ୱାସନା ବିନା ତାଙ୍କ ସହିତ ଯୋଡ଼ି ହୋଇ ରହିବାକୁ ଶିଖାଏ । ଏହି ବନ୍ଧନ ଆଭ୍ୟନ୍ତରୀଣ ଭାବରେ ବିକଶିତ ହୁଏ । ସମୟ ସହିତ, ଜଣେ ଶାନ୍ତ, ବିଶ୍ୱାସ ଉପରେ କମ୍ ନିର୍ଭରଶୀଳ ଏବଂ ଭାବପ୍ରବଣ ଭାବରେ ପରିପକ୍ୱ ବ୍ୟକ୍ତି ବିଶ୍ୱାସ ବିକଶିତ କରେ । ବିଷ୍ଣୁଙ୍କ ପୂଜା ସାଧାରଣତଃ ବ୍ୟକ୍ତିଗତ ମୋକ୍ଷ ଏବଂ ଆଧ୍ୟାତ୍ମିକ ଉନ୍ନତି ଉପରେ ଗୁରୁତ୍ୱ ଦିଏ, ଜଗନ୍ନାଥଙ୍କ ପୂଜା ସାମୂହିକତା ଉପରେ ଧ୍ୟାନ ଦିଏ । ଜଗନ୍ନାଥ ମନ୍ଦିରଗୁଡ଼ିକ କାହିଁକି ସ୍ୱତନ୍ତ୍ର, ତାହାର ସବୁଠାରୁ ଗଭୀର କାରଣ ହେଉଛି ଯେ ଏଗୁଡ଼ିକ ବାସ୍ତବତାର ସାମ୍ନା କରନ୍ତି ନାହିଁ। ଏମାନେ ଜୀବନର ଦୁଃଖ, ଅଭାବ କିମ୍ବା ଅନିଶ୍ଚିତତାକୁ ଅସ୍ୱୀକାର କରନ୍ତି ନାହିଁ। ବରଂ, ଏମାନେ ସମସ୍ତେ ଭକ୍ତିରେ ବୁଡ଼ି ରହିଛନ୍ତି।



## 'ଡାକିଲେ ଓ' କରନ୍ତି ମା' ବୋଇତରାଣୀ'



**ସତରେ ଆମ ଓଡ଼ିଶାରେ ଏଭଳି ଅନେକ ଲୁକ୍କାୟିତ ପୀଠ ସ୍ଥଳୀ ରହିଛି । ଯାହାକୁ ସ୍ଥାନୀୟ ପ୍ରଶାସନ ଚିହ୍ନଟ କରି ସେଠାରେ ମୌଳିକ ସୁବିଧା ଯୋଗାଇଦେଲେ, ଆମ ରାଜ୍ୟରେ ପର୍ଯ୍ୟଟନସ୍ଥଳୀ ଗୁଡ଼ିକର ବିକାଶ ହୋଇପାରନ୍ତା ।**

ଘଞ୍ଚ ଅରଣ୍ୟରେ ବାସ କରନ୍ତି ମା' ବୋଇତରାଣୀ ଠାକୁରାଣୀ । କିନ୍ତୁ ବିପଦ ପଡିଲେ ଗାଁ ଠାରୁ ସହରର ଭକ୍ତ ଶ୍ରଦ୍ଧାଳୁମାନେ ମା'ଙ୍କ ଆଶିଷ ପାଇଁ ଘଞ୍ଚ ଅରଣ୍ୟକୁ ଧାଇଁ ଆସନ୍ତି । କାହିଁକି ନା ମା'ଙ୍କ ଆଶିଷ ମିଳିଲେ ସବୁ ଦୁଃଖ କଷ୍ଟ କ୍ଷଣିକରେ ଦୂର ହୋଇଯାଏ । ଏଭଳି ଆସ୍ଥା ଓ ବିଶ୍ୱାସକୁ ନେଇ ଅଞ୍ଚଳବାସୀଙ୍କ ସହଯୋଗରେ ଆଜକୁ ଦୀର୍ଘ ୩୩ ବର୍ଷ ଧରି ପ୍ରତିବର୍ଷ ମା'ଙ୍କ ପୀଠରେ ଜଗତ କଲ୍ୟାଣ ପାଇଁ ହୋଇଆସୁଛି ସପ୍ତସତୀ ମହା ବିଶ୍ୱଶାନ୍ତି ମହାଯଜ୍ଞ । କୁହୁଡି, କୁଞ୍ଜୁରୀ, ରତନପୁର, ସୋରଣ, ମାନସିଂହପୁର, ପାରିଓରଡ଼ ସମେତ ଆଖପାଖ ଅଞ୍ଚଳର ଶହଶହ ଭକ୍ତ ଶ୍ରଦ୍ଧାଳୁ ମା'ଙ୍କ ଯଜ୍ଞାନୁଷ୍ଠାନରେ ଉପସ୍ଥିତ ରହି ମାତୃ କୃପା ଲାଭକରନ୍ତି । ଖୋର୍ଦ୍ଧା ଜିଲ୍ଲା କୁହୁଡିଗଡ଼ର ଇତିହାସ ବହୁ ପ୍ରାଚୀନ । ପୂର୍ବ ଦିଗରେ ବିସ୍ତିର୍ଣ୍ଣ ଚିଲିକା ଓ ପଶ୍ଚିମ ଦିଗରେ ଘଞ୍ଚ ଅରଣ୍ୟ । ଏହାରି ମଧ୍ୟରେ ଅବସ୍ଥିତ କୁହୁଡିଗଡ଼ । ସମୟ ଚକ୍ରରେ କୁହୁଡି ଗଡ଼ରେ ଆଉ ସେ ରାଜବାଟି ନାହିଁ ସତ । କିନ୍ତୁ ଏଠାରେ ଅନେକ ଲୋକକଥା ରହିଛି । ଲୋକକଥା ଅଛି କୁଞ୍ଜୁରୀ ଜଙ୍ଗଲ ମଧ୍ୟରେ ଏକ ବିରାଟକାୟ ଓଲଟା ବୋଇତ ସଦୃଶ ପାହାଡ଼ ଦଣ୍ଡାୟମାନ । କୁହୁଡି ଆଖପାଖ ଅଞ୍ଚଳର ବହୁ ଚାଷୀ ଓ ଗରିବ ପରିବାରର ଲୋକମାନେ ନିଜର ଗୁରୁରାଣ ମେଣ୍ଟେଇବା ପାଇଁ ଜଙ୍ଗଲକୁ ଯାଇ ଶଗଡ଼ ଓ ସାଇକେଲ ଯୋଗେ ଜାଳେଣି ସଂଗ୍ରହ କରି ଆଣୁଥିଲେ । ସେମାନେ ପର୍ବତ ପାଦଦେଶ ବାଉଁଶ ମୂଳରେ ଥିବା ମା' ବୋଇତରାଣୀଙ୍କୁ ପୂଜାର୍ଚ୍ଚନା କରୁଥିଲେ । ଏପରିକି ଜଙ୍ଗଲ ମଧ୍ୟରେ କୌଣସି ବିପଦଆପଦ ଆସିଲେ ମା'ଙ୍କୁ ସୁମରୁଥିଲେ । ମା'ଙ୍କୁ ସ୍ମରଣ କରିବା ମାତ୍ରେ ସବୁ ବିପଦ ଟଳି ଯାଉଥିଲା ବୋଲି କୁହନ୍ତି ସ୍ଥାନୀୟ ଲୋକମାନେ । ସେଥିପାଇଁ ତ ଆଜିବି ଯେକୌଣସି ବିପଦ ପଡିଲେ ମା'ଙ୍କ ଶରଣାପନ୍ନ ହୁଅନ୍ତି ଅଞ୍ଚଳବାସୀ । ମା'ଙ୍କ କୃପା ଓ ସ୍ଥାନୀୟ ଅଞ୍ଚଳର ସହଯୋଗରେ, ବାଉଁଶ ବୁଦାରେ ପୂଜା ପାଉଥିବା ମା'ଙ୍କ ସ୍ଥାୟୀ ମନ୍ଦିର ନିର୍ମାଣ ହୋଇଛି । ଦୀର୍ଘ ୩୩ ବର୍ଷ ଧରି ଏଠାରେ ଲଗାତାର ପ୍ରତିବର୍ଷ ସପ୍ତସତୀ ମହାଯଜ୍ଞ ଅନୁଷ୍ଠିତ ହେଉଛି । ଏଠାରେ ଗୋଟିଏ ମନ୍ଦିରରେ ସପ୍ତସତୀ ଠାକୁରାଣୀମାନେ ପୂଜା ପାଆନ୍ତି । ଏଭଳି ମନ୍ଦିର ଦେଖିବାକୁ ବିରଳ । କୁହୁଡି, କୁଞ୍ଜୁରୀ, ରତନପୁର, ସୋରଣ, ମାନସିଂହପୁର, ପାରିଓରଡ଼ ସମେତ ଆଖପାଖ ଅଞ୍ଚଳର ଶହଶହ ଶ୍ରଦ୍ଧାଳୁ ମା'ଙ୍କ ଯଜ୍ଞାନୁଷ୍ଠାନରେ ଉପସ୍ଥିତ ରହି ମାତୃ କୃପା ଲାଭ କରନ୍ତି । ଏହା ସହ ଆନନ୍ଦ ବଜାରରେ ପ୍ରସାଦ ସେବନ କରନ୍ତି । କିନ୍ତୁ ମା'ଙ୍କ ପୀଠରେ ରହିଛି ଅନେକ ସମସ୍ୟା । ତେଣୁ ମା'ଙ୍କ ପୀଠକୁ ଯିବା ପାଇଁ ସ୍ଥାୟୀ ରାସ୍ତା ସହ ବିଦ୍ୟୁତ ସଂଯୋଗ, ପାନୀୟ ଜଳ ଓ ଶୌଚାଳୟ ନିର୍ମାଣ ପାଇଁ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି ସ୍ଥାନୀୟ ବାସିନ୍ଦା । ସତରେ ଆମ ଓଡ଼ିଶାରେ ଏଭଳି ଅନେକ ଲୁକ୍କାୟିତ ପୀଠ ସ୍ଥଳୀ ରହିଛି । ଯାହାକୁ ସ୍ଥାନୀୟ ପ୍ରଶାସନ ଚିହ୍ନଟ କରି ସେଠାରେ ମୌଳିକ ସୁବିଧା ଯୋଗାଇଦେଲେ, ଆମ ରାଜ୍ୟରେ ପର୍ଯ୍ୟଟନସ୍ଥଳୀ ଗୁଡ଼ିକର ବିକାଶ ହୋଇପାରନ୍ତା ।



## ବ୍ଲକସ୍ତରୀୟ ଏକତା ପଦଯାତ୍ରା

ଭାପୁର,(ନିପ୍ର): ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଙ୍କ ୧୫୦ ତମ ଜନ୍ମତିଥି ଉପଲକ୍ଷେ ଭାପୁର ବ୍ଲକ ପ୍ରଶାସନ ତରଫରୁ ଏକତା ପଦଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି।ବ୍ଲକ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ



ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ, ମୁଖ୍ୟଅତିଥି ରୂପେ ଖଣ୍ଡପଡା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କର୍ମଚାରୀ,ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ତଥା ବିଦ୍ୟାଳୟ ଛାତ୍ରଛାତ୍ରୀ ମାନେ ଯୋଗଦେଇ ଭାପୁର ବଜାର ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଷ ହେଉଛି ଜାତୀୟ ଏକତା, ସାମାଜିକ, ସମନ୍ୱୟ ଓ ଦେଶ ପ୍ରେମର ଭାବନାକୁ ସୁଦୃଢ କରି ଅନ୍ୟକୁ ସଚେତନ କରିବା।

## ବିଭିନ୍ନ ଟ୍ରେଡ ୟୁନିୟନ ପକ୍ଷରୁ ଭାରତ ବନ୍ଦ

**ପୁରୀ,(ନିପ୍ର):** ଶ୍ରମିକ ସଂଗଠନ, ବିଭିନ୍ନ ଟ୍ରେଡ ୟୁନିୟନ ପକ୍ଷରୁ ଭାରତ ବନ୍ଦ ପାଳନ କରାଯାଉଛି। ଏହାର ପ୍ରଭାବ ପୁରୀ ସହରରେ ଦେଖିବାକୁ ମିଳିଛି। ଶ୍ରମିକ ସଂଗଠନ, ଟ୍ରେଡ୍ ୟୁନିୟନ ପକ୍ଷରୁ ପୁରୀରେ ମଧ ବନ୍ଦ ପାଳନ କରାଯାଉଛି। ପୁରୀ ବସଷ୍ଟାଣ୍ଡ ନିକଟରେ ବିଭିନ୍ନ ଶ୍ରମିକ ସଂଗଠନ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତିକୁ ନେଇ ବିରୋଧ ପ୍ରଦର୍ଶନ କରୁଛନ୍ତି। ସେପଟେ ବନ୍ଦ ପାଳନ ଯୋଗୁଁ ପୁରୀରୁ ଘରୋଇ ବସ ଚଳାଚଳ ବନ୍ଦ ରହିଛି। ଦୋକାନ ବଜାର, ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଛି।

**ବ୍ରହ୍ମପୁର,(ନିପ୍ର):** ସର୍ବଭାରତୀୟ ଶ୍ରମିକ ସଂଗଠନ ଇଫଟୁ ଦ୍ୱାରା ଅନୁବନ୍ଧିତ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ କାର୍ଯ୍ୟରତ ଆଉଟସୋର୍ସିଙ୍ଗ କର୍ମଚାରୀମାନେ ସର୍ବଭାରତୀୟ ଧର୍ମଘଟରେ ଅଂଶ ଗ୍ରହଣ କରିବା ସହ ମେଡିକାଲ କଲେଜ ମୁଖ୍ୟଦ୍ୱାର ସମ୍ମୁଖରେ ପ୍ରତିବାଦ କରି କେନ୍ଦ୍ର ସରକାରଙ୍କ ଦ୍ୱାରା ଅଣାଯାଇଥିବା ଶ୍ରମିକ କର୍ମଚାରୀ ବିରୋଧି ଚାରି ଶ୍ରମ ସଂହିତାକୁ ବାତିଲ କରିବାକୁ ଦାବି ରଖିଥିଲେ । ବଡ କମ୍ପାନୀଙ୍କ ସ୍ୱାର୍ଥରେ ନାମରେ ପୂର୍ବରୁ ଥିବା ୨୯ଟି ଶ୍ରମ ଆଇନକୁ ବାତିଲ କରି ସରକାର ଶ୍ରମିକଙ୍କ ଅଧିକାରକୁ ଛଡେଇ ନେଇଛନ୍ତି । ଶ୍ରମ ସଂସ୍କାର ନାଁରେ ସରକାର ସହ ୮ଘଣ୍ଟା ପରିବର୍ତ୍ତେ ୧୦ ଘଣ୍ଟା ଶ୍ରମ ଦିବସ ଓ ମହିଳାଙ୍କୁ ରାତ୍ରୀ କାଳୀନ ଡ୍ୟୁଟି ଓ ଫିକ୍ସଡ୍ ଟର୍ମ ଏମ୍ପ୍ଲଇମେଣ୍ଟ ଭଳି କର୍ମଚାରୀ ବିରୋଧୀ ନୀତି ଗୁଡିକୁ ଲାଗୁ କରିବା ଆରମ୍ଭ କରିଛନ୍ତି। ସରକାର ଶ୍ରମିକ ଓ କର୍ମଚାରୀ ବିରୋଧୀ ଉପରୋକ୍ତ ନୀତିକୁ ତୁରନ୍ତ ପ୍ରତ୍ୟାହାର କରିବାକୁ କର୍ମଚାରୀ ଦାବୀ କରିଛନ୍ତି ଓ ସର୍ବ ଭାରତୀୟ ଶ୍ରମିକ ସଂଗଠନମାନଙ୍କ ଡାକରାରେ ଆୟୋଜନ ଆଜିର ଧର୍ମଘଟରେ ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପୌର କାର୍ଯ୍ୟାଳୟ ଆଗରେ ଇଫଟୁ ଅନୁବନ୍ଧିତ କର୍ମଚାରୀ ୟୁନିଅନମାନଙ୍କ ତରଫରୁ ଅଂଶ ଗ୍ରହଣ କରାଯିବା ସହ ସମର୍ଥନ ଦିଆଯାଇଥିଲା।

## ସମାଜସେବୀ ହୃଷିକେଶ ଗୌଡ଼ଙ୍କ ଜନ୍ମ ସମାରୋହ

କାଶୀନଗର,(ନିପ୍ର): କାଶୀନଗର ମିଡ଼ିଆ କ୍ଲବ ସଭାପତି ଆନନ୍ଦ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ କାଶୀନଗରର ଜଣେ ସୁନାମ ଧନ୍ୟ ତଥା ଯୁଗାନ୍ତକାରୀ ପୁରୁଷ ଯେ କି ଏକାଧାରରେ ଜଣେ ସମାଜସେବୀ, ବରିଷ୍ଠ ସାମ୍ବାଦିକ, ରାଜ୍ୟ ଯାଦବ ମହାସଭାର ଉପସଭାପତି, ରାଜ୍ୟ ପାଠାଗାର ମହାସଂଘର ସଭାପତି ହୃଷିକେଶ ଗୌଡ଼ଙ୍କ ୭୪ ତମ ଜନ୍ମ ଦିବସ ସ୍ଥାନୀୟ ବଂଶଧାରା ପାଠାଗାରରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଡ଼ିଓ ଡ଼ମ୍ବରୁ ଧର ମଲ୍ଲିକ, ତହସିଲଦାର ସୁଧୀର କୁମାର ନନ୍ଦ, ସମ୍ମାନିତ ଅତିଥି ଭାବେ ସ୍ଥାନିୟ ଥାନା ଅଧିକାରୀ ତ୍ରିନାଥ ସେଠୀ, ଫରେଷ୍ଟର ବଳରାମ ଶବରଙ୍କ ସହ ଶ୍ରୀ ଗୌଡ଼ଙ୍କୁ ଜନ୍ମ ଦିବସର ଶୁଭେଚ୍ଛା ଦେବା ସହ ଦୀର୍ଘାୟୁ କାମନା କରିଥିଲେ।

## ବିଦ୍ୟାଳୟ ମଧ୍ୟରେ ଆତଙ୍କ ଖେଳେଇଲା ଅଜଣା ଯୁବକ

ମାଲକାନଗିରି,(ହି.ସ.)- ମାଲକାନଗିରି ଜିଲ୍ଲା ସଦର କୁମୁଟି ଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦିନ ପ୍ରାୟ ୩ଟା ସମୟରେ ଏକ ଅଜଣା ଯୁବକ ପାଚେରୀ ଡେଇଁ ହାତରେ ଏକ ଭଙ୍ଗା କାଚ ବୋତଲ ଧରି ସ୍କୁଲ ମଧ୍ୟରେ ପଶି ଭୟର ବାତାବରଣ ସୃଷ୍ଟି କରିଥିଲା। ଦୀର୍ଘ ସମୟ ଧରି ସେ ଛାତ୍ର ଛାତ୍ରୀ ତଥା ସ୍କୁଲ ଶିକ୍ଷକ ମାନଙ୍କ ଉପରେ ଆଘାତ କରିବାକୁ ଚେଷ୍ଟା କରୁଥିଲା । ପ୍ରାୟ ଅଧ ଘଣ୍ଟା ଧରି ଏପରି ଚାଲିଥିବା ବେଳେ ଶେଷରେ ଶିକ୍ଷକ ଶ୍ରୀଧର ସାହୁ ନିଜ ଜୀବନକୁ ବାଜି ଲଗାଇ ଉକ୍ତ ଯୁବକ ହାତରୁ ଭଙ୍ଗା କାଚ ବୋତଲ ଛଡେଇ ନେଇଥିଲେ । ଥାନାକୁ ଫୋନ୍ କରିଥିଲେ। ପୋଲିସ ଆସିବା ଭିତରେ ଉକ୍ତ ଯୁବକ ଜଣକ ସେଠାରୁ ଦଉଡ଼ି ପଳାଇଥିଲେ। ଘଟଣାକୁ ନେଇ ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଲକ୍ଷ୍ମୀ ରାଣୀ କୀର୍ତ୍ତନିୟା ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ନେଇ ସୂଚନା ଦେଇଛନ୍ତି। ପୋଲିସ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଉକ୍ତ ଯୁବକ ଉପରେ ଶକ୍ତ କାର୍ଯ୍ୟାନୁଷ୍ଠାନ ନେବା ସହ ଆଗାମୀ ଦିନରେ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନ ହେବ ସେନେଇ ଅଭିଭାବକମାନେ ଦାବି କରିଛନ୍ତି।

# ସୃଜନଶୀଳତାର ବିକାଶ ଉପରେ ଗୁରୁତ୍ୱ

ରମ୍ଭା,(ନିପ୍ର): ପିଏମଶ୍ରୀ ରମ୍ଭା ସରକାରୀ ଉଚ୍ଚ ବିଦ୍ୟାଳୟରେ ୪୫ ତମ ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରାଙ୍କ ସଭାପତିତ୍ୱରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଭିତରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପ୍ରଫେସର ଡ଼ଃ ପ୍ରଭାତ କୁମାର ମହାପାତ୍ର ( କେନ୍ଦ୍ରୀୟ ସଂସ୍କୃତି ବିଶ୍ୱ ବିଦ୍ୟାଳୟ, ଶ୍ରୀକ୍ଷେତ୍ର ପୁରୀ) ମୁଖ୍ୟବକ୍ତା ପ୍ରଫେସର ଡ଼ଃ ଅମ୍ଳାନଜ୍ୟୋତି ମହାନ୍ତି ) ପ୍ରତିଷ୍ଠାତା ତଥା ସଭାପତି ହେଲଥ ଏଣ୍ଡ ହାରମୋନି ଟ୍ରଷ୍ଟ, ଓଡିଶା), ସମ୍ମାନିତ ବକ୍ତା ରୋଟାରୀଆନ ଡ଼ଃ ପ୍ରଭାକର ତ୍ରିପାଠୀ ( ଅଧକ୍ଷ, ଜିଲ୍ଲା ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ନିମାପଡା, ପୁରୀ), ସମ୍ମାନିତ ଅତିଥି ପ୍ରାକ୍ତନ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ମହାରଣା, ସମ୍ମାନିତ ଅତିଥି ସମାଜସେବୀ ସୁବାଷ ଚନ୍ଦ୍ର ପଣ୍ଡା, ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସବିତା ବେହେରା, ଏବଂ ଉଦଘାଟକ ଭାବେ ପ୍ରାକ୍ତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ରିବନ କାଟି ସର୍ବ ପ୍ରଥମେ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ସାମୁହିକ ପ୍ରଦୀପ ପ୍ରଜ୍ୱଳନ ସହ ମାଲ୍ୟାର୍ପଣ ଏବଂ ପ୍ରାରମ୍ଭିକ ସଂଗୀତ ଗାନକରି ସଭା ଶୁଭାରମ୍ଭ କରିଥିଲେ। ବିଭିନ୍ନ ବକ୍ତା ଉପସ୍ଥିତ ଛାତ୍ର ଛାତ୍ରୀମାନଙ୍କ ଭିତରେ ଥିବା ନବପ୍ରତିଭା, ଶୈକ୍ଷିକ ଦକ୍ଷତା, କ୍ରୀଡା ନୈପୂଣ୍ୟ,ସୃଜନଶିଳତାର ବିକାଶ ଓ ଶିକ୍ଷକ ଶିକ୍ଷୟତ୍ରୀମାନେ ମୋଟା ଅଙ୍କର ଦରମା ପାଉଛ ଛାତ୍ର ଛାତ୍ରୀଙ୍କୁ ଉଚିତ ମାର୍ଗ ଦର୍ଶନ ଦେବା ସହ ନିର୍ଦ୍ଧାରିତ ସମୟ ଭିତରେ ପାଠ ସାରିବାକୁ ପରାମର୍ଶ ଦେଇଥିଲେ। ମଞ୍ଚ ପରିଚାଳନା ଓ ଉପସ୍ଥାପନାରେ ଶିକ୍ଷୟିତ୍ରୀ ରୋଜାଲିନ ମହାପାତ୍ର ଓ ଶିକ୍ଷକ ଆଶିଷ କୁମାର ମହାପାତ୍ର ରହିଥିବା ବେଳେ ବାର୍ଷିକ ବିବରଣୀ ଶିକ୍ଷୟିତ୍ରୀ ଶ୍ରୀୟା ଦେବୀ ସ୍ୱାଇଁ ପଠନ କରିଥିଲେ । କାର୍ଯ୍ୟକ୍ରମର ଅୟମାରମ୍ଭ ପୂର୍ବରୁ ଛାତ୍ରୀମାନଙ୍କ ଦ୍ୱାରା ମଞ୍ଚାସିନ ବ୍ୟକ୍ତିମାନଙ୍କୁ ଉପଢୌକନ ସହ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ତତ୍‌ସହିତ ସାତ ଜଣ ପ୍ରତିଭାଙ୍କୁ ଶିକ୍ଷାନୁଷ୍ଠାନ



ପକ୍ଷରୁ ମଞ୍ଚାସିନ ଅତିଥିମାନଙ୍କ ଦ୍ୱାରା ଉପଢୌକନ ସହ ମାନପତ୍ର ଦେଇ ସମ୍ବର୍ଦ୍ଧନା କରାଯାଇଥିଲା ।

ସମାଜସେବୀ ନରସିଂହ ସୁବୁଦ୍ଧି, ପଞ୍ଚାନନ ଖଟୁଆ, ଆଇନଜୀବୀ ସୁବାଷ ଚନ୍ଦ୍ର ପତି, ସାମ୍ବାଦିକ ସୁଜିତ ବେହେରା, ବନବାସୀ ସେଠୀ ପ୍ରମୁଖ ସମ୍ବର୍ଦ୍ଧିତ ହୋଇଥିଲେ। ବିଦ୍ୟାଳୟର ଶିକ୍ଷକ ଜଗବନ୍ଧୁ ପ୍ରଧାନ, ପ୍ରଶାନ୍ତ କୁମାର ଜେନା, କ୍ରୀଡା ଶିକ୍ଷକ ଅଜିତ କୁମାର ବେହେରା, ତୋଫାନ ଗୌଡ଼, ବିକ୍ରମ ପଲାଇ, ଶିକ୍ଷୟିତ୍ରୀ ଶୁଭଶ୍ରୀ ସାରଳା ପରିଡା, ଅନୀତା ଜେନା, ମାଳତୀ ସାହୁ, ଭୋକେଶନାଲ ଶିକ୍ଷକ ନିହାର ରଞ୍ଜନ ବେହେରା ପୁରସ୍କାର ପ୍ରଦାନରେ ସହଯୋଗ କରିଥିଲେ ଏବଂ କୃଷ୍ଣଚନ୍ଦ୍ର ବାଡତ୍ୟା, ରମେଶ ନାୟକ, ଗୁଣମଣି ବେହେରା ସହଯୋଗ କରିଥିଲେ । ପୂର୍ବରୁ ବିଦ୍ୟାଳୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଉତ୍ତୀର୍ଣ୍ଣ ବକ୍ତୃତା, କ୍ରୀଡା,ବକ୍ତବ୍ୟ, ରଚନା ସମେତ ଛାତ୍ର ଛାତ୍ରୀମାନଙ୍କୁ ଅତିଥିମାନେ ସାର୍ଟିଫିକେଟ ସହ ସିଲ, କପ, ଟ୍ରଫି ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଏସଏମସିର ସମସ୍ତ ସଭ୍ୟାସଭ୍ୟା, ସନ୍ତୋଷ ବେହେରା, ରାମେୟା ପାତ୍ର, ଡମ୍ବରୁ ବେହେରା, ପ୍ରମୋଦିନୀ ବେହେରା, ନିରୁପମା ବେହେରା, ଅଭିଭାବକ, ଅଭିଭାବିକା, ଛାତ୍ରଛାତ୍ରୀ ବୁଦ୍ଧିଜୀବୀ, ଶିକ୍ଷାବିତ ଯୋଗଦାନ କରିଥିଲେ। ପରିଶେଷରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# 'ୟୁଜିସି ଆଇନ -୨୦୨୬ କୁ ଲାଗୁ କରାଯାଉ'

ବଲାଙ୍ଗିର,(ହି.ସ.): ରାଜ୍ୟ ଓବିସି ମଞ୍ଚ ଓଡ଼ିଶାର ଏକ ସାମ୍ବାଦିକ ସମ୍ମିଳନୀ ରାଜ୍ୟ ସଭାପତି ଶଙ୍କର ପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସାମ୍ବାଦିକ ଭବନ ବଲାଙ୍ଗୀର ଠାରେ ଅନୁଷ୍ଠିତ ହୋଇଯାଇଅଛି।

ୟୁଜିସି ଆଇନ ୨୦୨୬ କୁ ସମର୍ଥନ ଜଣାଇ ଏସ୍‌ସିଏସ୍‌ଟି ଓ ଓବିସି ବର୍ଗର ଛାତ୍ରଛାତ୍ରୀ ଓ ଅଭିଭାବକମାନେ ସାରାଦେଶରେ ଆନ୍ଦୋଳନରତ, ଆଜିର ସାମ୍ବାଦିକ ସମ୍ମିଳନୀ ୟୁଜିସି ଆଇନ ୨୦୨୬ କୁ ସମର୍ଥନ ଜଣାଇବାକୁ ଆଜିର ସାମ୍ବାଦିକ ସମ୍ମିଳନୀର ଉଦ୍ଦେଶ୍ୟ ବୋଲି ଶ୍ରୀ ପାତ୍ର ତାଙ୍କ ବକ୍ତବ୍ୟରେ ପ୍ରଦାନ କରିଥିଲେ । ସେ ମଧ କହିଥିଲେ ଯେ, ଗତ ଜାନୁଆରୀ ୨୦୧୬ ରେ ବହୁଚର୍ଚ୍ଚିତ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟ କେମ୍ପସ ରେ ପିଏଚଡି କରୁଥିବା ମେଧାବୀ ଛାତ୍ର ରୋହିତ ଭେମୁଲାଙ୍କ ଜାତି ଭେଦାଭାବ ଜନିତ ଆତ୍ମହତ୍ୟା ଏବଂ ୨୨ ସେ ୨୦୧୯ ଦିନ ପାୟଲ ତଡବୀ ନାମକ ମେଡିକାଲ ଛାତ୍ରୀ ପ୍ରତି ଜାତିଗତ ଭେଦଭାବ ଯୋଗୁଁ ମୁମ୍ବାଇରେ ଆତ୍ମହତ୍ୟା ଏସବୁକୁ ନଜରରେ ରଖି ୧୩ ଜାନୁଆରୀ ୨୦୨୬ ରେ ସୁପ୍ରିମକୋର୍ଟ ୟୁଜିସି ଆଇନ ୨୦୨୬ ଲାଗୁ କରିଥିଲେ, ଏଣୁ ଗଣମାଧମ ଜରିଆରେ ଏହି ୟୁଜିସି ଆଇନ ୨୦୨୬ କୁ ତୁରନ୍ତ ଲାଗୁ କରିବା ନିମନ୍ତେ ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରୁ ବୋଲି ରାଜ୍ୟ କୋଷାଧକ୍ଷ ପ୍ରଦେଶୀ ବିଶ୍ୱାଳ ତାଙ୍କର ବିବୃତି ରଖିଥିଲେ। ଗତ ୨୨ ଜାନୁଆରୀ ୨୦୨୬ ରେ କେନ୍ଦ୍ର ଗୃହ ମନ୍ତ୍ରାଳୟର ଗେଜେଟ ନୋଟିସ ୨୦୨୭ ଫର୍ଦ୍ଦରେ ଓବିସି ବର୍ଗର ଜନଗଣନା ପାଇଁ କୌଣସି କଲମ ନାହିଁ, ଏବଂ ଦେଶର ୫୨ ପ୍ରତିଶତ ଓବିସିଙ୍କୁ କୌଣସି ପ୍ରକାର ସାମ୍ବିଧାନିକ ହକ୍ ଏବଂ ଅଧିକାର ଦେବାପାଇଁ ସରକାର ଚାହୁଁନାହାଁନ୍ତି କି ବୋଲି ରାଜ୍ୟ ସଭାପତି ଶଙ୍କର ପାତ୍ର କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ ସାଙ୍ଗକୁ ଅଭିଯୋଗ କରିଛନ୍ତି। ଯଦି ଓବିସିଙ୍କ ପ୍ରତି ଭେଦଭାବ ରଖି ଟାଳଟୁଳ ନୀତି ଅବଲମ୍ବନ କଲେ ଦେଶରେ ଗଣବିକ୍ଷୋଭ ହେବ । ଏଥିପାଇଁ ସରକାର ଏବଂ ସୁପ୍ରିମକୋର୍ଟ ଉଭୟେ ଦାୟୀ ରହିବେ ବୋଲି ଏହି ସାମ୍ବାଦିକ ସମ୍ମିଳନୀ ମତବ୍ୟକ୍ତ କରିଛନ୍ତି ଓବିସି ମଞ୍ଚର ସଂଯୋଜକ ସରୋଜ କୁମାର ମେଶ୍ରା।

ଏଥିରେ ଓବିସି ମଞ୍ଚ ବଲାଙ୍ଗିର ର ଉପ ସଭାପତି କିଶୋର ଚନ୍ଦ୍ର ସାଏ,ଇଂ.ବେଲାର ସିଂ ଭୋଇ, ମଧୁସୂଦନ ଖେତୀ, ଦୟାନିଧି ପ୍ରଧାନ, ପୁର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଶଙ୍କର୍ଷଣ ପ୍ରଧାନ, ବରିଷ୍ଠ ଆଇନଜୀବୀ ଉମାକାନ୍ତ ସାହୁ,ସୁବାସିନୀ ସାହୁ, ରଶ୍ମି ଜୁଏଡ, ଏମ୍ ବି ଏମ୍ ବଲାଙ୍ଗୀର ଉପସଭାପତି,ତରଣୀ ସେନ ଦିପ, ବରିଷ୍ଠ ଆଇନଜୀବୀ ଦିନେଶ କୁମାର ନାଗ, ଚାଷୀ ନେତା ଶ୍ରୀମାନ ଜତି ପ୍ରଧାନ, ପ୍ରକାଶ ହରିପାଳ ଲଳିତ କୁମାର ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ମାର୍ଚ୍ଚ ୩୧ରେ ମା ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା

ତାଳଚେର,(ନିପ୍ର): ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ଯାତ୍ରା ଓ ୨୨ତମ ଲୋକ ମହୋତ୍ସବ ନିମନ୍ତେ ପ୍ରଥମ ପ୍ରସ୍ତୁତି ବୈଠକ ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ତାଳଚେର ଉପଜିଲ୍ଲାପାଳ ତଥା ହିଙ୍ଗୁଳା ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ସମୀର କୁମାର ଜେନା ଅଧ୍ୟକ୍ଷତା କରିଥିଲେ । ବୈଠକ ଆରମ୍ଭରେ ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀ ଜେନା ତାଳଚେର ରାଜା ସାହେବ ବିଜୟେନ୍ଦ୍ର ଚନ୍ଦ୍ର ଦେବ, ସ୍ଥାନୀୟ ବିଧାୟକ ବ୍ରଜକିଶୋର ପ୍ରଧାନ, ତାଳଚେର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଭରତ ଚନ୍ଦ୍ର ସାହୁ, ତାଳଚେର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଶାନ୍ତ କୁମାର ବରାଳ,ତାଳଚେର ତହସିଲଦାର ଆଲଫା ଜେନାଙ୍କ ସମେତ ଉପସ୍ଥିତ ସମସ୍ତ ସରକାରୀ ଅଧିକାରୀ,ଟ୍ରଷ୍ଟ ବୋର୍ଡ ସଦସ୍ୟ ତଥା ଏମ୍‌ସିଏଲ୍‌ର ଉଚ୍ଚପଦସ୍ଥ ଅଧିକାରୀମାନଙ୍କୁ ସ୍ୱାଗତ କରିଥିଲେ। ଚଳିତ ବର୍ଷ ମା'ଙ୍କ ବାର୍ଷିକ ଯାତ୍ରା ଆସନ୍ତା ମାର୍ଚ୍ଚ ମାସ ୩୧ ତାରିଖ ଠାରୁ ଆରମ୍ଭ ହୋଇ ଅପ୍ରେଲ ମାସ ୮ ତାରିଖରେ ଶେଷ ହେବ ବୋଲି ରାଜଗୁରୁ ପଙ୍କଜ ଲୋଚନ ପତି ପଞ୍ଜିକା ଗଣନା କରି ସ୍ଥିର କରିଥିଲେ। ଟ୍ରଷ୍ଟବୋର୍ଡ଼ ପକ୍ଷରୁ ଏମ୍‌ସିଏଲ୍‌ର ବିଭିନ୍ନ କ୍ଷେତ୍ରକୁ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯିବା ସହ ଯାତ୍ରା ଆରମ୍ଭର ଯଥେଷ୍ଟ ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଉପସ୍ଥିତ ଏମ୍‌ସିଏଲ୍‌ର ସମସ୍ତ କ୍ଷେତ୍ରର ମହାପ୍ରବନ୍ଧକମାନେ ମଧ ସମସ୍ତ କାର୍ଯ୍ୟ ଯାତ୍ରା ପୂର୍ବରୁ ସମାପନ କରିବାକୁ ସମ୍ମତି ପ୍ରଦାନ କରିଥିଲେ । ଚଳିତ ବର୍ଷ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଧ୍ୟାନରେ ରଖି ଗାଡ଼ି ପାର୍କିଂ ସ୍ଥଳଠାରୁ ମନ୍ଦିର ଓ ମା ହିଙ୍ଗୁଳାଙ୍କ ଉଭାସ୍ଥଳ ପର୍ଯ୍ୟନ୍ତ ପାଲ ଟେଣ୍ଟ କରାଯିବ। ତାହା ସହିତ ଯାତ୍ରୀମାନଙ୍କ ନିମନ୍ତେ ବିଶ୍ରାମ କକ୍ଷ, ଅସ୍ଥାୟୀ ଶୌଚାଳୟ, ପ୍ରାଥମିକ ସ୍ୱାସ୍ଥ୍ୟ ଉପଚାର କେନ୍ଦ୍ର ଆଦି ନିର୍ମାଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ମନ୍ଦିର ଓ ଉଭାସ୍ଥଳୀରେ ୨୪ ଘଣ୍ଟିଆ ସିସିଟିଭି କ୍ୟାମେରା ଲଗାଯିବା ସହ ସମସ୍ତ କାର୍ଯ୍ୟକଳାପର ନିରୀକ୍ଷଣ କରାଯିବ । ତାହାସହିତ ମନ୍ଦିର ସମ୍ମୁଖ ରାସ୍ତାକୁ ଓସାରିଆ କରାଯିବା ସହ ମନ୍ଦିରକୁ ସଂଯୋଗ ହେଉଥିବା ଅନ୍ୟ ରାସ୍ତାଗୁଡ଼ିକ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବାକୁ ଉପଜିଲ୍ଲାପାଳ ଶ୍ରୀ ଜେନା ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷ ମା ହିଙ୍ଗୁଳାଙ୍କ ପାଟବରୀ ଉତ୍ସବ ହିଙ୍ଗୁଳା ଯାତ୍ରା ଦିନ ଅନୁଷ୍ଠିତ ହେଉଥିବାରୁ ସେଥିପାଇଁ ସ୍ୱତନ୍ତ୍ର ପୂଜାବିଧି କରାଯିବ ବୋଲି ରାଜଗୁରୁ ଶ୍ରୀ ପତି କହିଥିଲେ । ମନ୍ଦିର, ଯାତ୍ରାସ୍ଥଳ,ଉଭାସ୍ଥଳୀରେ ଚବିଶ ଘଣ୍ଟିଆ ବିଦ୍ୟୁତ ଯୋଗାଣ ପାଇଁ ଏମସିଏଲ, ଟିପିସିଓଡିଏଲକୁ ଟ୍ରଷ୍ଟବୋର୍ଡ଼ ପକ୍ଷରୁ ଅନୁରୋଧ କରାଯାଇଥିଲା। ତାହାସହିତ ମନ୍ଦିର ଚତୁଃପାର୍ଶ୍ୱରେ ଲାଗିଥିବା ଅଚଳ ସୋଲାର ଲାଇଟଗୁଡ଼ିକୁ ତୁରନ୍ତ ମରାମତି କରିବାକୁ ଏନ୍‌ଟିପିସି କର୍ତ୍ତୃପକ୍ଷକୁ ନିର୍ଦ୍ଦେଶ ଦିଆଯାଇଥିଲା । ଚଳିତବର୍ଷ ମା ହିଙ୍ଗୁଳାଙ୍କ ଯାତ୍ରାସ୍ଥଳୀରେ ନଅ ଦିନ ବ୍ୟାପୀ ଲୋକ ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର କୋଣ ଅନୁକୋଣରୁ ପ୍ରତିଷ୍ଠିତ କଳାକାରମାନଙ୍କ ସହ ସ୍ଥାନୀୟ କଳାକାରମାନଙ୍କୁ ମଧ ଏହି ମଂଚରେ ନୃତ୍ୟ ପରିବେଷଣ କରିବାର ସୁଯୋଗ ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ଟ୍ରଷ୍ଟ ବୋର୍ଡ଼ ସଦସ୍ୟ ଜଗନ୍ ମୋହନ ଗଡ଼ନାୟକ, ମୁରଲୀଧର ସାହୁ, ରାଜେନ୍ଦ୍ର କୁମାର ସିଂହ, ଅରୁଣ କୁମାର ପ୍ରଧାନ, ସନ୍ତୋଷ କୁମାର ପ୍ରଧାନ, ସଞ୍ଜୟ କୁମାର ସାହୁ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଭୂୟାଁରୋଇଡା ପଞ୍ଚାୟତ ଗ୍ରାମବାସୀଙ୍କ ପୁରୀଧାମ ଯାତ୍ରା,ବୁଲିବେ ପର୍ଯ୍ୟଟନସ୍ଥଳୀ

କେନ୍ଦୁଝର,(ନିପ୍ର): ରାଜ୍ୟ ତଥା ରାଜ୍ୟ ବାହାରୁ ଦୈନନ୍ଦିନ ଲକ୍ଷାଧିକ ଶ୍ରଦ୍ଧାଳୁ ପୁରୀ ଆସି ଜଗନ୍ନାଥଙ୍କୁ ଦର୍ଶନ କରି ଫେରିଯାଉଥିବା କାହାକୁ ଅଛପା ନାହିଁ । ସେହିପରି ଭାବେ କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଭୂୟାଁରୋଇଡା ଗ୍ରାମ ପଞ୍ଚାୟତର ମହିଳା ସରପଞ୍ଚ ତୁଳସୀ ବବଙ୍ଗାଙ୍କ ଏକ ମହତ କାର୍ଯ୍ୟ ପାଇଁ ବିଭିନ୍ନ ଆଡୁ ପ୍ରଶଂସାର ସୁଅ ଛୁଟୁଛି । ଜୀବନକାଳ ମଧ୍ୟରେ ପୁରୀ ଯାଇନଥିବା ଓ କିଛି ଶ୍ରଦ୍ଧାଳୁଙ୍କ ଇଚ୍ଛାକୁ ଗୁରୁତ୍ୱ ଦେବାକୁ ଯାଇ ସରପଞ୍ଚ ନିଜସ୍ୱ ଉଦ୍ୟମରେ ଓ ନିଜସ୍ୱ ଖର୍ଚ୍ଚରେ ଭୂୟାଁରୋଇଡା ପଞ୍ଚାୟତର ଭୂୟାଁରୋଇଡା, କୁନ୍ଦୁରୁପାଣି, ମୁଣ୍ଡା ବସ୍ତି, ଡି-ବ୍ଲକ, କ୍ୟାମ୍ପ ହଟିଂ,ରୋଇଡା କ୍ୟାମ୍ପ,କ୍ୟାଥ ହଟିଂ ଭଳି ଗ୍ରାମରୁ ପ୍ରାୟ ୭ଶହରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ଭକ୍ତଙ୍କୁ ଟ୍ରେନ ଯୋଗେ ପୁରୀ ନେବାର ସୁବନ୍ଦୋବସ୍ତ କରାଇବା ପରେ ଗ୍ରାମବାସୀ ମାନଙ୍କ ମଧ୍ୟରେ ଖୁସି କହିଲେ ନ ସରେ । ଏହି ୪ ଦିନିଆ ଯାତ୍ରାରେ ପୁରୀଧାମ ସହିତ କୋଣାର୍କ, ଚନ୍ଦ୍ରଭାଗା, ଲିଙ୍ଗରାଜ ମନ୍ଦିର, ଖଣ୍ଡଗିରି, ଉଦୟଗିରି, ନନ୍ଦନକାନନ, ଧଉଳି ଆଦି ବୁଲିବାର କାର୍ଯ୍ୟକ୍ରମ ରହିଛି । ଜୟ ଜଗନ୍ନାଥ ଧ୍ୱନି ଦେଇ ବାଂଶପାଣି ରେଳ ଷ୍ଟେସନରୁ ବଡବିଲ-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ ରେଳ ଯୋଗେ ବୁଧବାର ମଧ୍ୟାହ୍ନରେ ପୁରୀ ଯାତ୍ରା ଆରମ୍ଭ କରିଥିଲେ । ଏହି ଶ୍ରଦ୍ଧାଳୁ ମାନଙ୍କ ନିମନ୍ତେ ଯାତାୟତ,ରହଣୀ ଏବଂ ଖାଇବାର ସମସ୍ତ ଖର୍ଚ୍ଚ ସରପଞ୍ଚ ବହନ କରିବେ । ତେବେ ଶନିବାର ଏହି ଯାତ୍ରୀ ପୁନର୍ବାର ଇଣ୍ଟରସିଟି ରେଳ ଯୋଗେ ବାଂଶପାଣି ରେଳ ଷ୍ଟେସନରେ ପହଞ୍ଚିବେ ବୋଲି ଜଣାପଡିଛି।

# ଢିଲାରେ ଚାଲିଛି ଡାକଘର କାର୍ଯ୍ୟ

ଭାପୁର,(ନିପ୍ର): ଅତୀତରେ ଡାକଘର ଜନସାଧାରଣଙ୍କ ପାଇଁ ଜରୁରୀ ରହିଥିବାବେଳେ ବର୍ତ୍ତମାନ ମୋବାଇଲ ବାହାରିବା ପରେ ଗୌଣ ହୋଇଯାଇଛି। ଚିଠିର ବାର୍ତ୍ତା ପ୍ରେରଣ ହେଉ କି ଟଙ୍କା ପଇସା କାରବାର ସବୁ ମୋବାଇଲ ଦ୍ୱାରା ହେଉଥିବାରୁ ଡାକଘରରେ ଲୋକମାନଙ୍କର କାର୍ଯ୍ୟ କମ୍ ପଡୁଛି । କିନ୍ତୁ,କେତେକ ମୁଖ୍ୟ କାର୍ଯ୍ୟ ରହୁଥିବାରୁ ଜନସାଧାରଣ ଡାକଘର ଯାଉଛନ୍ତି। ଏହି ପରିପ୍ରେକ୍ଷୀରେ,ଭାପୁର ମୁଖ୍ୟ ଡାକଘର ଠାରୁ ଆରମ୍ଭ କରି ପଂଚାୟତ ମାନଙ୍କରେ ଅବସ୍ଥିତ ଉପ - ଡାକଘରର କର୍ମଚାରୀମାନେ ଲୋକଙ୍କ ସେବା ଠାରୁ ଦୂରେଇ ଯାଉଛନ୍ତି। ରାକମା ପଂଚାୟତରେ ଅବସ୍ଥିତ ଉପ-ଡାକଘରଟି ଅଧିକାଂଶ ବନ୍ଦ ହେଉଥିବା ନେଇ ଅଭିଯୋଗ ହୋଇଛି। ଏହି ଡାକଘରର ପୋଷ୍ଟମାଷ୍ଟର କାର୍ଯ୍ୟାଳୟକୁ ବନ୍ଦ କରି ସବୁବେଳେ ଭଡ଼ାଘରେ ରହୁଥିବାବେଳେ ଯେଉଁ ହିତାଧିକାରୀଙ୍କ ଡାକ ଘରେ କାମ ପଡୁଛି ତାଙ୍କୁ ଫୋନ କରି ଡାକିଲେ ସେ କାର୍ଯ୍ୟାଳୟ ଆସି ଲୋକଙ୍କ କଥା ବୁଝୁଛନ୍ତି। ଗୋଟିଏ କେନ୍ଦ୍ରୀୟ କାର୍ଯ୍ୟାଳୟ ଯଦି ଏହିପରି ଭାବରେ ଜନସାଧାରଣଙ୍କୁ ସେବା ଯୋଗାଏ ତେବେ ଧୀରେ ଧୀରେ ଡାକଘର ପ୍ରତି ଲୋକମାନଙ୍କର ଆସ୍ଥା କମିଯିବା ସ୍ୱାଭାବିକ। ତେଣୁ ଡାକଘର ଭଳି ଗୁରୁଦାୟିତ୍ୱ ବହନ କରୁଥିବା ବିଭାଗ ଯଦି ଏହିଭଳି ଦାୟିତ୍ୱହୀନ କାର୍ଯ୍ୟ କରେ ତେବେ ଏହାର ଉପଭୋକ୍ତାମାନେ କାହାକୁ କହିବେ ବୋଲି ସାଧାରଣରେ କୁହାଯାଇଛି।

## ପୂର୍ବ ବିବାଦକୁ କେନ୍ଦ୍ର କରି ଆକ୍ରମଣ: ୨ ଗୁରୁତର

ନିମାପଡ଼ା,(ନି.ପ୍ର.): ପୂର୍ବ ଜମିଜମା ବିବାଦକୁ କେନ୍ଦ୍ର କରି କମଦରୀ ଗ୍ରାମର ଦୁଇ ଅଂଶୀଦାରଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଆକ୍ରମଣ ଓ ପ୍ରତି ଆକ୍ରମଣ ଦ୍ୱାରା ଦୁଇଜଣ ଭିନ୍ନକ୍ଷମ ବ୍ୟକ୍ତି ଗୁରୁତର ଆହତ ହୋଇ ପ୍ରଥମେ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି । ଗ୍ରାମର ପଦ୍ମଚରଣ ରାଉତ ଏବଂ ପଡ଼ୋଶୀ ଦିବାକର ରାଉତଙ୍କ ମଧ୍ୟରେ ଜମିବାଡ଼ିକୁ କେନ୍ଦ୍ର କରି ଦୀର୍ଘଦିନ ଧରି ବିବାଦ ଲାଗିଥିଲେ ମଧ ଗ୍ରାମର ମୁରବୀମାନଙ୍କ ମଧ୍ୟରେ ତାହା ସମାଧାନ ପାଇଁ ଉଦ୍ୟମ କରାଯାଇ ବିଫଳ ହୋଇଥିବା ସୂଚନା ମିଳିଛି । ଉକ୍ତ ବିବାଦକୁ ନେଇ ମଙ୍ଗଳବାର ଦିନି ବାକର ଓ ତାଙ୍କର ପରିବାର ବର୍ଗ ହଠାତ୍ ଭିନ୍ନକ୍ଷମ ଦିବାକରଙ୍କ ଘରେ ପଶି ପାଟିତୁଣ୍ଡ କରି ଆକ୍ରମଣ କରିବାକୁ ସେ ତଳେ ପଡ଼ି ଯାଇଥିଲେ । ଏହା ଦେଖି ତାଙ୍କ ପତ୍ନୀ ଜିନା ରାଉତ (୩୦), ଶାଶୁ ବିନୋଦିନୀ ରାଉତ ଘଟଣାସ୍ଥଳରେ ପହଂଚି ଗଣ୍ଡଗୋଳ ଓ ବାଡ଼ିଆ ବାଡ଼ି ପାଇଁ ବାରଣ କରିବାରୁ ତାଙ୍କ ଲୁଗାପଟା ଭିଟା ଓଟରା କରି ଚିରି ଦେଇଥିଲେ ବୋଲି ବଳଙ୍ଗା ଥାନାରେ ଏତାଲା ଦାୟର କରାଯାଇଛି । ପଦ୍ମଚରଣ ଅଚେତ୍ ଅବସ୍ଥାରେ ପଡ଼ିଥିବା ଦେଖି ଗ୍ରାମବାସୀମାନେ ଆସି ଯିବାରୁ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଯିବା ବେଳେ ସମସ୍ତଙ୍କୁ ଶେଷ କରିଦେବା ପାଇଁ ଧମକ ଚମକ ଦେଇ ଯାଇଥିଲେ ବୋଲି ଏତାଲାରେ ଉଲ୍ଲେଖ ଅଛି । ଜିନାଙ୍କ ଭିନ୍ନକ୍ଷମ ଦିଅର ମିଳନ ରାଉତ ମଧ ଆକ୍ରମଣର ଶିକାର ହୋଇ ବାମ ଗୋଡ଼ ଭାଙ୍ଗି ଯାଇଥିବା ସୂଚନା ମିଳିଛି । ବଳଙ୍ଗା ପୋଲିସ ଏତାଲା ଗ୍ରହଣ କରି ତଦନ୍ତ ଜାରି ରଖିଥିଲେ ମଧ ଆସାମୀଙ୍କୁ ଗିରଫ କରିବାରେ ବିଫଳ ହୋଇଛନ୍ତି ବୋଲି ପରିବାର ବର୍ଗଙ୍କ ପକ୍ଷରୁ ପ୍ରକାଶ । ଏ ସଂକ୍ରାନ୍ତରେ ଗ୍ରା.ପ. ବିଜେପି ସଭାପତି ସୁବାଷ ବେହେରାଙ୍କ ସମେତ କର୍ମୀମାନେ ଗୁରୁବାର ଉପ-ମୁଖ୍ୟମନ୍ତ୍ରୀଙ୍କୁ ଭେଟି ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିବା ପାଇଁ ଦାବି କରିଥିଲେ ।

## 'ଆମ ଗାଁ ଡାକ ମେଳା' ସଚେତନତା

ବୋଲଗଡ,(ନିପ୍ର): ବୋଲଗଡ ବ୍ଲକ ଖଙ୍ଗରିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସଂପୁରଗ୍ରାମସ୍ଥିତ ହରିରାଜପୁର ପ୍ରାଥମିକ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଡାକମେଳା କାର୍ଯ୍ୟକ୍ରମ ସଂପୁର ଶାଖା ଡାକପାଳ ଶରତ କୁମାର ପରିଡ଼ଙ୍କ ଆବାହକତ୍ୱରେ ଓ




ଖୋର୍ଦ୍ଧା ଜିଲ୍ଲା ସହ ଡାକ ଅଧିକ୍ଷକ ଦେବଦତ୍ତ ଜେନାଙ୍କ ସଭାପତିତ୍ୱରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି ।

ଏହି କାର୍ଯ୍ୟକ୍ରମରେ ସହ ଡାକପାଳ ଭାସ୍କର ଚନ୍ଦ୍ର ବେହେରା,ଦୀପ୍ତି ରଞ୍ଜନ ପାଇକରାୟ,ପ୍ରଶାନ୍ତ କୁମାର ପାଇକରାୟ,ମିଳନ କୁମାର ସାହୁ ଏବଂ ସ୍ଥାନୀୟ ଜନ ପ୍ରତିନିଧିମାନେ ପ୍ରମୁଖ ଯୋଗଦେଇ ଡାକ ବିଭାଗର ବିଭିନ୍ନ ଜନ ହିତକର ଯୋଜନା ଯଥା -ସୁ କନ୍ୟା ଯୋଜନା, ଡାକ ଜୀବନ ବୀମା, ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା, କିଷାନ ବିକାଶ ପତ୍ର,ଜାତୀୟ ସଞ୍ଚୟ ପ୍ରମାଣ ପତ୍ର,ଇ -ଶ୍ରମ ସରକାରୀ ସହାୟତା,ଦୀର୍ଘ ମିଆଦି ଜମା ସମେତ ଡିଜିଟାଲ ବ୍ୟାଙ୍କିଙ୍ଗରେ ଆଧାର ସେବା ଆଦି ବିଭିନ୍ନ ଯୋଜନା ଗୁଡିକ ବିଷୟରେ ଜନସାଧାରଣମାନଙ୍କୁ ବୁଝାଇଥିଲେ । କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଉପ ଡାକମଣ୍ଡଳ, ବୋଲଗଡ ବ୍ଲକ ଉପ ଡାକଘର ଅନ୍ତର୍ଗତ ସମସ୍ତ ଶାଖାର ଡାକପାଳ, ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳାମାନଙ୍କ ସମେତ ବହୁ ଜନ ସାଧାରଣମାନେ ଯୋଗଦେଇ ଥିଲେ।

# ଗବେଷଣାଲବ୍ଧ ଜ୍ଞାନ କୃଷକଙ୍କ କଲ୍ୟାଣ ପାଇଁ ପ୍ରୟୋଗ ହେଉ

ଭୁବନେଶ୍ୱର,(ହି.ସ) - ଓଡ଼ିଶାର କୃଷି କ୍ଷେତ୍ରକୁ ଅଧିକ ସମାବେଶୀ ଓ ମହିଳା କୈନ୍ଦ୍ରିକ କରିବା ଦିଗରେ ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଶୁକ୍ରବାର ଭୁବନେଶ୍ୱର ଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଆନ୍ତର୍ଜାତୀୟ ଖାଦ୍ୟ ନୀତି ଅନୁସନ୍ଧାନ ସଂସ୍ଥାନ (ଆଇଏଫପିଆରଆଇ) ଏବଂ ଗେଟ୍ସ ଫାଉଣ୍ଡେସନର ମିଳିତ ସହଯୋଗରେ 'ଜେଣ୍ଡର ରେସପନସିଭ୍ ସେଲ୍‌ର ସାଂଗଠନିକ ସୁଦୃଢ଼ୀକରଣ: ରୂପରେଖ ଓ କାର୍ଯ୍ୟପନ୍ଥା' ଶୀର୍ଷକର ଏକ ପ୍ରାରମ୍ଭିକ କର୍ମଶାଳା ଅନୁଷ୍ଠିତ ହୋଇଛି।

ସୂଚନାଯୋଗ୍ୟ ଯେ, ଗତ ୨୯ ନଭେମ୍ବର ୨୦୨୫ରେ କୃଷି ଭବନଠାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡାଙ୍କ ଦ୍ୱାରା ଏହି ସେଲ୍‌ର ଶୁଭାରମ୍ଭ କରାଯାଇଥିଲା। ଯାହା ରାଜ୍ୟରେ ମହିଳା ନେତୃତ୍ୱାଧୀନ କୃଷି ବିକାଶ ପାଇଁ ସରକାରଙ୍କ ପ୍ରତିବଦ୍ଧତାର ଏକ ଜ୍ୱଳନ୍ତ ନିଦର୍ଶନ । ଏହି ସେଲ୍ (ଜିଆରସି) ମାଧ୍ୟମରେ କୃଷି ବିଧିବ୍ୟବସ୍ଥାରେ ଲିଙ୍ଗଗତ ସମାନତାକୁ କେବଳ ଏକ ଆନୁଷଙ୍ଗିକ ବିଷୟ ନକରି ଏହାକୁ ବିଭାଗର ମୂଳ କାର୍ଯ୍ୟଶୈଳୀରେ ସାମିଲ କରିବାକୁ ଲକ୍ଷ୍ୟ ରଖାଯାଇଛି।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ, ଗତ ବର୍ଷ ଏହି ସେଲ୍‌ର ପ୍ରତିଷ୍ଠା ଓଡ଼ିଶାର କୃଷି ସଂସ୍କାର କ୍ଷେତ୍ରରେ ଏକ ଦୃଢ଼ ସଙ୍କେତ ଥିଲା। ଓଡ଼ିଶା ଏକମାତ୍ର ରାଜ୍ୟ ଯେଉଁଠି ମହିଳାଙ୍କ ନିମନ୍ତେ ଉଦ୍ଦିଷ୍ଟ କୃଷି ଯନ୍ତ୍ରପାତି ବନାଯିବା ନେଇ ଏକ ନିର୍ଦ୍ଦେଶାବଳୀ ପ୍ରଣୟନ କରାଯାଇଛି । ଆଜିର ଏହି କର୍ମଶାଳା ସେହି ପ୍ରତିବଦ୍ଧତାକୁ ବାସ୍ତବ ରୂପ ଦେବା ଏବଂ ଗବେଷଣାଲବ୍ଧ ଜ୍ଞାନକୁ କୃଷକଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନାରେ ପ୍ରୟୋଗ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ମହିଳା ଏବଂ ଶିଶୁ ବିକାଶ ବିଭାଗର କମିଶନର-ତଥା-ସଚିବ ଡକ୍ଟର ମୃଣାଳିନୀ ଦର୍ଶୱାଲ, ଆନ୍ତଃବିଭାଗୀୟ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମହିଳା ସଶକ୍ତିକରଣକୁ କେବଳ ଏକାକୀ ଭାବେ ସଶକ୍ତ କରାଯାଇପାରିବ ନାହିଁ।

ଲିଙ୍ଗଗତ ସମ୍ବେଦନଶୀଳ କକ୍ଷ ମାଧ୍ୟମରେ କୃଷି, ମହିଳା ଏବଂ ଶିଶୁ ବିକାଶ ଏବଂ ତଥ୍ୟ ବ୍ୟବସ୍ଥାରେ ସମନ୍ୱୟ ପାଇଁ ସୁଯୋଗ ସୃଷ୍ଟି କରିବ, ଯାହାକି ମହିଳା ନେତୃତ୍ୱାଧୀନ ବିକାଶକୁ ତ୍ୱରାନ୍ୱିତ କରି ସଫଳ ରୂପାୟନ ଦିଗରେ ସାହାଯ୍ୟ କରିବ। କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର-ତଥା-ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ଏହାକୁ ଏକ ପ୍ରଶାସନିକ ସଂସ୍କାର ଭାବେ ଅଭିହିତ କରି କହିଛନ୍ତି ଯେ, ଏହାଦ୍ୱାରା କୃଷି ବିଧିବ୍ୟବସ୍ଥା ଅଧିକ ଉତ୍ତରଦାୟୀ ଓ ତଥ୍ୟ-ଭିତ୍ତିକ ହୋଇପାରିବ।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଛନ୍ତି ଯେ, କୃଷିର ରୂପାନ୍ତରଣ ପାଇଁ ଶିକ୍ଷା ଓ ଗବେଷଣାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଜିଆରସିନୀତି ପ୍ରଣୟନକାରୀ ଓ ଗବେଷକଙ୍କ ମଧ୍ୟରେ ଏକ ସେତୁ ଭାବେ କାର୍ଯ୍ୟ କରିବ। ଆଇଏଫପିଆରଆଇ-ଦକ୍ଷିଣ ଏସିଆର ନିର୍ଦ୍ଦେଶକ ଡକ୍ଟର ଶାହିଦୁର ରସିଦ ଓଡ଼ିଶା ସରକାରଙ୍କ ଏହି ପ୍ରୟାସକୁ ପ୍ରଶଂସା କରି କହିଛନ୍ତି ଯେ, ଏହି ପଦକ୍ଷେପ କେବଳ ଲକ୍ଷ୍ୟ ମଧ୍ୟରେ ସୀମିତ ନ ରହି ଫଳାଫଳରେ ପ୍ରତିଫଳିତ ହେବା ସହ ଏହି ମଡେଲ ଆଗାମୀ ଦିନରେ ଅନ୍ୟ ରାଜ୍ୟ ଏବଂ ଦକ୍ଷିଣ ଏସିଆର ଦେଶଗୁଡ଼ିକ ପାଇଁ ଏକ ଦୃଷ୍ଟାନ୍ତ ସାଜିବ। ଏହି କର୍ମଶାଳାରେ ଦୁଇ ସଫଳ ମହିଳା 'ମିଲେଟ ରାଣୀ' ଡଃ. ରାଇମତି ଘିଉରିଆ, ଯିଏ କି ମାଣ୍ଡିଆ ତଥା ବିଭିନ୍ନ ଶସ୍ୟର ପାରମ୍ପରିକ ଭୂପ୍ରଜାତିର ସଫଳ ସଂରକ୍ଷଣ, ସଂଗ୍ରକ୍ଷଣ ଏବଂ ଚାଷରେ ପାରଦର୍ଶିତା ଲାଭ କରିଛନ୍ତି ଏବଂ କୃଷି ଯନ୍ତ୍ରପାତିର ବ୍ୟବହାର , ପରିଚାଳନା ଏବଂ ମରାମତିରେ ପାରଦର୍ଶିତା ଲାଭ କରିଥିବା ଶ୍ରୀମତୀ ରୀନା ବେହେରାଙ୍କୁ ସମ୍ମାନିତ କରାଯାଇଛି ।

ଆୟୋଜିତ କର୍ମଶାଳାରେ ଜଳବାୟୁ ପରିବର୍ତ୍ତନ, କୃଷି ଯାନ୍ତ୍ରୀକିକରଣରେ ମହିଳାଙ୍କ ଭାଗିଦାରୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ କୃଷକ ଉତ୍ପାଦକ ସଂଗଠନର ସଫଳ ମହିଳା ନେତ୍ରୀମାନେ ନିଜର ଅନୁଭୂତି ବାଣ୍ଟିଥିଲେ। ଏହି କର୍ମଶାଳା କୃଷି ବିଧିବ୍ୟବସ୍ଥାକୁ ଅଧିକ ପ୍ରଗତିଶୀଳ ଓ ସମାନତା-ଭିତ୍ତିକ କରିବା ପାଇଁ ଏକ ଦୃଢ଼ ମୂଳଦୁଆ ଭାବେ କାର୍ଯ୍ୟ କରିବ ।ଆଜିର ଏହି କର୍ମଶାଳାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢୀ, ପୂର୍ବତନ କେନ୍ଦ୍ର ସଚିବ ଟି ନନ୍ଦ କୁମାର, ବିଭାଗୀୟ ବରିଷ୍ଠ ଅଧିକାରୀ, ବୈଷୟିକ ଆଲୋଚନାରେ ଭାଗ ନେଇଥିବା ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତୀୟ ଅନୁଷ୍ଠାନର ବୈଜ୍ଞାନିକ, ଛାତ୍ର, ଗବେଷକ, ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା ତଥା ଅନ୍ୟାନ୍ୟ ଅଧିକାରୀ ବୃନ୍ଦ ଯୋଗଦାନ କରିଥିଲେ ।

ତିଥି : (ଦ୍ୱାଦଶୀ) : (ପୂର୍ବାଷାଢା ଧନୁ)
ଅମୃତବେଳା: ଦିବା ଘ.୧୦।୨୦ ଗତେ ୧।୩୨ ମଧ୍ୟେ

## ଆଜିର ଅନୁଚିନ୍ତନ

ଅର୍ଜୁନ କହିଲେ- ହେ ଜନାର୍ଦ୍ଦନ ! ଆପଣଙ୍କର ଏହି ସୌମ୍ୟ ମନୁଷ୍ୟରୂପ ଦର୍ଶନ କରି ମୁଁ ଏବେ ସ୍ଥିରଚିତ୍ତ ହେଲି ଏବଂ ନିଜର ସ୍ୱାଭାବିକ ସ୍ଥିତି ପ୍ରାପ୍ତ ହେଲି ।। - ଶ୍ରୀମଦ୍ ଭଗବଦ୍ ଗୀତା

# ଗେମିଂ ନୁହେଁ, ଜୀବନ ଦରକାର

କୌଣସି ମା' ପକ୍ଷେ ପୁଅର ମୃତ୍ୟୁ ଅତ୍ୟନ୍ତ ଅସହ୍ୟ ତଥା ଦୁଃଖାବହ । ମାତ୍ର ପ୍ରଯୁକ୍ତି ଦୁନିଆର ଡିଜିଟାଲ ବିପ୍ଳବରେ ଅନଲାଇନ ଗେମିଂରେ ହାରିଥିବା ଏକ ହତାଶା ଜର୍ଜରିତ ପୁଅ ମା'କୁ ଆତ୍ମହତ୍ୟାର ଆଭାସୀ ଦୃଶ୍ୟ ଦେଖାଇବାକୁ ସୁଦ୍ଧା କୁଣ୍ଠିତ ହେଉନାହିଁ । କୋଲକାତା ସିଆଲଦା ଅଞ୍ଚଳରେ ଛୋଟ ବେପାରଟିଏ କରି ପରିବାରର ବୋଝ ମୁଣ୍ଡାଉଥିଲେ ଭଦ୍ରକ ଧାମନଗର ଅଞ୍ଚଳର ୨୮ ବର୍ଷୀୟ ଜଣେ ଯୁବକ । ଅଧିକ ରୋଜଗାର ନିଶାରେ ଅନ୍‌ଲାଇନ ଗେମିଂର ଅନ୍ଧଗଳିରେ ସେ ବହୁଦିନ ହେବ ପଶି ସାରିଥିଲେ । ଦିନେ ୩୫ହଜାର ଟଙ୍କା ପାଇଁ ଘର ଉପରେ ଚାପ ସୃଷ୍ଟି କରିଥିଲେ ଯୁବକ ଜଣକ । ଅଭାବୀ ପରିବାର ପାଇଁ ଏହି ଟଙ୍କା ଯୋଗାଡ଼ କରିବା କଷ୍ଟକର । ତାହା ସତ୍ତ୍ୱେ ଯୁବକଙ୍କ ବଡ଼ଭାଇ ୫ହଜାର ଟଙ୍କା ଯୋଗାଡ଼ କରି ପଠାଇବା ବେଳକୁ ନିର୍ବୋଧ ଜଣଙ୍କ ରଶି ଲଗାଇ ଭିଡିଓ କଲ୍ କରି ଝୁଲି ପଡ଼ିଥିଲା । ପ୍ରଶ୍ନ ଉଠୁଛି ମୋବାଇଲ ଗେମିଂ ବଡ଼ ନା ଜୀବନ ବଡ଼ ?

ଏପରି ଗେମିଂ ନିଶାରେ ଆଜିକାଲି ଯେଉଁମାନେ କବଳିତ ହେଉଛନ୍ତି ତାହା ଚରମ ମୂର୍ଖତା ଛଡ଼ା ଆଉ କିଛି ନୁହେଁ, କାରଣ ସେଥିରେ ଅହେତୁକ ଭାବରେ ଲୋଭ ଓ ଆକର୍ଷଣ ଏଭଳି ଅନ୍ଧକୂପ ଭଳି ଥାଏ ଯେ ଦିନେ ଏହି ଖେଳାଳୀକୁ ତାହା ଭିତରକୁ ହତାଶାରେ ଠେଲି ଦେଇଥାଏ ଅବା ଆତ୍ମହତ୍ୟା ଲାଗି ପ୍ରରୋଚିତ କରିଥାଏ । ଏହି ଗେମିଂ ସ୍ମରଣ କରାଇ ଦିଏ ନିକଟରେ ଗାଜିଆବାଦର ତିନି ଭଉଣୀଙ୍କ ଆତ୍ମହତ୍ୟାର ଅଭାବନୀୟ କାଣ୍ଡ । ଆଲୋଚ୍ୟ ତିନି ଭଉଣୀ କୋରିଆନ୍ ଲଭ୍ ଗେମ୍ ଆପ୍‌ରେ ଯୋଡ଼ି ହୋଇଥିଲେ । ସେମାନଙ୍କୁ କୋରିଆନ ରାଜକୁମାରୀ ଭାବରେ ଉଦ୍ୟୋକ୍ତା ମିଛରେ ଚିତ୍ରଣ କରାଇଥିଲା । ଏପରିକି ବହୁ କଷ୍ଟକର ଟାସ୍କ ଦେଇଥିଲା । ଯାହା ତୁଲାଇବାକୁ ଯାଇ ସେମାନଙ୍କ ପକ୍ଷେ ଜୀବନ ହାରିବା ଛଡ଼ା ଆଉ କିଛି ଚାରା ନ ଥିଲା । ମୋବାଇଲ ଗେମିଂ ବିପଦର ମୁକାବିଲା ପାଇଁ ପ୍ରମୋଶନ ଆଣ୍ଡ ରେଗୁଲେସନ ଅଫ୍ ଅନଲାଇନ ଗେମିଂ ବିଲ୍ -୨୦୨୫ ପାରିତ ହୋଇଛି ସତ, କିନ୍ତୁ ଏହାର କାର୍ଯ୍ୟାନୁଷ୍ଠାନ ନେଇ ଆଖିଦୃଶିଆ ଦୃଷ୍ଟାନ୍ତ ଏପର୍ଯ୍ୟନ୍ତ ସାମ୍‌ନାକୁ ଆସିନାହିଁ । ପ୍ରତୀୟମାନ ହେଉଛି ଯେପରିକି ଏହି ବିଲ୍ କାର୍ଯ୍ୟକାରିତା ଶୀତଳ ଭଣ୍ଡାରରେ ପଡ଼ିରହିଛି ।

ଆମ ରାଜ୍ୟରେ ଗତ ପ୍ରାୟ ତିନି ବର୍ଷ ମଧ୍ୟରେ ୨୦ରୁ ଅଧିକ କିଶୋର/ଯୁବକ ଅନଲାଇନ ଗେମିଂ ଅନ୍ଧଗହ୍ୱରରେ ପଡ଼ି ଜୀବନ ହାରିଛନ୍ତି । ଗେମିଂ ପାଇଁ ବାପାମା'ଙ୍କ ଅଜାଣତରେ ଘରୁ ଟଙ୍କା ଚୋରି କରି ଅବା ଧମକ ଦେଇ ସଂଗ୍ରହ କରିବା ଯଦି ହେଉନଥାନ୍ତା ତେବେ ଏହି ଗେମିଂରେ ସେମାନେ ନିଜକୁ ହଜାଇ ଦେଉନଥାନ୍ତେ । ଗେମିଂ ଆପ୍ ଗୁଡ଼ିକ ଇଣ୍ଟରନେଟ୍ ଦୁନିଆରେ ସହଜରେ ଉପଲବ୍ଧ ହେବା ଓ ଏହା ଜରିଆରେ ଆର୍ଥିକ ଫାଇଦା ପାଇବାର ନିରବଚ୍ଛିନ୍ନ ନିଶା କିଶୋର ଓ ଯୁବପିଢିର ଉଦ୍‌ଭ୍ରାନ୍ତମାନଙ୍କୁ ବାଟବଣା କରିସାରିଛି । 'ପ୍ୟାରେଣ୍ଟାଲ କଣ୍ଟ୍ରୋଲ ଆପ', ଯଦି ବାପାମା'ମାନେ ନିଜ ମୋବାଇଲରେ ବ୍ୟବହାର କରିପାରନ୍ତେ ସେଥିରୁ ଜଣାପଡ଼ିପାରନ୍ତା କେଉଁ ପ୍ରକାର ଆପ୍, କେତେ ସମୟ ଧରି ପିଲାଏ ବ୍ୟବହାର କରୁଛନ୍ତି । ତାହା ଉପରେ ନଜର ରଖିବା ସାଙ୍ଗକୁ ଅଙ୍କୁଶ ରଖିପାରନ୍ତେ । ମାତ୍ର ତାହା କ୍ୱଚିତ୍ । ଡିଜିଟାଲ ଦୁନିଆରେ ଏହି ଗେମିଂରୁ ନିବୃତ୍ତ ରହିବା ପାଇଁ ସରକାରୀ ଓ ସାମାଜିକ ସ୍ତରରେ ଅଧିକ ସଚେତନତା ଆବଶ୍ୟକ ପଡୁଛି । ଏ ଦିଗରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ବାପାମା' ଓ ସଂପର୍କୀୟମାନେ ବାଟବଣାମାନଙ୍କୁ ରାସ୍ତାକୁ ଆଣିବା ପାଇଁ ସହୃଦୟତାର ସହିତ ସେମାନଙ୍କ ସହ କଥା ହୋଇ ସଚେତ କରାଇବା ଜରୁରୀ । ଯଦି ଏ କ୍ଷେତ୍ରରେ ଉଦାସୀନତା ରହେ, ତେବେ ପରିସ୍ଥିତି ଅଧିକ ଗମ୍ଭୀର ହିଁ ହେବ, ଏହା ଅନ୍ୟଥା ନୁହେଁ ।

# ପୁଣ୍ୟ ପାଇବାର ରାତ୍ରି

## ସୁନନ୍ଦା ମହାନ୍ତି

ଫାଲଗୁନ ମାସର କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ଦିନର ଅନ୍ୟନାମ ଜାଗର ବା ମହାଶିବରାତ୍ରୀ ଅଟେ । ମହାଶିବରାତ୍ରୀ ବା ଜାଗରବ୍ରତ ରଖିଲେ ଚତୁଃବର୍ଗ ଫଳ ପ୍ରାପ୍ତି ହୋଇଥାଏ । ଜାଗର, ଶିବ ପୂଜନର ଶ୍ରେଷ୍ଠ ରାତ୍ର । ଶିବ ଚତୁର୍ଦ୍ଦଶୀ ରାତିରେ ଦୀପ ପ୍ରଜ୍ୱଳନ କରି ଶିବପୂଜା କରିବା ମହାତ୍ମ୍ୟ ରଖେ ଶିବାରାତ୍ରୀ । ପୁଣ୍ୟ ପାଇବାର ରାତ୍ରୀ ଅଟେ ଜାଗର । ଏହି ରାତ୍ରିରେ ଜାଗର ଜାଳି ଭକ୍ତ ତାର ମନୋସ୍କାମନା ରଖିଥାଏ ଶିବଙ୍କ ଚରଣ ସମ୍ମୁଖରେ । ଆତ୍ମଚେତନାର ଦିନଟିଏ ଏହି ଜାଗର । ଅଜ୍ଞାନ, ଅନ୍ଧାର, କାମନା, କାଳିମା, ଅନ୍ୟାୟ ଜାଳି ଦିଏ ଏହି ରାତ୍ରୀର ଜାଗରଦୀପ । ଅଜ୍ଞାତରେ ମଧ୍ୟ ଶିବଲିଙ୍ଗରେ ଜଳଦାନ କରି ବେଲପତ୍ର ଚଢ଼ାଇ ପୁଣ୍ୟ ପ୍ରାପ୍ତି ହୋଇଛି ଅଜ୍ଞାନୀ ରୂପୀ ମାନବର । ଭକ୍ତ ଶ୍ରେଷ୍ଠ ବୋଲାଇ ମୋକ୍ଷପ୍ରାପ୍ତ ହୋଇଛି ମଣିଷମାନଙ୍କର ।

ଇକ୍ଷାକୁ ବଂଶର ରାଜା ଜମ୍ବୁଦୀପର ଜାତିସ୍ମର ରାଜା ମିତ୍ରଭାନୁ ଥିଲେ ଶିବ ଭକ୍ତ ଏହି ବ୍ରତ ପାଳନ କରୁଥିଲେ । ଥରେ ଅଷ୍ଟବକ୍ର ଋଷି ଆସି ଏହି ବ୍ରତ ପାଳନର ମହାତ୍ମ୍ୟ ତଥା ଏହା କେଉଁ ଦେବତାଙ୍କ ବ୍ରତ ଓ କାହିଁକି ପାଳନ ହୁଏ ପଚାରନ୍ତେ । ରାଜା ବାରାଣସୀରେ ରହୁଥିବା ଜଣେ ଶବର ଯାହା ନାମ ଶୁଶ୍ୱର, ତାଙ୍କ କଥା କହିଥିଲେ । ଅଜଣାତରେ ବେଲ ଗଛରେ ଘଞ୍ଚ ଅରଣ୍ୟରେ ରହି ପରିବାର ପାଇଁ ଲୁହ ଢାଳୁଥିବା ବେଳେ ଲୁହ ରୂପକ ଜଳ ଓ ବେଲଗଛରୁ ପତ୍ର ଭୂମିଷ୍ଠ ହୋଇ ଗଛ ତଳେ ଥିବା ଶିବଲିଙ୍ଗଙ୍କ ଉପରେ ପଡୁଥିଲା । ସେଦିନ ଥିଲା ମହାଶିବାରାତ୍ରୀ ତ ସେହି ଶବର ମୋକ୍ଷ ପ୍ରାପ୍ତି ହୋଇ ମୃତ୍ୟୁ ପରେ ଶିବଲୋକ ଗମନ କରିଥିଲେ । ସେହିପରି ଶିବ ପୁରାଣ ଅନୁଯାୟୀ ଗୁରୁଗୃହ ନାମକ କ୍ରୁର ଶବର ଜଣେ ଶିକାରୀ ଓ ଦସ୍ୟୁ ଥିଲେ । କିନ୍ତୁ ସେ ମଧ୍ୟ ଥରେ ଶିକାର ପାଇଁ ପୁଷ୍କରିଣୀ ତଟରେ ଥିବା ବେଲବୃକ୍ଷରେ ଉପବେଶନ କରି ଶିକାର ଖୋଜୁଥିବା ଅବସ୍ଥାରେ ତାଙ୍କ ପାଖରେ ଥିଲା ଏକ ଜଳପୂର୍ଣ୍ଣ ସୁରେଇ । ରାତିର ପ୍ରଥମ ଓ ଦ୍ୱିତୀୟ ପ୍ରହରରେ ଦୁଇ ହରିଣୀ ଆସି ପାଣି ପିଇବା ଦେଖି ଶବର ରୂପୀ ଶିକାରୀ ଧନୁରେ ତୀର ଯୋଖିବା ବେଳେ ବେଲ ଗଛର ପତ୍ର ଓ ସୁରେଇରେ ଥିବା ଜଳ ପଡୁଥିଲା ତଳେ । ତଳେ ଥିଲେ ଶିବଲିଙ୍ଗ ଓ ସେଦିନ ମଧ୍ୟ ଥିଲା ମହା ଶିବରାତ୍ରୀ । ହରିଣୀଦ୍ୱୟ ମଧ୍ୟ ଅନୁନୟ ବିନୟ କରି ସେମାନଙ୍କ ସନ୍ତାନମାନଙ୍କ ମଙ୍ଗଳ ପାଇଁ ସେମାନଙ୍କୁ ଦୟା କରି ଛାଡ଼ିଦେବାକୁ କହିଥିଲେ ଓ ଶିକାରୀ ମଧ୍ୟ ଛାଡିଦେଇଥିଲେ । ପ୍ରଥମ ଓ ଦ୍ୱିତୀୟ ପ୍ରହର ପରି ତୃତୀୟ ପ୍ରହରରେ ଆସିଥିଲା ହରିଣଟିଏ । ଏଥର ମଧ୍ୟ ପ୍ରଥମ ଓ ଦ୍ୱିତୀୟ ଥର ପରି ସୁରେଇରୁ ଜଳ ଓ ବେଲ ଗଛରୁ ପତ୍ର ଝରି ପଡୁଥିଲା ଗଛ ତଳେ ଥିବା ଶିବଲିଙ୍ଗଙ୍କ ଉପରେ । ଏଣେ ହରିଣ କାକୁତି ମିନତି କରି ପରିବାରକୁ ଶେଷ ଥର ଦେଖା କରି ଆସେ କହି ଅନୁମତି ମାଗୁଥିଲା । ତା ପ୍ରତି ସଦୟ ହୋଇ କ୍ରୁର ଶିକାରୀ ହରିଣକୁ ଛାଡ଼ି ଦେବା ପରେ ଦେଖାଗଲା ହରିଣ ସହ ତା ଦୁଇ ସ୍ତ୍ରୀ, ଦୁଇ ହରିଣୀ ଓ ଦୁହିଁଙ୍କ ପିଲାମାନେ ଉପସ୍ଥିତ ହେଲେ । କଥା ଦେଇ କଥା ରଖିଥିବା ହରିଣ ପରିବାର ତା ପରିବର୍ତ୍ତେ ଆମକୁ ଶିକାର କରି ନିଅ ବୋଲି ପରସ୍ପର ପରସ୍ପରକୁ ରକ୍ଷା କରିବାକୁ ଚେଷ୍ଟା କରୁଥିବା ଦେଖି ଶିକାରୀ ସମସ୍ତଙ୍କୁ ଛାଡ଼ିଦେଇ ଶିବକୃପା ଲାଭ କରିପାରି ସ୍ୱୟଂ ଶିବଙ୍କୁ ତା ସମ୍ମୁଖରେ ଉପସ୍ଥିତ ହେବା ଦେଖିପାରିଥିଲା । ଅଜାଣତରେ ହେଉ ପଛେ ମହାଶିବରାତ୍ରୀର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପ୍ରହର ବ୍ୟାପୀ ଶିବଲିଙ୍ଗରେ ଜଳ ଓ ବେଲପତ୍ର ଅର୍ପଣ ସହ ଦୁଇ ମୃଗୁଣୀ ଓ ଶେଷରେ ମୃଗ ପରିବାର ପ୍ରତି ଦୟା ମନୋଭାବ ପୋଷଣ କରିଥିବାରୁ ସେହି ଶିକାରୀଙ୍କର ମୋକ୍ଷ ପ୍ରାପ୍ତ ହୋଇଥିଲା ।

ଏହିପରି ଅନେକ ମହାତ୍ମ୍ୟ ମଧ୍ୟରୁ ଶିବଶଙ୍କର, ଯିଏ ଆଶୁତୋଷ ସେ ସମୁଦ୍ର ମନ୍ଥନରୁ ବାହାରିଥିବା ଅମୃତକୁ ଦେବତାମାନଙ୍କୁ ଦେଇ ନିଜେ ହଳାହଳ ବିଷ ପିଇ ନୀଳକଣ୍ଠ ରୂପେ ବିଦିତ । ସେଦିନ ମଧ୍ୟ ମହାଶିବରାତ୍ରୀ ଥିଲା । ଥରେ ବିଷ୍ଣୁ ଓ ବ୍ରହ୍ମା ଶିବଙ୍କୁ ଖୋଜିବାକୁ ଯାଇ ବ୍ରହ୍ମା ହଂସ ପିଠିରେ ବସି ସ୍ୱର୍ଗକୁ ଯିବା ବେଳେ ବ୍ରହ୍ମାଙ୍କ ହାବୁଡ଼ରେ କେତକୀ ଫୁଲ ପଡିଲେ ଓ ସେ କହିଲେ ମୁଁ ଏଇ ଏଇ ଶିବଙ୍କ ମୁଣ୍ଡରୁ ଖସିକି ଆସୁଛି ସ୍ୱର୍ଗରୁ । ଏହାର ସତ୍ୟାସତ୍ୟ ପରୀକ୍ଷା ନକରି ବ୍ରହ୍ମା ସେକଥା ବିଷ୍ଣୁଙ୍କୁ କହିବାରୁ କେତକୀ ମିଛ କହିବା ଜାଣି ବ୍ରହ୍ମା ତାଙ୍କୁ କଣ୍ଟାଯୁକ୍ତ ହେବାକୁ ଅଭିଶାପ ଦେଉ ଦେଉ ଶିବ ଶଙ୍କର ପହଞ୍ଚିଥିଲେ । ଏହି ଶିବ ଚତୁର୍ଦ୍ଦଶୀ ହୋଇଥିବାରୁ ଏହି ଦିନ ଶିବଙ୍କ ଶିରରେ ତୁମେ ଲାଗି ହେବ ବୋଲି କହି କେତକୀଙ୍କୁ ଆଶ୍ୱାସନା ଦେଇଥିଲେ ବିଷ୍ଣୁ । କାୟମନୋବାକ୍ୟ ରେ ଏହି ମହାଶିରାତ୍ରୀ ଦିନ ଚନ୍ଦ୍ରଙ୍କୁ ମୁଣ୍ଡରେ ଓ ସର୍ପଙ୍କୁ ବେକରେ ଗୁଡେଇଥିବା ନୀଳକଣ୍ଠ ସ୍ୱରୂପ ଶିବଙ୍କୁ ପୂଜା କଲେ ଭକ୍ତର ଅଭୀଷ୍ଟ ସାଧନ ହୋଇ ମନୋବାଞ୍ଛା ପୂରଣ ହୋଇଥାଏ । ସ୍ୱୟଂ ମହାଲକ୍ଷ୍ମୀ ମଧ୍ୟ ଜାଗର ବ୍ରତ କରି ନାରାୟଣଙ୍କୁ ପାଇଥିଲେ ବୋଲି କଥା ରହିଛି । ସେହିପରି ମାଆ ପାର୍ବତୀ କେତେବେଳେ କୋଉ ରୂପେ ଏହି ଦିନ ବ୍ରତ ରଖି ଦେବ ଦେବ ମହାଦେବଙ୍କୁ ପତି ରୂପେ ପାଇଥିଲେ । ଜାଗର ଦିନ ଉଠୁଥିବା ମହାଦୀପ ଦର୍ଶନ ପରେ ସ୍ନାନ ସାରି ଭକ୍ତମାନେ ଶିବ ଦର୍ଶନ କରିଥାନ୍ତି ।

ସାକ୍ଷୀଗୋପାଳ , ପୁରୀ ,ମୋ-୯୦୪୦୯୭୭୩୨୭

# ମହାଦେବଙ୍କ ମହିମା ଓ ମହାତ୍ମ୍ୟ

## ଡକ୍ଟର ପ୍ରମୋଦ କୁମାର ପଣ୍ଡା

"ଭଗବାନ ଶିବଙ୍କର ତିନି ନୟନ, ତ୍ରିଲୋଚନ । ତୃତୀୟ ନୟନ ଜ୍ଞାନ ଓ ବିନାଶର ପ୍ରତୀକ । ତୃତୀୟ ନୟନର ମୁଦ୍ରିତାବସ୍ଥାରେ ସେ ଭୂତ, ଭବିଷ୍ୟତ ଓ ବର୍ତ୍ତମାନ ଦେଖିପାରନ୍ତି । ତେଣୁ ତାଙ୍କୁ ତ୍ରିକାଳଦର୍ଶୀ କୁହାଯାଇଥାଏ । ତାଣ୍ଡବ କାଳରେ ତାଙ୍କର ତୃତୀୟ ନୟନ ଖୋଲେ, ପ୍ରଳୟ ଆସେ । ସବୁକିଛି ବିନାଶ ହୁଏ । ଅଳ୍ପ କିଛି ବଞ୍ଚିରହେ । ଜୀବଜନ୍ତୁ, ଦ୍ରବ୍ୟ । ଯେଉଁ ସର୍ପ ଶେଷ ରହିଯାଏ ତାହା ଅନନ୍ତ ଶେଷ ନାଗ । ବିଷ୍ଣୁଙ୍କ ଶଯ୍ୟା ।

ଯିଏ ଦେବଙ୍କର ଦେବ ସିଏ ମହାଦେବ । ତାଙ୍କରି ଆଦେଶ ଅନୁସାରେ ସମସ୍ତ ଦେବଗଣ ପରିଚାଳିତ ହୋଇଥାନ୍ତି । ତେଣୁ ସେ ଦେବାଧିଦେବ । ତାଙ୍କର ଅନେକ ନାମ । ଅନେକ ଅବତାର । ଶିବ, ଶମ୍ଭୁ, ,ସ୍ୱୟମ୍ଭୁ, ଶଙ୍କର, ସିଦ୍ଧେଶ୍ୱର, ନୀଳକଣ୍ଠ, ମହାକାଳ, ଆଶୁତୋଷ, ଭୋଳେନାଥ, ପଶୁପତି, ବିଶ୍ୱନାଥ, ଭୈରବ, ଗଙ୍ଗାଧର, ମହେଶ୍ୱର, ଚନ୍ଦ୍ରଶେଖର, ରୁଦ୍ର, ପ୍ରମଥାଧିପ, ଧୂର୍ଜଟୀ, ବାମଦେବ, ତ୍ରିପୁରାରୀ, ଇତ୍ୟାଦି । ବିଷ୍ଣୁଙ୍କ ଦଶ ଅବତାର, କିନ୍ତୁ ଶିବଙ୍କ ଊଣେଇଶ ଅବତାର । ତନ୍ମଧ୍ୟରୁ ହନୁମାନ, ପର୍ଶୁରାମ, ଅଶ୍ୱଥାମା, ବେଦବ୍ୟାସ, କୃପାଚାର୍ଯ୍ୟ, ରାଜା ବଳି ଓ ରାବଣର ଭାଇ ବିଭୀଷଣ ଚିରଞ୍ଜୀବୀ ଅଟନ୍ତି । ହନୁମାନ ଏବଂ ଅଶ୍ୱତ୍ଥାମା ଶିବଙ୍କ ଅଂଶ ।

ପରଂପିତା ବ୍ରହ୍ମା ପଦ୍ମାସନରେ ବ୍ରହ୍ମଲୋକରେ ଓ ଭଗବାନ ବିଷ୍ଣୁ ଅନନ୍ତ ଶେଷନାଗ ଶଯ୍ୟାରେ ବୈକୁଣ୍ଠରେ ବିରାଜମାନ । କିନ୍ତୁ ଦେବାଧିଦେବ ମହାଦେବଙ୍କ ଆସନ ଖଣ୍ଡେ ପଥର । ନିବାସ ପୃଥିବୀ ସ୍ଥିତ ରହସ୍ୟମୟୀ କୈଳାସ ପର୍ବତ ।

ଶିବ ଶୂନ୍ୟ । ଶିବ ଅନ୍ଧକାର । ଶିବ ସତ୍ୟ ଓ ସୁନ୍ଦର । ଆଜି ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ର, ଗଗନ, ପବନ ସବୁ ଅଛି । ଏମିତି ଏକ ଦିନ ଆସିପାରେ ଯେତେବେଳେ କିଛି ନ ଥିବ । ସେତେବେଳେ ମଧ୍ୟ ସଦାଶିବ ଥିବେ । ବ୍ରହ୍ମ ଥିବ, ପରାମାତ୍ମା ଥିବେ । ଶରୀରରୁ ନିର୍ଗତ ଆତ୍ମା ଯେଉଁଠି ପହଞ୍ଚିବ ତାହା ଶୂନ୍ୟ, ଅନ୍ଧକାର, ସତ୍ୟ, ଶିବ । ଧ୍ୱଂସ ପରେ ପୁଣି ରଚନା ଆରମ୍ଭ ହୁଏ । ସମୟ କାଳଚକ୍ର । ଅନବରତ ଅବିରତ ଚାଲିଥିବ । ତାର ବିନାଶ ନାହିଁ । ସୃଜନ ଓ ସଂହାର ପ୍ରକ୍ରିୟା ରହିଥିବ । ଶୂନ୍ୟରୁ ସଂରଚନା ହେଉଥିବ । ଡମ୍ବରୁ ଶକ୍ତି ଓ ବ୍ରହ୍ମାଣ୍ଡର ପ୍ରତୀକ । ଜନ୍ମ ଓ ମୃତ୍ୟୁର ପ୍ରତିଛବି । ଧ୍ୱଂସ ଓ ସଂରଚନାର ସଙ୍କେତ । ଜନ୍ମ ଓ ମୃତ୍ୟୁ ଉଭୟଙ୍କ ସ୍ୱାମୀ ଶିବ । ତାଣ୍ଡବ ନୃତ୍ୟପରେ ଭଗବାନ ଶିବ ସନକାଦି ଋଷିଙ୍କ ପାଇଁ ଚଉଦଥର ଡମ୍ବରୁ ବଜାଇଥିଲେ ଯେଉଁଥିରୁ ଚଉଦ ସଂସ୍କୃତ ବ୍ୟାକରଣର ଉତ୍ପତ୍ତି ବୋଲି କିମ୍ବଦନ୍ତୀ କୁହେ । ଭଗବାନ ଶିବଙ୍କ ଗଳାରେ ସର୍ପରାଜ ବାସୁକୀ ସଦା ବିଭୂଷିତ । ଅଳଙ୍କାର ସଦୃଶ । ପୌରାଣିକ ମାନ୍ୟତା ଅନୁଯାୟୀ ଏକଦା ସର୍ପକୁଳକୁ ଭୀଷଣ ବିପତ୍ତି ପଡ଼ିଲା । ସେମାନେ ଶିବଙ୍କ ଶରଣାଗତ ହେଲେ । ଭଗବାନ ଶିବ ସେମାନଙ୍କୁ ଅଭୟ ପ୍ରଦାନ କଲେ । ଆଶ୍ରୟ ଦେଲେ । ସେହିଦିନଠାରୁ ବାସୁକୀ ତାଙ୍କ ଗଳାରେ ଆଶ୍ରିତ । ଗଳାରେ ଘାତକ ସର୍ପ ଧାରଣ ଅର୍ଥ ଶିବ ସମୟ ଏବଂ ମୃତ୍ୟୁର ନିୟନ୍ତ୍ରକ । ସ୍ୱୟଂ ସମୟ ଏବଂ ମୃତ୍ୟୁ ଦ୍ୱାରା ନିୟନ୍ତ୍ରିତ ନୁହନ୍ତି । ସେ ମୃତ୍ୟୁଞ୍ଜୟୀ ଅଟନ୍ତି । ବାସୁକୀ କୁଣ୍ଡଳିନୀର ସୂଚକ ଯାହା ଆମ ସୂକ୍ଷ୍ମ ଶରୀରରେ ସ୍ଥିତ । ଅର୍ଥାତ ସ୍ୱୟଂ ଶିବ ମଧ୍ୟ ଆମ ଶରୀର ଭିତରେ ବିଦ୍ୟମାନ ।

ଭଗବାନ ଶିବଙ୍କର ତିନି ନୟନ, ତ୍ରିଲୋଚନ । ତୃତୀୟ ନୟନ ଜ୍ଞାନ ଓ ବିନାଶର ପ୍ରତୀକ । ତୃତୀୟ ନୟନର ମୁଦ୍ରିତାବସ୍ଥାରେ ସେ ଭୂତ, ଭବିଷ୍ୟତ ଓ ବର୍ତ୍ତମାନ ଦେଖିପାରନ୍ତି । ତେଣୁ ତାଙ୍କୁ ତ୍ରିକାଳଦର୍ଶୀ କୁହାଯାଇଥାଏ । ତାଣ୍ଡବ କାଳରେ ତାଙ୍କର ତୃତୀୟ ନୟନ ଖୋଲେ, ପ୍ରଳୟ ଆସେ । ସବୁକିଛି ବିନାଶ ହୁଏ । ଅଳ୍ପ କିଛି ବଞ୍ଚିରହେ । ଜୀବଜନ୍ତୁ, ଦ୍ରବ୍ୟ । ଯେଉଁ ସର୍ପ ଶେଷ ରହିଯାଏ ତାହା ଅନନ୍ତ ଶେଷ ନାଗ । ବିଷ୍ଣୁଙ୍କ ଶଯ୍ୟା । ଶିବଙ୍କ ତୃତୀୟ ନୟନ ବିନାଶର କାରଣ । ତେଣୁ ସେ ବିଧ୍ୱଂସକ । ତ୍ରିଶୂଳର ଗୋଟିଏ ଶୂଳରେ ବ୍ରହ୍ମା, ଦ୍ୱିତୀୟରେ ବିଷ୍ଣୁ ଓ ତୃତୀୟରେ ସ୍ୱୟଂ ମହେଶ୍ୱର ନିବାସ କରନ୍ତି । ବ୍ରହ୍ମା ସୃଷ୍ଟିକର୍ତ୍ତା । ଓଁ ତାଙ୍କ ମୁଖ ନିସୃତ ପ୍ରଥମ ଶବ୍ଦ । ନାସାର ପରୀକ୍ଷଣରୁ ମଧ୍ୟ ଏହା ସ୍ପଷ୍ଟ ଯେ ବ୍ରହ୍ମାଣ୍ଡର ପ୍ରଥମ ଧ୍ୱନୀ ଓଁ ଅଟେ । ବିଷ୍ଣୁଙ୍କ ଠାରୁ ବ୍ରହ୍ମାଙ୍କର ସୃଷ୍ଟି । ବିଷ୍ଣୁ ବ୍ରହ୍ମାଙ୍କ ସୃଷ୍ଟ ବ୍ରହ୍ମାଣ୍ଡର ପାଳନକର୍ତ୍ତା । ବିଷ୍ଣୁଙ୍କ ଯୋଗୁଁ ବ୍ରହ୍ମାଣ୍ଡ ଚାଲିଛି । ଆଗକୁ ମଧ୍ୟ ସେତେଦିନ ଚାଲିବ ଯେତେଦିନ ପର୍ଯ୍ୟନ୍ତ ତ୍ରିଶୂଳର ତୃତୀୟ ଶୂଳ କାମ ନ କରିଛି । ମହେଶ୍ୱର ନଟରାଜ ନ ହୋଇଛନ୍ତି । ତାଣ୍ଡବ ନ କରିଛନ୍ତି । ତୃତୀୟ ନୟନ ନ ଖୋଲିଛି ।

ଶିବଙ୍କ ନଟରାଜ ସ୍ୱରୂପ ମୂର୍ତ୍ତି ଆକାରରେ ଆମେ ସମସ୍ତେ ଦେଖିଛେ । ଅଗ୍ନିବଳୟ ପରିବେଷ୍ଟିତ ଚତୁର୍ଭୁଜ ନଟରାଜ କେନ୍ଦ୍ର ସ୍ଥଳରେ ନୃତ୍ୟ ମୁଦ୍ରାରେ ଦର୍ଶିତ । ଚତୁଃପାର୍ଶ୍ୱସ୍ଥ ଅଗ୍ନି ବ୍ରହ୍ମାଣ୍ଡର ପ୍ରତୀକ ଓ ସ୍ୱୟଂ ନଟରାଜ ଏହାର ଆତ୍ମା । ପ୍ରଥମ ଭୁଜାର ଡମ୍ବରୁ ସୃଜନର ପ୍ରତୀକ । ଦ୍ୱିତୀୟ ଭୁଜାର ଅଗ୍ନି ବିନାଶର ସୂଚକ । ସୃଜନ ଓ ବିନାଶ ବିରୋଧାଭାସୀ । ଅର୍ଥାତ ଶିବ ସ୍ୱୟଂ ସ୍ରଷ୍ଟା ଓ ବିନାଶକ । ତୃତୀୟ ହସ୍ତ ଆଶୀର୍ବାଦ ମୁଦ୍ରାରେ ଯାହା ବିଶ୍ୱାସ ଜନ୍ମାଏ ଯେ ତାଙ୍କ ଆଶୀର୍ବାଦ ଥିଲେ କୌଣସି ଦୁଷ୍ଟ ଶକ୍ତି କିଛି କ୍ଷତି କରିପାରିବ ନାହିଁ । ଚତୁର୍ଥ ଭୁଜା ନୃତ୍ୟ ମୁଦ୍ରା ସ୍ଥିତ ପାଦ ଆଡ଼କୁ ଇଙ୍ଗିତ କରିଥାଏ ଅର୍ଥାତ୍ ତାଙ୍କର ଚରଣାଶ୍ରିତ ହେଲେ ମୋକ୍ଷ ମିଳିଥାଏ । ଦ୍ୱିତୀୟ ପାଦ ତଳେ ରାକ୍ଷସ ଅବସ୍ଥା ଯାହା ଅଜ୍ଞାନତାର ପ୍ରତୀକ । ଶିବ ଅଜ୍ଞାନତାକୁ ନଷ୍ଟ କରି ଜ୍ଞାନ ପ୍ରଦାନ କରନ୍ତି । ନଟରାଜଙ୍କମୂର୍ତ୍ତି ଦେଖିବାକୁ ଓଁ ସଦୃଶ । ଅର୍ଥାତ୍ ଓଁ ଶିବରେ ନିହିତ ଏବଂ ଶିବ ଓଁ ରେ ।



ମହାଶିବରାତ୍ରି ହିନ୍ଦୁମାନଙ୍କର ଏକ ପ୍ରମୁଖ ପର୍ବ । ଏହା ଫାଲ୍ଗୁନ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ଦିନ ପାଳିତ ହୁଏ । ପୌରାଣିକ କଥା ଅନୁସାରେ ଏହିଦିନ ଶିବ ଦେବୀ ପାର୍ବତୀଙ୍କୁ ବିବାହ କରିଥିଲେ । ଅନ୍ୟ ଏକ ଶାସ୍ତ୍ରୀୟ ମାନ୍ୟତା ଅନୁସାରେ ଏହିଦିନ ଭଗବାନ ଶିବ ଅନନ୍ତ ଅଗ୍ନିସ୍ତମ୍ଭ, ଜ୍ୟୋତିର୍ଲିଙ୍ଗ ରୂପେ ପ୍ରକଟ ହୋଇ ବ୍ରହ୍ମା ଓ ବିଷ୍ଣୁଙ୍କ ବିବାଦର ସରଳ ସମାଧାନ କରିଥିଲେ । ବିଷ୍ଣୁ ଶୁକର ରୂପ ଧାରଣ କରି ଜ୍ୟୋତିର୍ଲିଙ୍ଗର ଆଦି ଓ ବ୍ରହ୍ମା ହଂସ ରୂପେ ଅନ୍ତ ଅନ୍ୱେଷଣ କରିବାରେ ବିଫଳ ହୋଇଥିଲେ । ଜ୍ୟୋତିର୍ଲିଙ୍ଗର ଆଦି ଖୋଜିପାଇବାରେ ଅସମର୍ଥ ବିଷ୍ଣୁ ନିଜର ପରାଜୟ ସ୍ୱୀକାର କରିଥିଲେ । କିନ୍ତୁ କେତକୀ ଫୁଲକୁ ସାକ୍ଷୀ ରଖି ବ୍ରହ୍ମା ଅଗ୍ନିସ୍ତମ୍ଭର ଅନ୍ତ ଖୋଜିବାରେ ସେ ସମର୍ଥ ହୋଇଛନ୍ତି ବୋଲି ମିଛ କହିଥିଲେ । ତେଣୁ ଦଣ୍ଡ ସ୍ୱରୂପ ତାଙ୍କୁ ତାଙ୍କର ଗୋଟିଏ ମସ୍ତକ ହରାଇବାକୁ ପଡ଼ିଥିଲା । ବିଷ୍ଣୁଙ୍କ ଭଳି ପୂଜିତ ନ ହେବାର ଅଭିଶାପ ମଧ୍ୟ ମିଳିଥିଲା । ସେଥିପାଇଁ ପୁଷ୍କର ଅତିରିକ୍ତ ଅନ୍ୟ କୌଣସି ସ୍ଥାନରେ ବ୍ରହ୍ମାଙ୍କ ମନ୍ଦିର ଦେଖିବାକୁ ମିଳେ ନାହିଁ କିମ୍ବା ତାଙ୍କର ପୂଜାର୍ଚ୍ଚନା ହେବାର ଦେଖାଯାଏ ନାହିଁ । ଶ୍ରଦ୍ଧାଳୁ ମହାଶିବରାତ୍ରିରେ ଉପବାସ ରଖନ୍ତି । ଉଜାଗର ରୁହନ୍ତି । ଭଗବାନ ଶିବଙ୍କ ଉପାସନା ଏବଂ ଅଭିଷେକ କରନ୍ତି । ମହାଦେବଙ୍କୁ ଯାହାକିଛି ମଧ୍ୟ ଶ୍ରଦ୍ଧାରେ ଅର୍ପଣ କଲେ ସେ ତାକୁ ଖୁସିରେ ଗ୍ରହଣ କରିଥାନ୍ତି । ତଥାପି ବେଲପତ୍ର, ଦୁଦୁରା ଫୁଲ ଓ କ୍ଷୀର ତାଙ୍କର ଅତି ପ୍ରିୟ । କେତକୀ ଫୁଲ ଶିବଙ୍କୁ ଅର୍ପଣ କରାଯାଏ ନାହିଁ କାରଣ ବ୍ରହ୍ମାଙ୍କ ସହିତ ମିଶି ସେ ଏକଦା ମିଛ କହିଥିଲା । ଭସ୍ମ ହେଉଛି ବ୍ରହ୍ମାଣ୍ଡର ସମସ୍ତ ପଦାର୍ଥର ଅନ୍ତିମ ଏବଂ ପାବନ ଅବସ୍ଥା । ପ୍ରତ୍ୟେକ ବସ୍ତୁ ଆଜି ନ ହେଲେ କାଲି ପାଉଁଶରେ ପରିଣତ ହେବା ସୁନିଶ୍ଚିତ । ତେଣୁ ମହାଦେବ ତାଙ୍କ ଶରୀରରେ ଭସ୍ମ ବୋଳି ହେବାକୁ ଖୁବ ପସନ୍ଦ କରନ୍ତି । ସମସ୍ତଙ୍କ ଧାରଣା ଶିବଙ୍କର ଦୁଇପୁତ୍ର । କାର୍ତ୍ତିକେୟ ଓ ଗଣେଶ । ଅପିତୁ କାର୍ତ୍ତିକେୟ ହିଁ ଶିବଙ୍କର ଏକମାତ୍ର ଜନ୍ମିତ ପୁତ୍ର । ଦେବତାଙ୍କ ସେନାପତି କାର୍ତ୍ତିକ ଶକ୍ତି ଓ ପାର୍ବତୀ ନନ୍ଦନ ଗଣପତି ବୁଦ୍ଧିର ଦେବତା ।

ମହାଦେବଙ୍କୁ ମହାକାଳ ଓ ଭୋଳେନାଥ ମଧ୍ୟ କୁହାଯାଏ । ଶିବଙ୍କର ଶିଶୁ ସୁଲଭ ସ୍ୱଭାବ । ଅତି ଅଳ୍ପରେ ସେ ସନ୍ତୁଷ୍ଟ ହୋଇଯାନ୍ତି । ତେଣୁ ତାଙ୍କର ଏକ ନାମ ଆଶୁତୋଷ । ସେ ବୁଦ୍ଧିରେ ନୁହଁ, ହୃଦୟରୁ ଶିଶୁ । ସେ ଛୋଟ କଥାରେ ପ୍ରସନ୍ନ ଓ ଛୋଟ କଥାରେ କ୍ରୋଧିତ ହୋଇଯାଆନ୍ତି । ଅଳ୍ପରେ ପ୍ରସନ୍ନ ହୋଇଯାନ୍ତି । ଯାହା ମାଗିଲେ ଦେଇଦିଅନ୍ତି ଯାହାଦ୍ୱାରା ପରେ ନିଜେ ତାଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ । ଅନ୍ୟପକ୍ଷରେ ସେ କାଳର ମଧ୍ୟ କାଳ, ମହାକାଳ । ଭଗବାନ ଶିବ ଶକ୍ତି ଓ କରୁଣାର ସମନ୍ୱୟ । ଉଗ୍ରକରୁଣାର ମୂର୍ତ୍ତିମନ୍ତ ପ୍ରତୀକ । ଆଦିଯୋଗୀ ଓ ସ୍ଥିତପ୍ରଜ୍ଞ ।

ବାସୁକୀ, ନନ୍ଦୀ, ମୂଷା, ମୟୂର, ସିଂହ ଏମାନେ ପରସ୍ପର ପରସ୍ପରର ଶତ୍ରୁ; ଖାଦ୍ୟ ଏବଂ ଖାଦକ । ତେବେ ସୁଦ୍ଧା ସହାବସ୍ଥାନ କରନ୍ତି । କେହି କାହାକୁ କ୍ଷତି ପହଞ୍ଚାଇନଥାନ୍ତି । ଏହା ଆମକୁ କେବଳ ପରିବାର ନୁହଁ, ପଡ଼ୋଶୀ, ଜୀବଜନ୍ତୁ, ପଶୁପକ୍ଷୀ, ବନ ବୃହସ୍ପତି ସମସ୍ତଙ୍କ ସହ ସହନଶୀଳ, ସମ୍ବେଦନଶୀଳ, ସମଭାବାପନ୍ନ ହେବାର ସୂତ୍ର ଶିଖାଏ । ସମୁଦ୍ର ମନ୍ଥନରୁ ଉତ୍ପନ୍ନ ହଳାହଳ ବିଷ ଶିବ ନିଜ କଣ୍ଠରେ ଧାରଣ କରି ସମଗ୍ର ବିଶ୍ୱକୁ ବିଷ କବଳରୁ ରକ୍ଷା କରିଥିଲେ । ଆତ୍ମସଂଯମତା ଶିଖାଇଥିଲେ । ମହାଦେବ ପରିବର୍ତ୍ତନର ପ୍ରତୀକ । ସ୍ଥିରତା ସ୍ଥାଣୁତା ଆଣେ । ସର୍ଜନଶୀଳତାରେ ବାଧକ ସାଜେ । ପରିବର୍ତ୍ତନ ହିଁ ନୂତନ ସୃଜନର ବୀଜ ବପନ କରେ ।

ଭଗବାନ ଶିବଙ୍କ ଭଳି ମଣିଷ ମଧ୍ୟ ନିର୍ମାତା ଓ ବିଧ୍ୱଂସକ ଉଭୟ ଗୁଣର ଅଧିକାରୀ ହୋଇପାରିବ । ଦୁର୍ଗୁଣ ଓ ବଦଭ୍ୟାସର ବିନାଶ କରିପାରିବ । ସଦ୍‌ଗୁଣ ଓ ସଂସ୍କାରର ନିର୍ମାତା ହୋଇପାରିବ ।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର, ମୋ-୭୯୭୮୨୮୩୧୯୦

# ଶିବଙ୍କ ପ୍ରତୀକ ଏବଂ ସେମାନଙ୍କ ଗଭୀର ରହସ୍ୟ

## ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

"ପ୍ରଳୟ ସମୟରେ, ସମଗ୍ର ବ୍ରହ୍ମାଣ୍ଡ ଏକ ଶ୍ମଶାନ ଭୂମିରେ ପରିଣତ ହୁଏ । ଯେଉଁ ଶ୍ମଶାନ ଭୂମିରେ ଆମେ ମୃତଦେହ ନେଇଯାଉ, ତାହା ପ୍ରଳୟର ଏକ କ୍ଷୁଦ୍ର ସଂସ୍କରଣ । ଏଥିରେ ଏକ ସଂକ୍ଷିପ୍ତ ଉପସ୍ଥିତି ଏବଂ ଏହାକୁ ଦେଖିବା ଅନିବାର୍ଯ୍ୟ ଭାବରେ କ୍ଷଣିକ ବିଚ୍ଛିନ୍ନତାକୁ ପ୍ରେରଣା ଦିଏ । ଅଷ୍ଟମରେ ହେଉଛି ବାଘ ଚର୍ମ । ଶିବଙ୍କୁ ବାଘ ଚର୍ମ ପିନ୍ଧି କଳ୍ପନା କରାଯାଇଛି । ବାଘ ଅହଂକାର ଏବଂ ହିଂସାର ପ୍ରତୀକ, ତେଣୁ ଶିବ ଅହଂକାର ଏବଂ ହିଂସା ଉଭୟକୁ ଦମନ କରିଛନ୍ତି । ନବମରେ ହେଉଛି ଭସ୍ମ ବା ପାଉଁଶ । ଶିବ ତାଙ୍କ ଶରୀରରେ ପାଉଁଶ ପିନ୍ଧନ୍ତି ।

ଶିବଙ୍କୁ କଲ୍ୟାଣର ଉଦାର ଏବଂ ହିତୈଷୀ ଦେବତା ଭାବରେ ବିବେଚନା କରାଯାଏ । ପ୍ରଥମରେ ହେଉଛି ବୃଷ । ବୃଷ ହେଉଛି ଶିବଙ୍କ ବାହନ । ଏହା ସର୍ବଦା ଶିବଙ୍କ ସହିତ ଥାଏ । ବୃଷ ଅର୍ଥ ଧର୍ମ । ମନୁସ୍ମୃତି ଅନୁସାରେ, 'ବୃଷଭ ହେଉଛି ଭଗବାନ ଧର୍ମ:' । ବେଦ ଧର୍ମକୁ ଚାରିପାଦ ବିଶିଷ୍ଟ ପ୍ରାଣୀ ଭାବରେ ବର୍ଣ୍ଣନା କରନ୍ତି । ଏହାର ଚାରିପାଦ ହେଉଛି ଧର୍ମ, ଅର୍ଥ, କାମ ଏବଂ ମୋକ୍ଷ । ମହାଦେବ ଏହି ଚାରିପାଦ ବିଶିଷ୍ଟ ବୃଷଭ ଉପରେ ଚଢ଼ନ୍ତି, ଅର୍ଥାତ୍ ଧର୍ମ, ଅର୍ଥ, କାମ ଏବଂ ମୋକ୍ଷ ତାଙ୍କ ଅଧୀନରେ । ବୃଷଭ ମଧ୍ୟ ବୀର୍ଯ୍ୟ ଏବଂ ଶକ୍ତିର ଅର୍ଥ । ଅଥର୍ବବେଦରେ, ବୃଷଭଙ୍କୁ ପୃଥିବୀର ଧାରକ, ପୋଷଣକାରୀ, ଉତ୍ପାଦକ, ଇତ୍ୟାଦି ଭାବରେ ବର୍ଣ୍ଣନା କରାଯାଇଛି । ବୃଷଭ ମଧ୍ୟ ମେଘର ଅର୍ଥ । ବର୍ଷା, ସୃଷ୍ଟି ଇତ୍ୟାଦି ଶବ୍ଦ ଏହି ମୂଳରୁ ଉତ୍ପନ୍ନ ହୋଇଛି । ଶିବ ହେଉଛନ୍ତି ଅନ୍ତରୀକ୍ଷର ଦେବତା । ତାଙ୍କର ନାମ ବ୍ୟୋମକେଶ, ତେଣୁ ଆକାଶ ହେଉଛି ତାଙ୍କ ଜଟିଳ ତାଳର ରୂପ । ଜଟିଳ ତାଳ ବାୟୁମଣ୍ଡଳର ପ୍ରତୀକ । ବାୟୁ ଆକାଶରେ ବ୍ୟାପି ରହିଛି । ସୌରମଣ୍ଡଳ ଉପରେ ପରମେଷ୍ଠୀ ମଣ୍ଡଳ ଅଛି । ଏହାର ଅର୍ଥ ତତ୍ତ୍ୱକୁ ଗଙ୍ଗା କୁହାଯାଏ, ତେଣୁ ଗଙ୍ଗା ଶିବଙ୍କ ଜଟିଳ ତାଳରେ ପ୍ରବାହିତ ହୁଏ । ଶିବଙ୍କୁ ରୁଦ୍ରଙ୍କ ଉଗ୍ର ଏବଂ ବିନାଶକାରୀ ରୂପ ବୋଲି ମଧ୍ୟ ବିବେଚନା କରାଯାଏ । ଦ୍ୱିତୀୟରେ ହେଉଛି ଗଙ୍ଗା ଏବଂ ଚନ୍ଦ୍ର । ମାଆ ଗଙ୍ଗା ଓ ଚନ୍ଦ୍ର ଏହି ଉଗ୍ରତା ମସ୍ତିଷ୍କରେ ବାସ କରେ, ତେଣୁ, ଶାନ୍ତିର ପ୍ରତୀକ ଗଙ୍ଗା ଏବଂ ଅର୍ଦ୍ଧଚନ୍ଦ୍ର, ଶିବଙ୍କ ମସ୍ତକରେ ବସି ତାଙ୍କର ଉଗ୍ର ସ୍ୱଭାବକୁ ଶାନ୍ତ ରଖନ୍ତି । ଦ୍ୱିତୀୟତଃ, ବିଷ ପିଇବା ଯୋଗୁଁ ତାଙ୍କର ନୀଳକଣ୍ଠ ହେବା ଯୋଗୁଁ ହେଉଥିବା ଜ୍ୱଳନକୁ ମଧ୍ୟ ଗଙ୍ଗା ଏବଂ ଚନ୍ଦ୍ର ଶାନ୍ତ କରନ୍ତି । ଚନ୍ଦ୍ର ମନର ପ୍ରତୀକ । ଶିବଙ୍କ ମନ ନିର୍ଦ୍ଦୋଷ, ପବିତ୍ର, ପବିତ୍ର ଏବଂ ଶକ୍ତିଶାଳୀ । ତାଙ୍କର ବିବେକ ସର୍ବଦା ସତର୍କ । ତାଙ୍କ ମନରେ କେବେବି ଅଯୌକ୍ତିକ ଚିନ୍ତାଧାରା ଉଠେ ନାହିଁ । ଶିବଙ୍କ ଚନ୍ଦ୍ର ସ୍ୱଚ୍ଛ ଏବଂ ଉଜ୍ଜ୍ୱଳ । ଏହା ଅପବିତ୍ରତା ମୁକ୍ତ; ଏହା ଅମୃତ ବୃଷ୍ଟି କରେ । ଚନ୍ଦ୍ରର ଗୋଟିଏ ନାମ 'ସୋମ', ଯାହା ଶାନ୍ତିର ପ୍ରତୀକ । ଏହି କାରଣରୁ, ସୋମବାରକୁ ଶିବ ପୂଜା, ଦର୍ଶନ ଏବଂ ପ୍ରାର୍ଥନାର ଦିନ ଭାବରେ ବିବେଚନା କରାଯାଏ । ତୃତୀୟରେ ହେଉଛି ତ୍ରିନୟନ । ଶିବଙ୍କୁ ତ୍ରିଲୋଚନ କୁହାଯାଏ, ଅର୍ଥାତ୍ ତାଙ୍କର ତିନୋଟି ଆଖି ଅଛି । ବେଦ ଅନୁସାରେ, ସୂର୍ଯ୍ୟ ଏବଂ ଚନ୍ଦ୍ର ବିରାଟ ପୁରୁଷଙ୍କ ଆଖି । ଅଗ୍ନି ଶିବଙ୍କ ତୃତୀୟ ଆଖି, ଯଜ୍ଞ ଅଗ୍ନିର ପ୍ରତୀକ । ସୂର୍ଯ୍ୟ ଜ୍ଞାନର ଅଧିଷ୍ଠାତ୍ରୀ ଦେବତା, ଏବଂ ଏହି ଜ୍ଞାନ କିମ୍ବା ଅଗ୍ନି ଚକ୍ଷୁ ଦ୍ୱାରା ସେ କାମଦେବଙ୍କୁ ଭସ୍ମ କରିଦେଇଥିଲେ । ଶିବଙ୍କ ଏହି ତିନୋଟି ଆଖି ସତ୍ତ୍ୱ, ରଜ ଏବଂ ତମ ତିନୋଟି ଗୁଣ, ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତର ତିନି ସମୟ ଏବଂ ସ୍ୱର୍ଗ, ମୃତ୍ୟୁ ଏବଂ ନରକ ତିନି ଲୋକର ପ୍ରତୀକ । ତେଣୁ, ଶିବଙ୍କୁ ତ୍ରୟମ୍ବକ ମଧ୍ୟ କୁହାଯାଏ ।

ଚତୁର୍ଥରେ ହେଉଛି ସର୍ପଙ୍କ ହାର । ଭଗବାନ ଶଙ୍କରଙ୍କ ଗଳା ଏବଂ ଶରୀରରେ ସାପର ହାର ଅଛି । ସାପଟି ତମୋଗୁଣ (ଅନ୍ଧକାର) ର ଏବଂ ଏହା ଏକ ବିନାଶକାରୀ ପ୍ରକୃତିର ପ୍ରାଣୀ । ଯଦି ଏହା ମଣିଷକୁ କାମୁଡ଼େ, ତେବେ ବ୍ୟକ୍ତିର ମୃତ୍ୟୁ ହୁଏ । ତେଣୁ, ଶିବ ଏହାକୁ ବିନାଶକାରୀତାର ପ୍ରତୀକ ଭାବରେ ଧାରଣ କରନ୍ତି, ଅର୍ଥାତ୍ ଶିବ ତମୋଗୁଣ (ଅନ୍ଧକାର) କୁ ନିୟନ୍ତ୍ରଣ କରିଛନ୍ତି । ସାପ ପରି ଏକ ନିଷ୍ଠୁର ଏବଂ ହିଂସ୍ର ପ୍ରାଣୀ ମହାକାଳଙ୍କ ନିୟନ୍ତ୍ରଣରେ ଅଛି । ପଞ୍ଚମରେ ହେଉଛି ତ୍ରିଶୂଳ । ଏହା ଶିବଙ୍କର ଏକ ଘାତକ ଅସ୍ତ୍ର, ତ୍ରିଶୂଳ ଧାରଣ କରନ୍ତି । ବ୍ରହ୍ମାଣ୍ଡରେ, ସମସ୍ତ ମାନବ ତିନି ପ୍ରକାରର ଦୁଃଖ ଦ୍ୱାରା କଷ୍ଟ ପାଆନ୍ତି: ଶାରୀରିକ, ଦିବ୍ୟ ଏବଂ ଆଧ୍ୟାତ୍ମିକ । ଶିବଙ୍କ ତ୍ରିଶୂଳ ଏହି ଦୁଃଖଗୁଡ଼ିକୁ ନଷ୍ଟ କରେ । କେବଳ ଶିବଙ୍କ ଆଶ୍ରୟ ନେଇ ଜଣେ ଭକ୍ତ ଏହି ଦୁଃଖରୁ ମୁକ୍ତ ହୋଇ ସୁଖ ପ୍ରାପ୍ତ କରିପାରିବେ । ଶିବଙ୍କ ତ୍ରିଶୂଳ ଇଚ୍ଛା, ଜ୍ଞାନ ଏବଂ କାର୍ଯ୍ୟକୁ ସୂଚିତ କରେ । ଷଷ୍ଠରେ ହେଉଛି ଡମ୍ବରୁ । ଶିବ ତାଙ୍କ ହାତରେ ଏକ ଡମରୁ ଧରିଛନ୍ତି । ସେ ତାଣ୍ଡବ ନୃତ୍ୟ ସମୟରେ ଏହାକୁ ବଜାଇଥାନ୍ତି । ପୁରୁଷ ଏବଂ ପ୍ରକୃତିର ମିଳନକୁ ତାଣ୍ଡବ ନୃତ୍ୟ କୁହାଯାଏ । ସେହି ସମୟରେ ପ୍ରତ୍ୟେକ ପରମାଣୁରେ କାର୍ଯ୍ୟକଳାପ ଜାଗ୍ରତ ହୁଏ ଏବଂ ବ୍ରହ୍ମାଣ୍ଡ ସୃଷ୍ଟି ହୁଏ । ପରମାଣୁର ମିଳନ ଏବଂ ସଂଘର୍ଷ ଶବ୍ଦକୁ ଜନ୍ମ ଦିଏ । ଶାସ୍ତ୍ରରେ ଶବ୍ଦକୁ ବ୍ରହ୍ମ କୁହାଯାଏ । ଡମରୁର ଶବ୍ଦ ବା ଶବ୍ଦ ହେଉଛି ବ୍ରହ୍ମର ସ୍ୱରୂପ । ଏହା 'ଓଁକାର'ର ପ୍ରକାଶନ । ସପ୍ତମରେ ହେଉଛି ଖପୁରୀ ମାଳ । ଶିବଙ୍କ ଗଳାରେ ଖପୁରୀର ମାଳ ଏହି ଭାବନାକୁ ପ୍ରକାଶ କରେ ଯେ ସେ ମୃତ୍ୟୁକୁ ଆଲିଙ୍ଗନ କରିଛନ୍ତି ଏବଂ ଏହାକୁ ଭୟ କରନ୍ତି ନାହିଁ । ଶ୍ମଶାନରେ ଶିବଙ୍କ ବାସସ୍ଥାନ ଏହାର ପ୍ରତୀକ ଯେ ଯିଏ ଜନ୍ମ ହୋଇଛି ସେ ଦିନେ ମୃତ୍ୟୁବରଣ କରିବ, ତେଣୁ, ଜୀବିତ ଅବସ୍ଥାରେ ଶରୀରର ବିନାଶ ବିଷୟରେ ସଚେତନ ହେବା ଉଚିତ । ପ୍ରଳୟ ସମୟରେ, ସମଗ୍ର ବ୍ରହ୍ମାଣ୍ଡ ଏକ ଶ୍ମଶାନ ଭୂମିରେ ପରିଣତ ହୁଏ । ଯେଉଁ ଶ୍ମଶାନ ଭୂମିରେ ଆମେ ମୃତଦେହ ନେଇଯାଉ, ତାହା ପ୍ରଳୟର ଏକ କ୍ଷୁଦ୍ର ସଂସ୍କରଣ । ଏଥିରେ ଏକ ସଂକ୍ଷିପ୍ତ ଉପସ୍ଥିତି ଏବଂ ଏହାକୁ ଦେଖିବା ଅନିବାର୍ଯ୍ୟ ଭାବରେ କ୍ଷଣିକ ବିଚ୍ଛିନ୍ନତାକୁ ପ୍ରେରଣା ଦିଏ । ଅଷ୍ଟମରେ ହେଉଛି ବାଘ ଚର୍ମ । ଶିବଙ୍କୁ ବାଘ ଚର୍ମ ପିନ୍ଧି କଳ୍ପନା କରାଯାଇଛି । ବାଘ ଅହଂକାର ଏବଂ ହିଂସାର ପ୍ରତୀକ, ତେଣୁ ଶିବ ଅହଂକାର ଏବଂ ହିଂସା ଉଭୟକୁ ଦମନ କରିଛନ୍ତି । ନବମରେ ହେଉଛି ଭସ୍ମ ବା ପାଉଁଶ । ଶିବ ତାଙ୍କ ଶରୀରରେ ପାଉଁଶ ପିନ୍ଧନ୍ତି । ଉଜ୍ଜୟିନୀର ମହାକାଳ ମନ୍ଦିରରେ ପ୍ରତିଦିନ ସକାଳେ, ଏକ ଭସ୍ମ ଆରତୀ କରାଯାଏ, ଯେଉଁଥିରେ ଶ୍ମଶାନ ଭୂମିରୁ ଏକ ମୃତ ଶରୀରର ପାଉଁଶ ସହିତ ଶିବଙ୍କୁ ପୂଜା କରାଯାଏ । ଲିଙ୍ଗରେ ପାଉଁଶ ଲଗାଯାଏ । ପାଉଁଶ ଜଗତର ଶୂନ୍ୟତାର ପ୍ରତୀକ । ମହାକାଳପାତ ସମୟରେ, ସମଗ୍ର ବିଶ୍ୱ ନଷ୍ଟ ହୋଇଯାଏ, କେବଳ ପାଉଁଶ ରହିଯାଏ । ଶରୀର ସମାନ ଭାଗ୍ୟ ଅନୁଭବ କରେ । ପାଉଁଶ ଆମକୁ ମୃତ୍ୟୁର ମନେ ପକାଇଥାଏ । ବେଦରେ, ରୁଦ୍ରଙ୍କୁ ଅଗ୍ନିର ପ୍ରତୀକ ଭାବରେ ବିବେଚନା କରାଯାଏ । ଅଗ୍ନିର କାର୍ଯ୍ୟ ହେଉଛି ଭସ୍ମରେ ପରିଣତ କରିବା, ତେଣୁ ପାଉଁଶକୁ ଶିବଙ୍କ ଆଭୂଷଣ ଭାବରେ ବିବେଚନା କରାଯାଏ ।

ଏହାପରେ ହେଉଛି ଶିବଙ୍କୁ ରୁଦ୍ର କାହିଁକି କୁହଯାଏ । ଶିବଙ୍କୁ ରୁଦ୍ର ସ୍ୱରୂପ ମଧ୍ୟ କୁହାଯାଏ । ପୁରାଣ ଅନୁସାରେ, ନକ୍ଷତ୍ରମଣ୍ଡଳରେ ଅବସ୍ଥିତ ୧୧ଟି ରୁଦ୍ର ଅଛନ୍ତି । ବୈଦିକ ବାକ୍ୟାଂଶ 'ଅଗ୍ନିର୍ବୈରୁଦ୍ର' ଅର୍ଥ ହେଉଛି ଅଗ୍ନି ହେଉଛି ରୁଦ୍ର । ସାହିତ୍ୟରେ, ରୁଦ୍ର ରୌଦ୍ର ରସ ସହିତ ଜଡିତ, ଯାହାର ଅର୍ଥ କ୍ରୋଧ । ପ୍ରାକୃତିକ ବିଜ୍ଞାନ ଅନୁସାରେ, ମହାକାଶରେ ପ୍ରକାଶିତ ବିଶ୍ୱବ୍ୟାପୀ ରୁଦ୍ର ଦେବତା, ନିର୍ଦ୍ଦିଷ୍ଟ ଶକ୍ତି ମାଧ୍ୟମରେ ବିଭିନ୍ନ କାର୍ଯ୍ୟ କରନ୍ତି ଏବଂ ବେଦରେ ଏହି ଶକ୍ତିଗୁଡ଼ିକର ପୂଜା ବର୍ଣ୍ଣନା କରାଯାଇଛି । ଏହି କାରଣରୁ, ବେଦରେ ପ୍ରକୃତିର ଉପାଦାନଗୁଡ଼ିକ ପାଇଁ ଉତ୍ସର୍ଗୀକୃତ ସ୍ତୁତି ଏବଂ ସ୍ତୁତି ରହିଛି । ଏହି ଧାରଣାଗୁଡ଼ିକୁ ସାଧାରଣ ଜନତାଙ୍କୁ ବ୍ୟବହାରିକ ଭାବରେ ବୁଝାଇବା ପାଇଁ, ଦେବତାମାନଙ୍କର ମୁଖ, ହାତ, ପାଦ, ରଙ୍ଗ, ଆସନ, ଯାନ, ଅସ୍ତ୍ରଶସ୍ତ୍ର ଏବଂ ଅଳଙ୍କାର ପଛରେ ଲୁକ୍କାୟିତ ଅର୍ଥ କିମ୍ବା ଗୁପ୍ତ କଥା ବୁଝାଇବା ପାଇଁ ମୂର୍ତ୍ତି ବ୍ୟବହାର କରାଯାଇଥିଲା । ନିର୍ଣ୍ଣୟ ବିଜ୍ଞାନ ଉପରେ ଆଧାର କରି ମୂର୍ତ୍ତିଗୁଡ଼ିକ ସୃଷ୍ଟି କରାଯାଇଥିଲା । ନିଦାନ ଅର୍ଥ ସୂଚକ । ଶିବ, ଆଦିମ ବ୍ରହ୍ମ, ଅଗ୍ନି କିମ୍ବା ରୁଦ୍ର ଉପାଦାନ ସହିତ ବ୍ରହ୍ମାଣ୍ଡରେ ପରିପୂର୍ଣ୍ଣ । ଅଗ୍ନି, ବାୟୁ ଏବଂ ସୂର୍ଯ୍ୟର ସମାନ ଉପାଦାନ ଏହି ତିନୋଟି ରୂପରେ ପରିବର୍ତ୍ତିତ ହୁଏ । ଏଥିମଧ୍ୟରୁ, ସମାନ ସୌର ରୁଦ୍ର, ପାଞ୍ଚଟି ଦିଗକୁ ବ୍ୟାପି ପଞ୍ଚମୁଖୀ ହୁଏ । ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଏବଂ ପଶ୍ଚିମ ଦିଗ ସହିତ ସମାନ ସମାନ ବ୍ୟକ୍ତିଙ୍କ ପାଞ୍ଚଟି ମୁଖ ଯଥାକ୍ରମେ ତତ୍ପୁରୁଷ, ସଦ୍ୟୋଜାତ, ବାମଦେବ, ଅଘୋର ଏବଂ ଈଶାନ ଭାବରେ ଜଣାଶୁଣା । 'ପ୍ରତିବକ୍ତ୍ରଂ ଭୁଜଦୟମ୍' ନୀତି ଅନୁସାରେ ଏହି ପଞ୍ଚବକ୍ତ୍ର ଶିବଙ୍କର ଦଶଟି ହାତ ଅଛି । ଏଥିରେ ୧୦ଟି ଅସ୍ତ୍ର ଅନ୍ତର୍ଭୁକ୍ତ: ଅଭୟ, ଟଙ୍କ, ଶୂଳ, ବଜ୍ର, ପାଶ, ଖଣ୍ଡା, ଅଙ୍କୁଶ, ଘଣ୍ଟା, ନାଦ ଏବଂ ଅଗ୍ନି । ସେମାନଙ୍କର ଉଦ୍ଦେଶ୍ୟ ଏବଂ କାର୍ଯ୍ୟ ପୁରାଣରେ ବିସ୍ତାରିତ ଭାବରେ ବର୍ଣ୍ଣିତ ହୋଇଛି । ସଂକ୍ଷେପରେ ମହାଦେବଙ୍କ ପାଞ୍ଚଟି ମୁଖ ପାଞ୍ଚଟି ଉପାଦାନକୁ ପ୍ରତିନିଧିତ୍ୱ କରେ । ଦଶଟି ହାତ ୧୦ଟି ଦିଗକୁ ପ୍ରତିନିଧିତ୍ୱ କରେ । ତାଙ୍କ ହାତରେ ଥିବା ଅସ୍ତ୍ରଗୁଡ଼ିକ ବିଶ୍ୱକୁ ସୁରକ୍ଷା ଦେଉଥିବା ଶକ୍ତିର ପ୍ରତୀକ । ଅନେକ ବିଦ୍ୱାନ ବିଶ୍ୱାସ କରନ୍ତି ଯେ ଶିବଙ୍କ ପାଞ୍ଚଟି ମୁଖ ଏହି ପାଞ୍ଚଟି କାର୍ଯ୍ୟ ସୃଷ୍ଟି କରୁଥିବା ପାଞ୍ଚଟି ଶକ୍ତିର ପ୍ରତୀକ: ସୃଷ୍ଟି, ପୋଷଣ, ବିଲୟ, କୃପା ଏବଂ ସଂଯମ । ପୂର୍ବ ମୁଖ ସୃଷ୍ଟିକୁ ପ୍ରତିନିଧିତ୍ୱ କରେ, ଦକ୍ଷିଣ ମୁଖ ଅସ୍ତିତ୍ୱକୁ ପ୍ରତିନିଧିତ୍ୱ କରେ, ପଶ୍ଚିମ ମୁଖ ବିନାଶକୁ ପ୍ରତିନିଧିତ୍ୱ କରେ, ଉତ୍ତର ମୁଖ ଅନୁଗ୍ରହକୁ ପ୍ରତିନିଧିତ୍ୱ କରେ ଏବଂ ଉପର ମୁଖ ସଂଯମ (ଜ୍ଞାନ)କୁ ପ୍ରତିନିଧିତ୍ୱ କରେ ।

ଅରଙ୍ଗାବାଦ ବରୀ, ଯାଜପୁର
ମୋ- ୮୨୪୯୫୦୨୭୭୬

# ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ରମ୍ଭା, ୧୩।୨ (ନିପ୍ର); ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ବାର୍ଷିକ ଉତ୍ସବ ଆନୁଷ୍ଠାନିକ ରୀତିରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ନିମନ୍ତ୍ରିତ ଯୁବ କଣ୍ଠଶିଳ୍ପୀ ନିରଞ୍ଜନ ବେହେରା ଭକ୍ତି ରସାତ୍ମକ ଭଜନ ପରିବେଷଣ କରି ସମଗ୍ର ପରିବେଶ କୁ ମନ୍ତ୍ରମୁଗ୍ଧ କରିଥିଲେ । ଉତ୍ସବରେ ସହକାରୀ ଶିକ୍ଷକ ରୋହିତ କୁମାର ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ । ଆୟୋଜିତ ଉତ୍ସବରେ ସ୍ଥାନୀୟ ତହସିଲଦାର ଡି. ମାଳେଶ୍ୱର ପାତ୍ର ମୁଖ୍ୟ ଅତିଥି, ବରିଷ୍ଠ ଆଇନଜୀବୀ ରାଜେନ୍ଦ୍ର ପ୍ରସାଦ ରଥ ମୁଖ୍ୟ ବକ୍ତା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ମହାପାତ୍ର ସ୍ୱତନ୍ତ୍ର ଅତିଥି, ଯୁବ ସମାଜସେବୀ ତଥା ଅର୍ଗସ ନ୍ୟୁଜର ସାମ୍ବାଦିକ ଅଶୋକ କୁମାର ତ୍ରିପାଠୀ, ଯୁବ ସାହିତ୍ୟିକ ତଥା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଡକ୍ଟର ଦ୍ୱାରିକାନାଥ ମହାରଣା ପ୍ରମୁଖ ସମ୍ମାନୀତ ଅତିଥି ରୂପେ ଯୋଗଦେଇ ପ୍ରାଚୀନ ଶିକ୍ଷାନୁଷ୍ଠାନର ଶିକ୍ଷାଦାନ ଶୈଳୀ, ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ନିର୍ମାଣରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତ୍ୟାଗ ବଳିଦାନ, ସାର୍ବଜନୀନ ଶିକ୍ଷା, ଉତ୍ତମ ଚରିତ୍ର ଗଠନରେ ଶିକ୍ଷାନୁଷ୍ଠାନର ଭୂମିକା, ସତ୍ୟବାଦିତା, ଏକାଗ୍ରତା, ଉଦ୍ୟମତା, ନିଃସ୍ୱାର୍ଥପରତା ଭଳି ଗୁଣାବଳୀର ବିକାଶ ହେବା ନିତାନ୍ତ ପ୍ରୟୋଜନ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବହୁବିଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ସିଲ୍ ମାନପତ୍ର ସହିତ ସମ୍ବର୍ଦ୍ଧିତ କରିଥିଲେ । ଅନୁଷ୍ଠାନର ଛାତ୍ରଛାତ୍ରୀ ଏକକ ନୃତ୍ୟ, ଦଳଗତ ନୃତ୍ୟ, ସଂଗୀତ ପରିବେଷଣ କରିଥିଲେ । ସହକାରୀ ଶିକ୍ଷୟିତ୍ରୀ ସଂଘମିତ୍ରା ପଲେଇ କାର୍ଯ୍ୟକ୍ରମର ସଂଯୋଜନା କରିଥିଲା ବେଳେ ଶିକ୍ଷୟିତ୍ରୀ ଚନ୍ଦନା ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବରେ ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀଙ୍କ ସମେତ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ଅଞ୍ଚଳବାସୀ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ ।

# ଅବସରପ୍ରାପ୍ତ ଓଏମସି କର୍ମଚାରୀଙ୍କ ବୈଠକ

କେନ୍ଦୁଝର, ୧୩।୨ (ନିପ୍ର); କେନ୍ଦୁଝର ଶୁଆକାଟି ସ୍ଥିତ ଓଏମସି ଗନ୍ଧମାର୍ଦ୍ଦନ ସଭା ଗୃହରେ ଓଏମସି କର୍ମଚାରୀ ସଂଘ ଆନୁକୂଲ୍ୟରେ ଅବସରପ୍ରାପ୍ତ ଓଏମସି କର୍ମଚାରୀଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଏମସି ଗନ୍ଧମାର୍ଦ୍ଦନ ତାର ପାରିପାର୍ଶ୍ୱିକ ବିକାଶ ଏବଂ ଖଣିର ସୁବିଧା ଅସୁବିଧା,ଆଞ୍ଚଳିକ ସୁବିଧା ଅସୁବିଧା ଉପରେ ଚିନ୍ତନ ମନ୍ଥନ କରିବା ପାଇଁ ଅଫିସ କମୁନିଟି ହଲରେ ଗୋଟିଏ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆଞ୍ଚଳିକ ପ୍ରବନ୍ଧକ ପଙ୍କଜ କୁମାର ମହାନ୍ତ ଏବଂ ମାଇନ୍ସ ମ୍ୟାନେଜର ଉଦୟ ଶଙ୍କର ପଟ୍ଟନାୟକ ତଥା ସିଏସଆର୍ ନୋଡାଲ ଅଫିସର ସଂଜୀବ ସାମଲ ଗ୍ରାମବାସୀମାନଙ୍କ ଉନ୍ନତି ସହିତ ଖଣିର ବିକାଶ ଏବଂ ଆଗକୁ ଖଣି ଅଧ୍ୟୁଷିତ ଅଞ୍ଚଳର ସାର୍ବଜନୀନ ବିକାଶ କିପରି ହୋଇ ପାରିବ ଏହା ଉପରେ ଆଲୋଚନା କରିଥିଲେ । ଉକ୍ତ ବୈଠକରେ ଖଣି ପ୍ରବନ୍ଧକ ଏବଂ ସିଏସଆର୍ ନୋଡାଲ ଅଫିସରଙ୍କ ସହିତ ବିଜେପି ଜିଲ୍ଲା ସଭାପତି ତଥା ଓଏମସି କର୍ମଚାରୀ ସଂଘର ଉପଦେଷ୍ଟା ଶୁକଦେବ ମହାନ୍ତ ଯୋଗଦେଇଥିବା ବେଳେ ଖଣିରୁ ଅବସର ଗ୍ରହଣ କରିଥିବା ଉଚ୍ଚତମ କର୍ତ୍ତୃପକ୍ଷ ଯେଉଁମାନଙ୍କର ଏହି ଖଣି ତଥା ଏହି ଅଞ୍ଚଳ ବିଷୟରେ ବିଶେଷ ଅଭିଜ୍ଞତା ରହିଛି ଏବଂ ଓଏମସି କର୍ମଚାରୀ ସଂଘର କର୍ମକର୍ତ୍ତାମାନଙ୍କୁ ନେଇ ଏହି ଖଣିରେ କାର୍ଯ୍ୟରତ କର୍ମଚାରୀ ଏବଂ ଅବସରପ୍ରାପ୍ତ କର୍ମଚାରୀମାନଙ୍କ କଲ୍ୟାଣ ପାଇଁ କିଭଳି ସୁବିଧା ସୁଯୋଗ ପ୍ରସ୍ତୁତ ହେବ ତଥା ଖଣି କ୍ଷେତ୍ରର ବିକାଶ ହେବ ସେସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା ।

# ଏସଆଇଆର ସଂଶୋଧନ ଆରମ୍ଭ

ଭାପୁର, ୧୩।୨ (ନିପ୍ର): ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଦୀର୍ଘ ୨୪ ବର୍ଷ ପରେ ଭାପୁର ବ୍ଲକରେ ଭୋଟର ମ୍ୟାପିଙ୍ଗ କାର୍ଯ୍ୟ ଚାଲୁରହିଛି ।ଭୋଟର ତାଲିକାକୁ ସ୍ୱଚ୍ଛତା କରି ଗଣତନ୍ତ୍ରର ମୂଳଦୁଆକୁ ସୁଦୃଢ କରିବା ଏହି ସ୍ୱତନ୍ତ୍ର ସଂଶୋଧନର ମୂଳଲକ୍ଷ୍ୟ ।ଭାପୁର ବ୍ଲକର ମୋଟ ୧୦୧ ଗୋଟି ବୁଥରେ ବ୍ଲକ ଲେବଲ ଅଫିସର ଘରଘର ବୁଲି ଏହି କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଭୋଟର ତାଲିକା କୁ ୩ ଭାଗରେ ବିଭକ୍ତ ଅର୍ଥାତ 'ଏ' କ୍ୟାଟାଗୋରିରେ ଜଣେ ବ୍ୟକ୍ତି ଙ୍କ ନାମ ୨୦୨୬ ଭୋଟର ତାଲିକାରେ ଥିବା ସହିତ ୨୦୦୨ ମସିହା ଭୋଟର ତାଲିକାରେ ରହିଥିବା ଆବଶ୍ୟକ ।'ବି' କ୍ୟାଟାଗୋରିରେ ୨୦୨୬ ଭୋଟର ତାଲିକା ରେ ନାଁ ରହିଥିବ କିନ୍ତୁ ୨୦୦୨ ଭୋଟର ତାଲିକାରେ ତାଙ୍କ ବାପା,ମାଆ,ଜେଜେ ଓ ଜେଜେମାଆ ଙ୍କ ନାମ ଥିବା ଆବଶ୍ୟକ ।'ସି' କ୍ୟାଟାଗୋରିରେ ୨୦୨୬ ଭୋଟର ତାଲିକାରେ ନାଁ ଥିବ ପରନ୍ତୁ ୨୦୦୨ ମସିହା ଭୋଟର ତାଲିକାରେ ତାଙ୍କର ନାଁ ନ ଥିବ ।ଯେପରି ୨୦୦୨ ମସିହା ପରେ ଯେଉଁ ବୋହୁ ମାନେ ବିବାହ କରି ଉକ୍ତ ବୁଥ କୁ ଆସିଛନ୍ତି ଅଥବା ଝିଅ ମାନେ ବିବାହ କରି ଅନ୍ୟ ଗାଁ ବୁଥ କୁ ଚାଲି ଯାଇଛନ୍ତି ସେମାନେ ତାଙ୍କ ବାପା ଘରୁ ୨୦୦୨ ଭୋଟର ତାଲିକାରେ ଥିବା ତାଙ୍କ ବାପା କିମ୍ବା ମାଆଙ୍କର କ୍ରମିକ ନମ୍ବର,ନିର୍ବାଚନୀ ମଣ୍ଡଳୀ ନମ୍ବର ଓ ବୁଥ ନମ୍ବର ଆଣି ପୈଠ କରିବାକୁ ପଡିବ ।ଏହି ପରିପ୍ରେକ୍ଷୀରେ ଭାପୁର ବ୍ଲକର ତାଲିମ ପ୍ରାପ୍ତ ଅଙ୍ଗନବାଡି କର୍ମୀ ଓ ଶିକ୍ଷକମାନେ ଘରଘର ବୁଲି ସମସ୍ତ ଭୋଟର ମାନଙ୍କୁ ସଚେତନ କରେଇ ନିର୍ବାଚନ ମଣ୍ଡଳୀ ନାମ, ବୁଥ ନଂ ଏବଂ ବାପାମାଆଙ୍କ କ୍ରମିକ ସଂଖ୍ୟା ସଂଗ୍ରହ କରୁଛନ୍ତି। ଏହି ପରିପ୍ରେକ୍ଷୀରେ, ରାକମା ପଂଚାୟତ ୧୪୪ ନଂ ବିଏଲଓ ନମିତା ପଟ୍ଟଯୋଶୀ ଙ୍କ ସହ ଭାପୁର ବ୍ଲକ ର ୧୦୧ ଜଣ ବିଏଲଓ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ସମ୍ପାଦନ କରୁଛନ୍ତି ।ଫଳରେ,ରାଜ୍ୟର ବିଦେଶୀ ଭୋଟର,ମୃତ ଭୋଟର,ଦୁଇ ସ୍ଥାନରେ ନାଁ ଥିବା ଭୋଟର ଚିହ୍ନିତ ହୋଇପାରିବେ ଫଳରେ,ଆସନ୍ତା ପଂଚାୟତ ନିର୍ବାଚନ ପୂର୍ବରୁ ଭୋଟର ତାଲିକା ଟି ସ୍ୱଚ୍ଛ ଓ ନିର୍ମଳ ହୋଇପାରିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଲକ୍ଷ୍ୟ।

# ନାବାଳିକା ଦୁଷ୍କର୍ମ ମାମଲା: ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ରେଢ଼ାଖୋଲ,ତା: ୧୩/ ୨ (ନିପ୍ର): ରେଢ଼ାଖୋଲ ଅଞ୍ଚଳର ଏକ ଚର୍ଚ୍ଚିତ ନାବାଳିକା ଦୁଷ୍କର୍ମ ମାମଲାରେ ବିଚାରପତି ଅଭିଳାଷ ସେନାପତି ଶୁକ୍ରବାର ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଘଟଣାର ସମସ୍ତ ଦିଗକୁ ତର୍ଜମା କରିବା ପରେ ଅଭିଯୁକ୍ତ ଭୀଷ୍ମ ପୁଲେଇଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି । ପ୍ରକାଶ ଥାଉ କି, ଗତ ୦୬.୦୫.୨୦୨୨ ରିଖ ଅପରାହ୍ନ ପ୍ରାୟ ୪ଟା ସମୟରେ ପୀଡ଼ିତାଙ୍କ ପରିବାର ଲୋକେ ପୁଅର ଚିକିତ୍ସା ପାଇଁ ମେଡିକାଲ ଯାଇଥିବା ବେଳେ, ଘରେ ନାବାଳିକା ଜଣକ ଏକାକୀ ଥିବାର ସୁଯୋଗ ନେଇ ଅଭିଯୁକ୍ତ ଭୀଷ୍ମ ପୁଲେଇ ତାଙ୍କ ସହ ଜବରଦସ୍ତି ଶାରୀରିକ ସମ୍ପର୍କ ରଖିଥିଲେ। ପୀଡ଼ିତାଙ୍କ ବାପା ନିଜ ଭାଇଙ୍କଠାରୁ ଫୋନ୍ ଯୋଗେ ଏହି ଖବର ପାଇ ତୁରନ୍ତ ଘରକୁ ଫେରି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ତତ୍କାଳ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରି ଥାନାକୁ ଆଣିଥିଲା। ତେବେ ସେହି ସମୟରେ ପୀଡ଼ିତାଙ୍କ ମାଟ୍ରିକ ପରୀକ୍ଷା ଚାଲିଥିବା କାରଣରୁ ପରିବାର ପକ୍ଷରୁ ସେହିଦିନ ଏଫ୍ଆଇଆର ଦାୟର କରାଯାଇପାରିନଥିଲା ଏବଂ ପରଦିନ ଅର୍ଥାତ୍ ୦୭.୦୫.୨୦୨୨ ରିଖ ରାତି ୮ଟା ସମୟରେ ଥାନା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଥିଲା। ଏହି ସମ୍ବେଦନଶୀଳ ମାମଲାରେ ବିଚାରପତି ଶ୍ରୀ ସେନାପତି ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତଙ୍କ ବିରୋଧରେ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ମାନ୍ୟବର କୋର୍ଟ ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି ଅଭିଯୁକ୍ତଙ୍କୁ ପୋକସୋ ଆକ୍ଟର ଧାରା ୪(୨) ଅନୁଯାୟୀ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦,୦୦୦ ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି।

# ଗୌରାଙ୍ଗପାଟଣାରେ ଚକ୍ଷୁ ଚିକିତ୍ସା ଶିବିର

ରମ୍ଭା, ୧୩।୨ (ନିପ୍ର); ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାନରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ଅଧୀନସ୍ଥ ଗୌରାଙ୍ଗପାଟଣା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଠାରେ ଗୌରାଙ୍ଗପାଟଣା ଭାଗବତ ଟୁଙ୍ଗି, ଅରବିନ୍ଦ କ୍ଲବ୍ ଓ ଶଙ୍କର ଚକ୍ଷୁ ଚିକିତ୍ସାଳୟ ସମରଝୋଲ ହିଞ୍ଜିଳିକାଟୁର ମିଳିତ ସହଯୋଗରେ ଏକ ମାଗଣା ପରଳ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଭାଗବତ ଟୁଙ୍ଗିର ଉପଦେଷ୍ଟା ଯୋଗିନ୍ଦ୍ର ବେହେରା, ସଭାପତି କିଶୋର ବେହେରା,ସଂପାଦକ ବିମ୍ବାଧର ବେହେରା କୋଷାଧ୍ୟକ୍ଷ ପ୍ରଶାନ୍ତ ବେହେରା ଏବଂ ଅରବିନ୍ଦ କ୍ଲବର ସଂପାଦକ ଶ୍ୟାମସୁନ୍ଦର ବେହେରା ପ୍ରମୁଖ ଯୋଗଦେଇ ଚକ୍ଷୁ ମଣିଷର ଶ୍ରେଷ୍ଠ ଅଙ୍ଗ ବୋଲି ଆଲୋକପାତ କରିଥିଲେ। ଏହି ଶିବିରରେ ଶଙ୍କର ଚକ୍ଷୁ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ଡାକ୍ତର ସାଗର ମହାନ୍ତି, କ୍ୟାମ୍ପ ମ୍ୟାନେଜର ନଳିନୀକାନ୍ତ ରାଉତ, କର୍ମଚାରୀ କେଲୁ ଚରଣ ସାହୁ ପ୍ରମୁଖ ଉପସ୍ଥିତ ରହି ଗୌରାଙ୍ଗପାଟଣା, ମଧୁରଚୁଆ, ଡିଆଁଡେଇଁ, ବିଞ୍ଝଣାପଲ୍ଲୀ ଓ ରମ୍ଭା ଅଞ୍ଚଳର ପ୍ରାୟ ୪୦ ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଏଥିରୁ ୧୦ ଜଣ ରୋଗୀଙ୍କୁ ପରଳ ବା ମୋତିଆ ବିନ୍ଦୁ ଅସ୍ତ୍ର ଉପଚାର ନିମନ୍ତେ ହିଞ୍ଜିଳିକାଟୁ ଶଙ୍କର ଚକ୍ଷୁ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଶେଷଦେବ ବେହେରା ପରିଚାଳନା କରିଥିଲା ବେଳେ କେ ସତ୍ୟ ନାରାୟଣ ଆଚାରି ପରିଚାଳନାରେ ସହଯୋଗ କରିଥିଲେ।

# ଶିଶୁ ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହେଲେ ମୁଖ୍ୟ ଅଭିଯୁକ୍ତ

## ୨୦ ବର୍ଷର ସଶ୍ରମ କାରାଦଣ୍ଡ

ପାରଳାଖେମୁଣ୍ଡି, ୧୩।୨ (ନିପ୍ର); ଏକ କୋମଳମତି ଶିଶୁକୁ କୁରକୁରେ ଚିପ୍ସ ଦେବା ନାଁରେ ଘରୁ ଅପହରଣ କରି ଦୁଷ୍କର୍ମ କରିବା ଭଳି ସମ୍ବେଦନଶୀଳ ମାମଲାର ଶୁଣାଣି କରି ଆଜି ଗଜପତି ଜିଲ୍ଲା ଅତିରିକ୍ତ ଜିଲ୍ଲା ସେସନ ଜଜ ବିଭୁ ପ୍ରସାଦ ପଣ୍ଡା ପୋକ୍ସୋ ଆକ୍ଟର ଧାରା ୬ରେ ମୋହନା ଥାନା ଅନ୍ତର୍ଗତ ଭାଲିଆ ସାହିର ଅଭିଯୁକ୍ତ ବଳରାମ ନାୟକ ଓରଫ ବାଲା (୬୦ବର୍ଷ)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷର ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜୋରିମାନାର ସଜା ଶୁଣାଇଛନ୍ତି ତଥା ଜୋରିମାନା ଅନାଦେୟ ଆହୁରି ଛଅ ମାସ ସଶ୍ରମ ଜେଲଦଣ୍ଡ ଭୋଗ କରିବାକୁ ପଡିବ ବୋଲି ମାନ୍ୟବର ନ୍ୟାୟାଧୀଶ ନିଜର ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ଅପହରଣ ପାଇଁ ରହିଥିବା ଭାରତୀୟ ପିଙ୍ଗଳ କୋଡ଼ର ଧାରା ୩୬୩ରେ ଉକ୍ତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୩ବର୍ଷର ସଶ୍ରମ କାରାଦଣ୍ଡ ସହ ୧ହଜାର ଟଙ୍କା ଜୋରିମାନା ସଜା ଶୁଣାଇଛନ୍ତି । ତଥା ଜୋରିମାନା ଅନାଦେୟ ଆହୁରି ଦୁଇ ମାସ ସଶ୍ରମ ଜେଲଦଣ୍ଡ ଭୋଗ କରିବାକୁ ପଡିବ ବୋଲି ନ୍ୟାୟାଧୀଶ ନିଜର ରାୟରେ ଉଲ୍ଲେଖ କରିଛନ୍ତି। ଏହି ସମ୍ବେଦନଶୀଳ ମାମଲାରେ ବିଚାରପତି ନିଜ ରାୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦକୁ ଚାରି ଲକ୍ଷ ଟଙ୍କା ପ୍ରଦାନ କରିବା ନିମନ୍ତେ ନିର୍ଦ୍ଦେଶ ଜାରି କରିବା ସହ ଜୋରିମାନାର ସମ୍ପୂର୍ଣ୍ଣ ରାଶି ପୀଡିତାଙ୍କୁ ଦେବା ନିମନ୍ତେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଏମ୍ ପୃଥ୍ୱୀରାଜ ଏହି ମାମଲାର ସଫଳ ପରିଚାଳନା କରିଥିବାର ଖବର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ତା ୨୮-୦୩-୨୦୨୪ରିଖ ଦିନ ସନ୍ଧ୍ୟା ସମୟରେ ଏତଲାକାରିଣୀ ମାଆ ଓ ତାଙ୍କ କୁନି ଝିଅ ଘର ପିଣ୍ଡାରେ ବସିଥିଲେ। ପରେ କୌଣସି କାମରେ ଘର ଭିତରକୁ ମାଆ ଜଣଙ୍କ ଚାଲିଯାଇଥିଲେ। ଆସି ଦେଖିବାକୁ ପାଇଥିଲେ ଯେ, ତାଙ୍କ ଝିଅ ସେଠାରେ ଆଉ ନାହିଁ। ଚାରିଆଡେ ଖୋଜାଖୋଜି କରିବା ସମୟରେ ଖବର ପାଇଲେ ଯେ, ତାଙ୍କ ଝିଅଙ୍କୁ ଉକ୍ତ ଅଭିଯୁକ୍ତଜଣକ କୁରକୁରେ କିଣି ଦେବା ପାଇଁ ଏକ ଦୋକାନ ପାଖରେ ଝିଅକୁ ଧରିକି ଠିଆ ହୋଇଥିଲା। କିନ୍ତୁ ପରେ କୁଆଡେ ଗଲା ତା'ର ଖୋଜ ଖବର ନାହିଁ। ସନ୍ଦେହରେ ଚାରିଆଡେ ଖୋଜାଖୋଜି କରି ଯେତେବେଳେ ଗାଁ ଶେଷରେ ଥିବା ଟଟଙ୍ଗପଡ଼ା ପଥର ଥିବା ଲଟା ବୁଦା ଭିତରକୁ ଯାଇ ଦେଖିଲେ, ସେତେ ବେଳେ ସେ ସ୍ତବ୍ଧ ରହିଯାଇଥିଲେ। ପରେ ସେ ଜୋରରେ ପାଟି କରିବାରୁ ଗାଁ ଲୋକ ସେଠାରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିବା ସହ ଚେତାଶୂନ୍ୟ ଅବସ୍ଥାରେ ଝିଅଟିର ଉଦ୍ଧାର କରିଥିଲେ। ତେଣୁ ତାଙ୍କ ମାଆ କାଳବିଳମ୍ବ ନ କରି ଝିଅଙ୍କୁ ଚିକିତ୍ସା ନିମନ୍ତେ ମୋହନା ଚିକିତ୍ସାଳୟରେ ଭର୍ତ୍ତି କରିବା ସହ ତା ୨୯-୦୩-୨୦୨୪ରେ ମୋହନା ଥାନାରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏକ ସଙ୍ଗୀନ ମାମଲା ଦାୟର କରିଥିଲେ । ଯାହାକି ମାମଲା ନମ୍ବର ୭୪ରେ ପଞ୍ଜିକୃତ ହୋଇଥିଲା। ମାମଲାର ଗମ୍ଭୀରତାକୁ ନଜରରେ ରଖି ସବ-ଇନ୍ସପେକ୍ଟର ଜୟନ୍ତୀ ପୂର୍ତ୍ତି ଉକ୍ତ ମାମଲାର ତଦନ୍ତ କରି ଉକ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲେ। ୨୬ଜଣ ବଳିଷ୍ଠ ସାକ୍ଷୀ ପ୍ରମାଣ ତଥା ୧୭ଟି ଦସ୍ତାବିଜକୁ ଆଧାର କରି ସର୍ବଶେଷରେ ଏହି ଦୃଷ୍ଟାନ୍ତମୂଳକ ରାୟ ନ୍ୟାୟାଧୀଶ ଦେଇଛନ୍ତି।

# ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଛାତରୁ ଛେଲା ଖସି ଅଳ୍ପକେ ବର୍ତ୍ତିଲେ କର୍ମଚାରୀ

ଭାପୁର, ୧୩।୨ (ନିପ୍ର): ଭାପୁର ତହସିଲ ଅନ୍ତର୍ଗତ ଶାଳପଡା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଛାତରୁ ଛେଲା ଖସିବାରୁ ଅଳ୍ପକେ ବିପଦରୁ ରକ୍ଷା ପାଇଯାଇଛନ୍ତି କର୍ମଚାରୀ। ଏହି କାର୍ଯ୍ୟାଳୟର ନୂତନ କୋଠା ଗତ ଏକ ବର୍ଷ ହେଲେ ନିର୍ମିତ ହୋଇଥିଲେ ମଧ୍ୟ ନିମ୍ନମାନର କାର୍ଯ୍ୟ ହୋଇଥିବା ନେଇ ଅଭିଯୋଗ ହୋଇଆସୁଛି। ଗ୍ରାମ୍ୟ ଓ ଉନ୍ନୟନ ବିଭାଗ ଦ୍ୱାରା ନିର୍ମିତ ହୋଇଥିବା ଏହି ଦୁଇ ମହଲା ବିଶିଷ୍ଟ କୋଠାରେ କାର୍ଯ୍ୟାଳୟ ସହିତ ବାସ ଗୃହ ସଂଲଗ୍ନ ହୋଇ ରହିଛି ।କାର୍ଯ୍ୟ ଦିବସ ରେ ଏହି ଦୁର୍ଘଟଣା ନ ଘଟି ଗୁରୁବାର ରାତ୍ରିରେ ଘଟିଥିବାରୁ ଅଳ୍ପକେ ଆଶଙ୍କା ଦୁର୍ଘଟଣାରୁ କର୍ମଚାରୀମାନେ ବର୍ତ୍ତି ଯାଇଛନ୍ତି। ଗୋଟିଏ ବର୍ଷ ମଧ୍ୟରେ ଛାତ ଦୁର୍ବଳ ହୋଇ ଛେଲା ଖସିଲାଣି ତେବେ ଏହି ଛାତର କେତେଦିନ ଆୟୁଷ ତାହା ସମୟ କହିବ। ଭାପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ର ପଦାଧିକାରୀ ବାବୁ ମାନେ ନିଜକୁ ସଙ୍କୋଚ ଦେଖେଇ ମାସିକ ଉଚ୍ଚ ଦରମା ପାଇ ଯଦି ପକେଟ ଗରମ ପାଇଁ ଏହିପରି ନିମ୍ନ ଧରଣର କାର୍ଯ୍ୟ କରନ୍ତି ତେବେ ଜନସାଧାରଣ ଆଉ କାହାକୁ କହିବେ ? ଏହିଭଳି ନିମ୍ନ ଧରଣର କାର୍ଯ୍ୟକୁ ନେଇ ଭାପୁର ଅଂଚଳର ବୁଦ୍ଧିଜୀବୀମାନେ ତଦନ୍ତ ଦାବି କରିଛନ୍ତି।

# ରାଜ୍ୟର ପ୍ରଥମ ବୈଷୟିକ ସଂଗ୍ରହାଳୟ

ଭାପୁର, ୧୩।୨ (ନିପ୍ର); ରାଜ୍ୟର ପ୍ରଥମ ବେସରକାରୀ ରୂପେ ବୈଷୟିକ ସଂଗ୍ରହଳାୟ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ କାର୍ଯ୍ୟାଳୟ ନିକଟରେ ଅବସ୍ଥିତ। ବୋଲଗଡ଼ର ଆଇନଜୀବୀ ଅକ୍ଷୟ ପଟ୍ଟନାୟକ ଏହି ସଂଗ୍ରହଳାୟ କରି ରାଜ୍ୟରେ ସୁନାମ ଆଣିପାରିଛନ୍ତି। ସେ ଏବେ ବି ପରିଣତ ୮୭ ବର୍ଷ ବୟସରେ ବିଭିନ୍ନ ବୈଷୟିକ ଜିନିଷ ସଂଗ୍ରହ କରିବାରେ ଲାଗିଛନ୍ତି ।ସେ ଅତିରିକ୍ତ ଇଞ୍ଜିନିୟର ଭାବରେ ମାଡ୍ରାସ କର୍ପୋରେସନରୁ ଇସ୍ତଫା ପ୍ରଦାନ କରି ପିଲାଦିନରୁ ଅଭିଳାଷ ରଖିଥିବା ବୈଷୟିକ ସଂଗ୍ରହାଳୟ ରେ ନିଜକୁ ସମର୍ପି ଦେଇଥିଲେ। ସେ ମାଡ୍ରାସରେ ଇ.ଏମ.ଆଇ ପଠନ ସମୟରୁ ହିଁ ଚିନ୍ତା କରିଥିଲେ ଓଡିଶାରେ ଏକ ବୈଷୟିକ ସଂଗ୍ରହଳାୟ କରି ରାଜ୍ୟର ନାଁ ରଖିବେ। ପାଠପଢା ସମାପ୍ତ ପରେ ଅତିରିକ୍ତ ଇଞ୍ଜିନିୟର ଭାବରେ ମାଡ୍ରାସ କର୍ପୋରେସନ ରେ ନିଯୁକ୍ତି ପାଇଥିଲେ କିନ୍ତୁ,ସେଥିରୁ ସେ ଇସ୍ତଫା ପ୍ରଦାନ କରି ପିଲାଦିନର ଅଭିଳାଷ ରହିଥିବା ବୈଷୟିକ ସଂଗ୍ରହଳାୟ ନିଜ ଅଞ୍ଚଳରେ କରିବା ପାଇଁ ନିଜକୁ ୧୯୭୦ ମସିହାରୁ କାର୍ଯ୍ୟ ଆରମ୍ଭ କରିଥିଲେ। ସେ ଓଡିଶା ତଥା ଭାରତ ବର୍ଷ ଏବଂ ବିଦେଶ ବୁଲିବୁଲି ପୁରୁଣା ବୈଷୟିକ ଜିନିଷ ସଂଗ୍ରହ କରିବାରେ ଲାଗିଥିଲେ ଏବଂ ଘନଶ୍ୟାମ



ପଟ୍ଟନାୟକ ଇଣ୍ଡିକ ଶ୍ରୀଚନ୍ଦନ ମ୍ୟୁଜିୟମ ଓ ଲାଇବ୍ରେରୀ ନାମରେ ନିଜ ସଂଗ୍ରହଳାୟ କୁ ନାମିତ କରିଥିଲେ ।ଏହି ସଂଗ୍ରହାଳୟ ଓଡିଶାରେ ପ୍ରଥମ ହୋଇଥିବାରୁ ଅନ୍ୟ କେହି କିଛି ବୁଝି ନ ପାରିବା ପୂର୍ବରୁ ଅକ୍ଷୟଙ୍କୁ ପାଗଳ ବୋଲି ଡାକୁଥିଲେ କାରଣ,ସେ ବୁଲିବୁଲି ଭଙ୍ଗା ରେଡ଼ିଓ,ଭଙ୍ଗା ଟିଭି,ଭଙ୍ଗା କ୍ୟାମେରା ସଂଗ୍ରହ କରିବାରୁ ଲୋକେ ତାଙ୍କୁ ନୀଚ ଦୃଷ୍ଟିରେ ଦେଖୁଥିଲେ ।କିନ୍ତୁ,ସେଥିରେ ସେ ବିଚଳିତ ନ ହୋଇ ନିଜ କାର୍ଯ୍ୟରେ ଅଗ୍ରସର ହେଉଥିଲେ ।ବର୍ତ୍ତମାନ ତାଙ୍କ ସଂଗ୍ରହଳାୟ ରେ ୩୦ ହଜାରରୁ ଅଧିକ ପୁରାତନ ସାମଗ୍ରୀ ରହିଛି ।ସମସ୍ତ ସାମଗ୍ରୀକୁ ୩୫ ଗୋଟି ବିଭାଗରେ ବିଭକ୍ତ କରି ଅର୍ଥାତ ଦୃଶ୍ୟ ଶ୍ରାବ୍ୟ ବିଭାଗ (ଟିଭି ଓ ରେଡ଼ିଓ ), ଆଲୋକ ବିଭାଗ, ଫୋନ ବିଭାଗ, ପୁରୁଣା ପେଡି ବିଭାଗ, ଘଣ୍ଟା ବିଭାଗ,ବିଦ୍ୟୁତ ବିଭାଗ, ଡାକ ଟିକଟ ବିଭାଗରେ ୫୦୦୦ ଟିକେଟ, ମୁଦ୍ରା ବିଭାଗରେ ୧୫୦୦ ଭାରତୀୟ ଓ ୭୦୦ ରୁ ଅଧିକ ବିଦେଶୀ ମୁଦ୍ରା, ଗ୍ରାମଫୋନ ଆଦି ପୁରୁଣା ସ୍ମୃତି ରହିଛି। ଏ ସମସ୍ତ ପୁରୁଣା ସାମଗ୍ରୀ ସଂଗ୍ରହ କରିବା ପାଇଁ ତାଙ୍କୁ ୫୫ବର୍ଷ ଲାଗିଥିବା ବେଳେ ପ୍ରାୟ ୧ କୋଟି ରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିଛନ୍ତି। ବାପା ତାଙ୍କର ଜମିଦାରୀ ଥିବାରୁ ପ୍ରାୟ ୧୫ ରୁ ୨୦ ଏକର ଜମି ବିକ୍ରି କରି ଏହି ସଂଗ୍ରହାଳୟ ନିର୍ମାଣ କରିଛନ୍ତି ।ତାଙ୍କ ପାଖରେ ୭୦ ଦଶକ ର ପ୍ରାୟ ୧୧୦୦ ପ୍ରକାର ର ଭାରତୀୟ, ଜର୍ମାନୀ, ଜାପାନ, ଆମେରିକା ଦେଶର ରେଡ଼ିଓ ରହିଛି ।ଯେତେବେଳେ ବିଦ୍ୟୁତ ନ ଥିଲା ସେତେବେଳର ବ୍ୟବହୃତ ଲାଇଟ ସହିତ ବିଦେଶୀ କ୍ୟାମେରା ରହିଛି। ଏବେ ବି ପରିଣତ ବୟସରେ ଜିନିଷ ସଂଗ୍ରହ କରିବା ନିଶା ତାଙ୍କର ଛାଡି ନାହିଁ। ବର୍ତ୍ତମାନ ବୟସାଧିକ ଯୋଗୁଁ ଏହି ସଂଗ୍ରହଳାୟକୁ ନିୟମିତ ଖୋଲି ପାରୁ ନ ଥିବା ଜଣାପଡିଛି । କିନ୍ତୁ,ରାଜ୍ୟର ଏହି ପ୍ରଥମ ବୈଷୟିକ ସଂଗ୍ରହାଳୟ ରାଜ୍ୟ ସରକାରଙ୍କ ଆର୍ଥିକ ଅନୁଦାନର ସହଯୋଗ ଦେଲେ ନିଶ୍ଚିତ ରୂପେ ରାଜ୍ୟରେ ଏକ ସ୍ମୃତି ହୋଇ ରହିବ ବୋଲି ଶିକ୍ଷାବିତ୍ମାନେ ପ୍ରକାଶ କରିଛନ୍ତି।

# ଉତ୍କଳ କୃଷି ମେଳା ସଫଳତାର ସହିତ ଉଦ୍ଯାପିତ

ପାରଳାଖେମୁଣ୍ଡି, ୧୩।୨ (ନିପ୍ର): ଗଜପତି ସେଞ୍ଚୁରିଆନ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ୍ ମ୍ୟାନେଜମେଣ୍ଟ ପାରଳାଖେମୁଣ୍ଡି କ୍ୟାମ୍ପସରେ ଆୟୋଜିତ ଦୁଇ ଦିନିଆ ଚତୁର୍ଥ ଉତ୍କଳ କୃଷି ମେଳା ଉଦଯାପିତ ହୋଇଯାଇଛି। ଏହି ମେଳାରେ ହଜାର ହଜାର ଚାଷୀ, ଗବେଷକ, ଉଦ୍ୟୋଗୀ, ଛାତ୍ର, କୃଷକ ଉତ୍ପାଦକ କମ୍ପାନୀ, ଏନଜିଓ ଏବଂ ସରକାରୀ ବିଭାଗ ଉତ୍ସାହୀ ଅଂଶଗ୍ରହଣ କରିଥିଲେ। ଯାହା ତୃଣମୂଳ ସ୍ତରର କୃଷି ବିକାଶ ଏବଂ ଗ୍ରାମୀଣ ପରିବର୍ତ୍ତନ ପ୍ରତି ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରିଥିଲା । ଦୁଇ ଦିନ ଧରି, ମେଳାରେ ୭୦ଟି ଷ୍ଟଲ ପ୍ରଦର୍ଶିତ ହୋଇଥିଲା ଯେଉଁଥିରେ ଅଭିନବ କୃଷି ପ୍ରଯୁକ୍ତିବିଦ୍ୟା, କୃଷି ଯନ୍ତ୍ରପାତି, ମୂଲ୍ୟଯୁକ୍ତ ଉତ୍ପାଦ, ମତ୍ସ୍ୟଚାଷ ଏବଂ ପଶୁପାଳନ ଉନ୍ନତି ଏବଂ ଜଳବାୟୁ -ସ୍ମାର୍ଟ କୃଷି ସମାଧାନ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ବୈଜ୍ଞାନିକ ଗବେଷଣା ଏବଂ କ୍ଷେତ୍ରସ୍ତରୀୟ ପ୍ରୟୋଗ ମଧ୍ୟରେ ଏକ ସ୍ପନ୍ଦନଶୀଳ ମଞ୍ଚ ଭାବରେ କାର୍ଯ୍ୟ କରିଥିଲା, ଯାହାର ଲକ୍ଷ୍ୟ କୃଷକଙ୍କ ଜୀବିକାନିର୍ବାହରେ ଉନ୍ନତି ଆଣିବା ଏବଂ ସ୍ଥାୟୀ କୃଷିକୁ ପ୍ରୋତ୍ସାହିତ କରିବା ଓ ଉଦ୍ଯାପନୀ ସମାରୋହ ସମୟରେ, ମେଳାର ସଫଳତାରେ ସକ୍ରିୟ ଭାବରେ ଅବଦାନ ଦେଇଥିବା ପ୍ରଦର୍ଶକମାନଙ୍କୁ ସେମାନଙ୍କର ଉଦ୍ଭାବନ ଏବଂ ପ୍ରସାର ପ୍ରୟାସକୁ ସ୍ୱୀକୃତି ଦେଇ ସମ୍ମାନିତ




କରାଯାଇଥିଲା ଓ ଏହି ସମାରୋହରେ ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର (ଡକ୍ଟର) ଅନିତା ପାତ୍ର; ପ୍ରଫେସର ଏସ୍.ପି. ନନ୍ଦ, ଡିନ୍ (ପ୍ରଶାସନ), କୃଷି ଏବଂ ଆନୁସଙ୍ଗିକ ବିଦ୍ୟାଳୟ; ପ୍ରଫେସର (ଡକ୍ଟର) ସାଗର ମୈତ୍ର, ଡିନ୍, ଏମ୍. ଏସ୍. ସ୍ୱାମୀନାଥନ୍ ସ୍କୁଲ ଅଫ୍ ଏଗ୍ରିକଲଚର ; ପ୍ରଫେସର (ଡକ୍ଟର) ଆର.କେ. ସ୍ୱାଇଁ, ଡିନ୍, ପ୍ରାଣୀଚିକିତ୍ସା ଏବଂ ପ୍ରାଣୀ ବିଜ୍ଞାନ ବିଦ୍ୟାଳୟ ; ପ୍ରଫେସର (ଡକ୍ଟର) ଗିରିଶ କୁମାର ମହାନ୍ତି, ଡିନ୍ - ଏକ୍ସଟେନ୍ସନ୍ ଡକ୍ଟର ରିତେଶ କୁମାର, ଡିନ୍, ଛାତ୍ର-କଲ୍ୟାଣ; ଡକ୍ଟର ସମ୍ବିଦ୍ ସ୍ୱାଇଁ, ସହଯୋଗୀ ଡିନ୍, ମତ୍ସ୍ୟ ବିଦ୍ୟାଳୟ; ଡକ୍ଟର ଡି.ଟି. ସନ୍ତୋଷ, ସହଯୋଗୀ ଡିନ୍, କୃଷି ଏବଂ ବାୟୋ-ଇଞ୍ଜିନିୟରିଂ ; ଏବଂ ଡକ୍ଟର ଏସ୍. ଏନ୍. ସନ୍ଧ୍ୟା, ଭାଇସ୍ ପ୍ରିନ୍ସିପାଲ୍, ସ୍କୁଲ୍ ଅଫ୍ ନର୍ସିଂ , ଯେଉଁମାନେ ମିଳିତ ଭାବରେ ଅଂଶଗ୍ରହଣକାରୀଙ୍କୁ ସମ୍ମାନିତ କରିଥିଲେ ଓ ପ୍ରଫେସର (ଡକ୍ଟର) ଏସ୍. ପି. ନନ୍ଦ, ଡିନ୍ (ପ୍ରଶାସନ), କୃଷି ଏବଂ ଆନୁସଙ୍ଗିକ ବିଦ୍ୟାଳୟ, ଧନ୍ୟବାଦ ପ୍ରସ୍ତାବ ପ୍ରଦାନ ରଖିଥିଲେ, ଏବଂ ଦୁଇ ଦିନିଆ କୃଷି ମେଳାର ମହାନ ସଫଳତା ସୁନିଶ୍ଚିତ କରିଥିବା ବିଶିଷ୍ଟ ବ୍ୟକ୍ତି, ଅଂଶଗ୍ରହଣକାରୀ, ପ୍ରେସ୍ ଏବଂ ଗଣମାଧ୍ୟମ, ଅଧ୍ୟାପକ, ଛାତ୍ର ଏବଂ ଆୟୋଜକ ମାନଙ୍କ ପ୍ରତି ଆନ୍ତରିକ କୃତଜ୍ଞତା ପ୍ରକାଶ କରିଥିଲେ ।

# ମହାଶିବରାତ୍ରି ପାଇଁ ପ୍ରସ୍ତୁତି

ରାଉରକେଲା, ୧୩।୨ (ନିପ୍ର): ଆଉ ଦିନକ ପରେ ଦେବ ଦେବ ମହାଦେବଙ୍କ ଜାଗରଯାତ୍ରା। ରବିବାର ଫେବୃୟାରୀ ୧୫ ତାରିଖ ଦିନ ସମଗ୍ର ଭାରତ ବର୍ଷରେ ପାଳନ ହେବ ମହାଶିବରାତ୍ରି। ମହାଶିବରାତ୍ରି ପୂର୍ବରୁ ବେଦବ୍ୟାସଙ୍କ ପବିତ୍ର ତୀର୍ଥସ୍ଥଳରେ ବ୍ୟାପକ ପ୍ରସ୍ତୁତି ଚାଲିଛି। ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ, ଏହି ପବିତ୍ର ସ୍ଥଳ ପ୍ରତିବର୍ଷ ଜାଗରରେ ପ୍ରଭୁ ମହାଦେବଙ୍କ ଦର୍ଶନ ପାଇଁ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥାଏ। ବେଦବ୍ୟାସ ପୀଠକୁ ତୀର୍ଥଯାତ୍ରୀଙ୍କ ପ୍ରବଳ ଆଗମନକୁ ଦୃଷ୍ଟିରେ ରଖି, ଜିଲ୍ଲା ପ୍ରଶାସନ ଏବଂ ମନ୍ଦିର ଟ୍ରଷ୍ଟ ପ୍ରତିବର୍ଷ ସୁଗମ ଦର୍ଶନ ସହିତ ଜନସାଧାରଣଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥାଏ। ଚଳିତ ବର୍ଷ, ମନ୍ଦିର ପରିସରରେ ଚାଲିଥିବା ନବୀକରଣ କାର୍ଯ୍ୟ ଯୋଗୁଁ ଦର୍ଶନ ବ୍ୟବସ୍ଥାରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ମୁଖ୍ୟ ମନ୍ଦିର ଡାଞ୍ଚାର ପୁନରୁଦ୍ଧାର କାର୍ଯ୍ୟ ଶେଷ ହେବା ନିକଟରେ ପହଞ୍ଚିଥିବା ବେଳେ, ଚନ୍ଦ୍ରଶେଖର ମନ୍ଦିର ଏବଂ ଅନେକ ଆନୁଷଙ୍ଗିକ ସୁବିଧାର କାର୍ଯ୍ୟ ଏପର୍ଯ୍ୟନ୍ତ ଜାରି ରହିଛି।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର: ୨୮୨ ଜଣଙ୍କ ପଞ୍ଜୀକରଣ

ଗୋଲାମୁଣ୍ଡା, ୧୩।୨ (ନିପ୍ର): ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅଧୀନରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ତରଫରୁ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ କୁହୁରା ଗ୍ରା.ପ ଠାରେ ଦ୍ୱିତୀୟ ପର୍ଯ୍ୟାୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ,ବିଡ଼ିଓ ତ୍ରିପୁର ମହାନନ୍ଦ,କୁହୁରା ସରପଞ୍ଚ ପିଙ୍କି ତାଣ୍ଡି,ସମିତି ସଭ୍ୟା ମିନା ମହାନନ୍ଦ,ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦ୍ର ହାସ୍ୟ ବିହାରୀ,ଜୟନ୍ତ ସିଂ,ବୈକୁଣ୍ଠ ବାଗ ଓ ଶ୍ୟାମ ସୁନ୍ଦର ଅଗ୍ରୱାଲ, ଜୟ କୃଷ୍ଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଯୋଜନାର ମୂଳ ଲକ୍ଷ୍ୟ ହେଉଛି ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ପୁନର୍ବାସ ସହାୟତା ଏବଂ ସାମାଜିକ ସୁରକ୍ଷା ଯୋଗାଇବା। ଏହି ଅଭିଯାନ ଅଧୀନରେ, ସାମର୍ଥ୍ୟ ଶିବିର ଗୁଡ଼ିକ ଏକକ ବାତାୟନ ଭାବରେ କାର୍ଯ୍ୟ କରେ, ଯାହା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସେବା



ଯୋଗାଇବାର ମୂଳ ଲକ୍ଷ ବୋଲି ମୁଖ୍ୟ ଅତିଥି ଶ୍ରୀ ମହାନନ୍ଦ ନିଜ ଅଭିଭାଷଣ ରଖିଥିଲେ । ଏହି ପରିପ୍ରେକ୍ଷୀରେ ଗୋଲାମୁଣ୍ଡା ବ୍ଲକ ଅଞ୍ଚଳରୁ କୋଣ ଅନୁକୋଣରୁ ଶତାଧିକ ଭିନ୍ନକ୍ଷମ ଶିଶୁ, ପୁରୁଷ, ମହିଳାମାନେ ଆସି ନାମ ପଞ୍ଜୀକରଣ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରୁ ଆସିଥିବା ବିଶେଷଜ୍ଞ ଡାକ୍ତରଙ୍କଠାରୁ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହାସହ ଅନଲାଇନରେ ନାମ ପଞ୍ଜୀକରଣ କରି ପ୍ରମାଣପତ୍ର ଓ ଚିକିତ୍ସା ପାଇଁ ଆବେଦନ କରିଥିଲେ। ଏହି ଶିବିରରେ ମୋଟ ୨୮୨ଜଣ ଭିନ୍ନକ୍ଷମ ପଞ୍ଜୀକରଣ କରିଥିବା ବେଳେ ୭୫ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର, ୧୧ ଜଣଙ୍କୁ ହ୍ୱିଲ ଚେୟାର, ୫ ଜଣଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଥିଲା । ଘଟଣା ସ୍ଥଳରେ ହିଁ ଭିନ୍ନକ୍ଷମତା ର ପୂର୍ବ ମୂଲ୍ୟାଙ୍କନ, ଭିନ୍ନକ୍ଷମତା ପ୍ରମାଣପତ୍ର/ ପରିଚୟ ପତ୍ର/ ପାସବୁକ ପ୍ରଦାନ, ଆୟ, ବାସସ୍ଥାନ, ଜାତି ପ୍ରମାଣପତ୍ର/ ପରିବହନ ରିହାତି, ସୁଧାରାତ୍ମକ ଅସ୍ତ୍ରୋପଚାର ପାଇଁ ସହାୟତା, ସ୍ୱତନ୍ତ୍ର ଶିକ୍ଷା/ଛାତ୍ରବୃତ୍ତି ପାଇଁ ଭିନ୍ନକ୍ଷମ ବ୍ୟକ୍ତିଙ୍କ ନାମ ତାଲିକାଭୁକ୍ତ କରିବା, କୌଶଳ ତାଲିମ/ ବ୍ୟାଙ୍କ ଲିଙ୍କେଜ୍ ପାଇଁ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଚୟନ କରିବା, ଭିନ୍ନକ୍ଷମ ପେନସନ ଏବଂ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ଯୋଜନା ପାଇଁ ନାମ ତାଲିକାଭୁକ୍ତ କରିବା, ସହାୟକ ଉପକରଣ ଯୋଗାଇବା ଓ ଫିଟିଂ କରିବା, ସ୍ୱୟଂ ନିଯୁକ୍ତି କିଟ୍ ପାଇଁ ସହାୟତା ଯୋଗାଇ ଦିଆଯାଇଥିଲା ।

# ମନ୍ଦିର ପ୍ରତିଷ୍ଠା ଉତ୍ସବ

କୁଚିଣ୍ଡା, ୧୩।୨ (ନିପ୍ର); ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ କଲେଇଗଡ ପଞ୍ଚାୟତର କୁଡାପଡା ଠାରେ କୁଚିଣ୍ଡା ଷଡବଂଶୀୟ ଗୋଣ୍ଡ ସମାଜ ଆଞ୍ଚଳିକ କମିଟି ଆନୁକୂଲ୍ୟରେ ଶ୍ରୀ ଜଂଘା ବଡଦେଓଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୁଧବାର ପୂର୍ବାହ୍ନରେ ନିକଟସ୍ଥ ନଦୀରୁ ସହସ୍ରାଧିକ ପୁରୁଷ ମହିଳା ସମ୍ମିଳିତ ହୋଇ ଘଣ୍ଟବାଦ୍ୟ ଓ କିର୍ତ୍ତନ ମଣ୍ଡଳୀ ଦ୍ୱାରା ଏକ ବିରାଟ ଭବ୍ୟ କଳସ ଶୋଭାଯାତ୍ରା ପରେ ହୋମଯଜ୍ଞ କରାଯାଇଥିଲା। ଗୁରୁବାର ମନ୍ଦିର ପ୍ରତିଷ୍ଠା ସହ ହୋମଯଜ୍ଞ ହୋଇ ଆହୂତି ପ୍ରଦାନ କରାଯାଇଥିଲା। ଏହି ପ୍ରତିଷ୍ଠା ଉତ୍ସବରେ ମୁଖ୍ୟ କର୍ତ୍ତା ସନାତନ କାଲୋ ଓ ତାଙ୍କ ସହଧର୍ମିଣୀ ଅଳକା କାଲୋଙ୍କ ସମେତ ୧୭ ଯୋଡ଼ି କର୍ତ୍ତା ପଞ୍ଚକୁଣ୍ଡିୟ ଯଜ୍ଞରେ ପୂଜାର୍ଚ୍ଚନା କରିଥିଲେ।

# ଗଜପତି ଜିଲ୍ଲାରେ ସର୍ବଭାରତୀୟ ଧର୍ମଘଟ ସଫଳ

ପାରଳାଖେମୁଣ୍ଡି, ୧୩।୨ (ନିପ୍ର); ଗଜପତି ବିଜେପି ନେତୃତ୍ୱାଧିନ କେନ୍ଦ୍ର ସରକାରର ଜନ ବିରୋଧୀ ତଥା କର୍ପୋରେଟ୍ ସପକ୍ଷବାଦୀ ନୀତି ବିରୁଦ୍ଧରେ ଶ୍ରମିକ ଓ କୃଷକ ସଂଗଠନମାନଙ୍କ ତରଫରୁ ଦିଆଯାଇଥିବା ଦିନିକିଆ ସର୍ବଭାରତୀୟ ସାଧାରଣ ଧର୍ମଘଟ ଗଜପତି ଜିଲ୍ଲାରେ ବନ୍ଦରେ ପରିଣତ ହୋଇଯାଇଛି । ଆନ୍ଦୋଳନକାରୀଙ୍କ ଡାକରାରେ ଆଜି ଜିଲ୍ଲାର ବିଭିନ୍ନ ସ୍ଥାନରେ ଯାନବାହାନ ଓ ଦୋକାନ ବଜାର ବନ୍ଦ ହେବା ସହ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ବନ୍ଦ ହୋଇଥିଲା । ତେବେ ଗ୍ରାମାଞ୍ଚଳରେ ଥିବା ସରକାରୀ ବେସରକାରୀ ଅନୁଷ୍ଠାନ ଗୁଡିକ ବନ୍ଦ ହୋଇନଥିବା ବେଳେ ଦୋକାନ ବଜାର ଖୋଲାଯାଇଥିଲା । ଗ୍ରାମାଞ୍ଚଳରେ କେବଳ ଯାତ୍ରୀବାହୀ ଗାଡି ବନ୍ଦ ରହିଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ କେନ୍ଦ୍ର ସରକାର କର୍ପୋରେଟଙ୍କ ସ୍ୱାର୍ଥରେ ଶ୍ରମିକ ଓ କର୍ମଚାରୀଙ୍କ ସୁରକ୍ଷା ପାଇଁ ରହିଥିବା ୨୯ଟି ଶ୍ରମ ଆଇନକୁ ବାତିଲ କରି ୪ଟି ଶ୍ରମ କୋଡ୍ ଆଣିଛନ୍ତି ।

ଶ୍ରମିକ ଓ କର୍ମଚାରୀଙ୍କ ଅଧିକାରକୁ ଛିନ୍ନ କରୁଥିବା ଉପରୋକ୍ତ ଶ୍ରମକୋଡକୁ ବାତିଲ କରିବା, ଗ୍ରାମାଞ୍ଚଳର ଶ୍ରମିକମାନଙ୍କୁ ଶହେ ଦିନ କାମର ଅଧିକାର ଦେଉଥିବା ମନରେଗା ଆଇନ ବଦଳରେ ଆଣିଥିବା ବିଭିଜି ରାମଜି ଆଇନକୁ ପ୍ରତ୍ୟାହାର କରିବା ତଥା ପ୍ରସ୍ତାବିତ ଜନ ବିରୋଧୀ ବିଦ୍ୟୁତ ବିଲ୍ ତଥା କୃଷି ଓ କୃଷକ ବିରୋଧୀ ବିହନ ବିଲର ପ୍ରତ୍ୟାହାର ଦାବିରେ ଆଜି ସର୍ବ ଭାରତୀୟ ଶ୍ରମିକ ସଂଗଠନ ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଦିଆ ଯାଇଥିବା ସର୍ବ ଭାରତୀୟ ସାଧାରଣ ଧର୍ମଘଟର ଡାକରା ଦିଆ ଯାଇଥିଲା।

**AFFIDAVIT**

By virtue of an affidavit sworn before The Executive Magistrate, Kuchinda on 13.02.2026, I, Chandrama Rohidas, W/o-Hrudayanath Rohidas, At/Po-Katangapani, Ps-Jamankira, Dist-Sambalpur, Pin-768107 do hereby declare that I have changed my name from Debaki Rohidas to Chandrama Rohidas. Henceforth I shall be known as Chandrama Rohidas for all purposes.
S/d-CHANDRAMA ROHIDAS

# ସେବାତୀର୍ଥ ଓ କର୍ତ୍ତବ୍ୟ ଭବନ ଉଦ୍‌ଘାଟନ କଲେ ମୋଦି




ନୂଆଦିଲ୍ଲୀ, ୧୩।୨ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନୂତନ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ, ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ, ଏବଂ କ୍ୟାବିନେଟ ସଚିବାଳୟ କୋଠା କମ୍ପ୍ଲେକ୍ସର ନାମ "ସେବା ତୀର୍ଥ"କୁ ଉଦଘାଟନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିଲ୍ଲୀରେ ସେବା ତୀର୍ଥ ଏବଂ କର୍ତ୍ତବ୍ୟ ଭବନ ୧ ଓ ୨ ଉଦଘାଟନ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜି ଆମେ ନୂତନ ଇତିହାସ ସୃଷ୍ଟି ହେଉଥିବାର ଦେଖୁଛୁ। ପୁରୁଣା କୋଠା ଗୁଲାମୀର ପ୍ରତୀକ ଥିଲା। ଆଜି ଭାରତର ନୂତନ ଯାତ୍ରା ଆରମ୍ଭ ହୋଇଛି। ନୂଆ ଟେକନିକ୍ ପୁରୁଣା କାର୍ଯ୍ୟାଳୟରେ ଫିଟ୍ ହେଉନଥିଲା। ନୂତନ ସରକାରୀ କାର୍ଯ୍ୟାଳୟ ଖର୍ଚ୍ଚ କମ କରିବ। ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜିର ଦିନ ଦେଶର ବିକାଶ ଯାତ୍ରାରେ ଏକ ନୂତନ ଆରମ୍ଭ। ଶାସ୍ତ୍ରରେ ବିଜୟା ଏକାଦଶୀର ବହୁତ ମହତ୍ତ୍ୱ ରହିଛି। ଏହି ଦିନରେ ଆମେ ଯେଉଁ ସଂକଳ୍ପ ନେଇ ଆଗକୁ ବଢ଼ିବା ତାହା ନିଶ୍ଚିତ ଭାବରେ ବିଜୟ ଆଣିବ। ଆଜି, ଆମେ ସମସ୍ତେ ଏକ ବିକଶିତ ଭାରତ ପାଇଁ ସଂକଳ୍ପ ସହିତ ସେବା ତୀର୍ଥରେ ପ୍ରବେଶ କରୁଛୁ। ଆମର ଲକ୍ଷ୍ୟ ହାସଲ କରିବା ପାଇଁ ଆମକୁ ଦିବ୍ୟ ଆଶୀର୍ବାଦ ମିଳିଛି। ସ୍ୱାଧୀନତା ପରେ, ସାଉଥ୍ ବ୍ଲକ୍ ଓ ନର୍ଥ ବ୍ଲକ୍ ଭଳି କାର୍ଯ୍ୟାଳୟରୁ ଦେଶ ପାଇଁ ଅନେକ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ଏହା ମଧ୍ୟ ସତ୍ୟ ଯେ ଏହି କୋଠାଗୁଡ଼ିକ ବ୍ରିଟିଶ ସାମ୍ରାଜ୍ୟର ପ୍ରତୀକ ଭାବରେ ନିର୍ମିତ ହୋଇଥିଲା। ଏହି କୋଠାଗୁଡ଼ିକ ନିର୍ମାଣର ଉଦ୍ଦେଶ୍ୟ ଥିଲା ଭାରତକୁ ଗୁଲାମର ଶୃଙ୍ଖଳରେ ବାନ୍ଧି ରଖିବା। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ଦେଶ ପରିଚାଳିତ ହେଉଥିବା ସ୍ଥାନ ପ୍ରଭାବଶାଳୀ ଓ ପ୍ରେରଣାଦାୟକ ହେବା ଉଚିତ। ଏକ ବିକଶିତ ଭାରତର ଦୃଷ୍ଟିକୋଣ କେବଳ ନୀତି ଓ ଯୋଜନାରେ ନୁହେଁ, ବରଂ ଆମର କର୍ମକ୍ଷେତ୍ର ଏବଂ କୋଠାଗୁଡ଼ିକରେ ମଧ୍ୟ ପ୍ରତିଫଳିତ ହେବା ଅତ୍ୟନ୍ତ ଜରୁରୀ। ପ୍ରଧାନମନ୍ତ୍ରୀ ମୋଦି ପିଏମ ରାହତ ଯୋଜନା ଆରମ୍ଭ କରିବାକୁ ଅନୁମୋଦନ କରିଛନ୍ତି। ଏହି ପଦକ୍ଷେପ ଅଧୀନରେ, ଦୁର୍ଘଟଣାରେ ପୀଡ଼ିତମାନେ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନଗଦମୁକ୍ତ ବା କ୍ୟାସଲେସ୍ ଚିକିତ୍ସା ପାଇବେ, ଯାହାଦ୍ୱାରା ତୁରନ୍ତ ଚିକିତ୍ସା ସହାୟତା ଅଭାବରୁ କେହି ଜୀବନ ହରାଇବେ ନାହିଁ। ସେହିପରି ଲକ୍ଷପତି ଦିଦିଙ୍କ ଲକ୍ଷ୍ୟକୁ ଦ୍ୱିଗୁଣିତ କରି ୬ କୋଟି କରାଗଲା। କୃଷି ଭିତ୍ତିଭୂମି ପାଣ୍ଠିର ଋଣ ଲକ୍ଷ୍ୟକୁ ଦୁଇ ଗୁଣ ବୃଦ୍ଧି କରି ୨ ଲକ୍ଷ କୋଟି ଟଙ୍କା କରି ଦିଆଯାଇଛି। ପ୍ରଧାନମନ୍ତ୍ରୀ ୧୦,୦୦୦ କୋଟି ଟଙ୍କାର କର୍ପସ ସହିତ ଷ୍ଟାର୍ଟଅପ୍ ଇଣ୍ଡିଆ ଫଣ୍ଡ ଅଫ୍ ଫଣ୍ଡସ୍ (ଏଫଓଏଫ) ୨.୦ କୁ ଅନୁମୋଦନ କରିଛନ୍ତି।

# ଏୟାର ଇଣ୍ଡିଆକୁ କୋଟିଏ ଟଙ୍କାର ଜରିମାନା ଲଗାଇଲା ଡିଜିସିଏ




ନୂଆଦିଲ୍ଲୀ, ୧୩।୨ : ଏୟାର ଇଣ୍ଡିଆ ଉପରେ ୧ କୋଟି ଟଙ୍କାର ଜରିମାନା ଲଗାଇଲା ଭାରତର ବେସାମରିକ ବିମାନ ଚଳାଚଳ ନିୟାମକ ବା ଡିଜିସିଏ। ଆବଶ୍ୟକୀୟ ଏୟାର ଯୋଗ୍ୟତା ପରମିଟ୍ (ଏୟାର ଯୋଗ୍ୟତା ପ୍ରମାଣପତ୍ର) ବିନା ଏୟାରବସ୍ ବିମାନକୁ ଆଠ ଥର ଉଡ଼ାଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ ନଭେମ୍ବର ୨୪ ରୁ ୨୫ ମଧ୍ୟରେ ବିମାନଟି ଜାତୀୟ ରାଜଧାନୀ ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦ ମଧ୍ୟରେ ଯାତ୍ରୀ ମାନଙ୍କୁ ନେଇ ଚଳାଚଳ କରିଥିଲା। ଯାଞ୍ଚରୁ ଜଣାପଡିଛି ଯେ, ସମ୍ପୃକ୍ତ ଏୟାରବସ୍ ବିମାନର ଏକ ବୈଧ ଏଆରସି (ଏୟାର ଯୋଗ୍ୟତା ସମୀକ୍ଷା ପ୍ରମାଣପତ୍ର) ନାହିଁ। ଏଆରସି ହେଉଛି ଏକ ବାଧ୍ୟତାମୂଳକ ବାର୍ଷିକ ପ୍ରମାଣପତ୍ର, ଯାହା ବିମାନର ବୈଷୟିକ ଅବସ୍ଥା, ରକ୍ଷଣାବେକ୍ଷଣ ରେକର୍ଡ ଏବଂ ସୁରକ୍ଷା ମାନଦଣ୍ଡ ସମୀକ୍ଷା କରିବା ପରେ ଜାରି କରାଯାଏ। ଏହା ନିଶ୍ଚିତ କରେ ଯେ ଏହା ବିମାନ ନିୟାମକ ନିୟମ ଏବଂ ସୁରକ୍ଷା ମାନଦଣ୍ଡ ପାଳନ କରେ। ଏକ ବୈଧ ଏଆରସି ବିନା ଏକ ବାଣିଜ୍ୟିକ ଉଡ଼ାଣ ପରିଚାଳନାକୁ ଏକ ଗୁରୁତର ଉଲ୍ଲଂଘନ ବୋଲି ବିବେଚନା କରାଯାଏ, କାରଣ ଏହା ସୁରକ୍ଷା ତଦାରଖକୁ ଦୁର୍ବଳ କରେ। ଏହା ଆଧାରରେ, ଭାରତର ବିମାନ ଚଳାଚଳ ନିୟାମକ, ଡିଜିସିଏ, ଏୟାର ଇଣ୍ଡିଆ ଉପରେ ୧ କୋଟି ଟଙ୍କା ଜରିମାନା ଲଗାଇଛି। ନିୟାମକ ଏହାକୁ ସୁରକ୍ଷା ମାନଦଣ୍ଡର ଏକ ପ୍ରକ୍ରିୟା ବୋଲି ବିବେଚନା କରିଛନ୍ତି ଏବଂ ଭବିଷ୍ୟତରେ ଏପରି ତ୍ରୁଟିକୁ ରୋକିବା ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ଅନୁଯାୟୀ, ଯେକୌଣସି ବିମାନ ବାଣିଜ୍ୟିକ ଭାବରେ ଉଡ଼ାଣ କରିବା ପୂର୍ବରୁ ଏକ ବୈଧ ବିମାନ ଯୋଗ୍ୟତା ପ୍ରମାଣପତ୍ର ବାଧ୍ୟତାମୂଳକ, ଯାହା ନିଶ୍ଚିତ କରେ ଯେ ଏହା ବିମାନ ସୁରକ୍ଷା ମାନଦଣ୍ଡ ପୂରଣ କରୁଛି। ନିୟାମକ ଜାଣିପାରିଲେ ଯେ ସମ୍ପୃକ୍ତ ଏୟାରବସ୍ ବିମାନ ଆବଶ୍ୟକୀୟ ଅନୁମତି ବିନା ପରିଚାଳିତ ହୋଇଥିଲା, ଯାହା ବିମାନ ସୁରକ୍ଷା ନିୟମର ଉଲ୍ଲଂଘନ।

## କେରଳ ବିଧାନସଭା ନିର୍ବାଚନ: କଂଗ୍ରେସ ପ୍ରଚାର କମିଟି ଉପାଧ୍ୟକ୍ଷ ହେଲେ ଶଶୀ ଥରୁର

ନୂଆଦିଲ୍ଲୀ, ୧୩।୨ : କେରଳ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ପ୍ରଚାର କମିଟିର ଉପାଧ୍ୟକ୍ଷ ଭାବେ ଦଳୀୟ ସାଂସଦ ଶଶୀ ଥରୁରଙ୍କୁ ନିଯୁକ୍ତି ଦିଆଯାଇଛି। ଲଗାତାର ଦଳ ବିରୋଧୀ ମନ୍ତବ୍ୟ ଦେଇ ଚର୍ଚ୍ଚାରେ ଥିଲେ ଥରୁର । ଦଳର ଉଚ୍ଚସ୍ତରରେ ଆପୋସ ଆଲୋଚନାର କିଛିଦିନ ପରେ ଥରୁରଙ୍କ ନିଯୁକ୍ତି ସମ୍ପର୍କରେ ଘୋଷଣା କରାଯାଇଛି। ଏହି ନିଯୁକ୍ତି ଉଭୟ ପକ୍ଷଙ୍କ ପାଇଁ ଫାଇଦା ଆଣିବ ବୋଲି କୁହାଯାଉଛି। ତିରୁବନନ୍ତପୁରମରୁ ଲଗାତାର ୪ ଥର ସାଂସଦ ଜିତିଥିଲେ ମଧ୍ୟ ଦଳରେ କୌଣସି ଦାୟିତ୍ୱ ଦିଆଯାଉ ନଥିବାରୁ ହାଇକମାଣ୍ଡଙ୍କ ଉପରେ ଖପ୍ପା ଥିଲେ ଥରୁର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ପ୍ରଶଂସା କରିବା ସହିତ ଥରୁର କଂଗ୍ରେସ ବିରୋଧୀ ବୟାନ ଦେଉଥିଲେ। କେରଳ ବିଧାନସଭା ନିର୍ବାଚନ ପୂର୍ବରୁ ଶଶୀ ଥରୁରଙ୍କ ଏଭଳି ଆଭିମୁଖ୍ୟ କଂଗ୍ରେସକୁ ଅପମାନଜନକ ପରିସ୍ଥିତିରେ ପକାଉଥିଲା। ଏବେ ନୂଆ ଦାୟିତ୍ୱ ଦିଆଯିବା ପରେ ଶଶୀ ଥରୁର ଖୁସି ଅଛନ୍ତି। ଦେଶର ଯୁବବର୍ଗଙ୍କ ମଧ୍ୟରେ ଶଶୀ ଥରୁର ଜଣେ ମାର୍ଜିତ ଓ ଉଚ୍ଚଶିକ୍ଷିତ ରାଜନୈତିକ ବ୍ୟକ୍ତିତ୍ୱ ଭାବରେ ଜଣାଶୁଣା । ଜଣେ ଭଲ ବକ୍ତା ଭାବେ ସହରାଞ୍ଚଳ ଭୋଟରଙ୍କୁ ପ୍ରଭାବିତ କରିବାରେ ଶଶୀ ଥରୁରଙ୍କର ବେଶ୍ ଦକ୍ଷତା ରହିଛି। ଏଥିରୁ କେରଳର ଯୁବ ଓ ସହରାଞ୍ଚଳ ଭୋଟରଙ୍କୁ ଆକୃଷ୍ଟ କରିବାରେ ଥରୁରଙ୍କୁ କଂଗ୍ରେସ ବ୍ୟବହାର କରପାରିବ।

## ୟୁପିରେ ହାଇଆଲର୍ଟ
### ଅଯୋଧ୍ୟା ସମେତ ୧୯ ଜିଲ୍ଲା କୋର୍ଟକୁ ବୋମା ଧମକ



ଅଯୋଧ୍ୟା, ୧୩/୨ : ଓଡ଼ିଶା ପରେ ଏବେ ଉତ୍ତର ପ୍ରଦେଶର ବିଭିନ୍ନ କୋର୍ଟକୁ ବୋମା ଧମକ। ଅଯୋଧ୍ୟା ସମେତ ୧୯ ଜିଲ୍ଲା କୋର୍ଟକୁ ଉଡ଼ାଇଦେବାକୁ ଆସିଲା ଧମକ। ଏହି ଧମକପୂର୍ଣ୍ଣ ଇମେଲ୍ ଆସିବା ପରେ ଚାରିଆଡ଼େ ଚାଞ୍ଚଲ୍ୟ ଖେଳି ଯାଇଛି। ତୁରନ୍ତ କୋର୍ଟ ପରିସରକୁ ଖାଲି କରିଦିଆଯାଇଛି। ଧମକ ଆସିଥିବା କୋର୍ଟ ପରସରରେ ସୁରକ୍ଷା କର୍ମୀ, ବମ୍ ସ୍କ୍ୱାଡ୍, ଡଗ୍ ସ୍କ୍ୱାଡ୍ ପହଞ୍ଚି ଛାନଭିନ୍ ଚଳାଇଛନ୍ତି। ସୂଚନାନୁଯାୟୀ, ଶୁକ୍ରବାର ବାରାଣାସୀ, ଅଯୋଧ୍ୟା, ମେରଠ, ଏବଂ ମିର୍ଜାପୁର କୋର୍ଟକୁ ବମ୍‌ରେ ଉଡାଇ ଦେବାକୁ ଏକ ଧମକପୂର୍ଣ୍ଣ ଇ-ମେଲ୍ ଆସିଥିଲା। ଏହାପରେ କୋର୍ଟ ପରିସରରେ ଚାଞ୍ଚଲ୍ୟ ଖେଳି ଯାଇଥିଲା। ଯିଏ ଜୁଆଡ଼େ ପାରିଲେ ଜୀବନ ବିକଳରେ ଦୌଡ଼ିଥିଲେ। ଖବର ପାଇ ସୁରକ୍ଷା ବାହିନୀ, ବମ୍ ସ୍କ୍ୱାଡ୍, ଡଗ୍ ସ୍କ୍ୱାଡ୍ କୋର୍ଟ ପରିସରରେ ପହଞ୍ଚି ଛାନଭିନ୍ ଚଳାଇଥିଲେ। ତେବେ ଏପର୍ଯ୍ୟନ୍ତ କୌଣସି ସନ୍ଦିଗ୍ଧ ବସ୍ତୁ ମିଳିନାହିଁ। ଧମକ ଆସିଥିବା ଇ-ମେଲ୍‌ର ଯାଞ୍ଚ କରାଯାଉଛି। କୌଣସି ଗୁଜବ ଉପରେ ବିଶ୍ୱାସ ନକରିବାକୁ ଅପିଲ୍ କରାଯାଉଛି। ସାଇବର୍ ଟିମ୍ ଇମେଲ ଯାଞ୍ଚ କରୁଛି। ବାରମ୍ବାର ଏଭଳି ଧମକପୂର୍ଣ୍ଣ କଲ୍ ଆସୁଥିବାରୁ ଦେଶରେ ଏକ ବଡ଼ ଆତଙ୍କୀ ଷଡ଼ଯନ୍ତ୍ର ଚାଲିଥିବା ସନ୍ଦେହ କରାଯାଉଛି। ଦେଶରେ ଆତଙ୍କୀଙ୍କ ସ୍ଲିପର ସେଲ୍ ଆକ୍ଟିଭ୍ ହୋଇଥିବା ଆଲୋଚନା ହେଉଛି।

## ଲୋକସଭାରେ ହରଦୀପ ପୁରୀଙ୍କ ନାଁରେ ସ୍ଲୋଗାନ




ନୂଆଦିଲ୍ଲୀ, ୧୩।୨ : ଶୁକ୍ରବାର ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟର ଶେଷ ଦିନ । ଆଜି ବି ଗୃହରେ ହଟ୍ଟଗୋଳ ଯୋଗୁଁ ଲୋକସଭାରେ ପ୍ରଶ୍ନକାଳ ବାଧାପ୍ରାପ୍ତ ହୋଇଥିଲା। ପାଞ୍ଚ ମିନିଟ୍ ଅଧିବେଶନ ସମୟରେ ବିରୋଧୀ ସାଂସଦମାନେ ହଟ୍ଟଗୋଳ କରିବା ସହ କେନ୍ଦ୍ରମନ୍ତ୍ରୀ ହରଦୀପ ପୁରୀଙ୍କ ଇସ୍ତଫା ଦାବି କରି ସ୍ଲୋଗାନ ଦେଇଥିଲେ। ଏହା ପରେ, ଅଧ୍ୟକ୍ଷତା କରୁଥିବା ସନ୍ଧ୍ୟା ରାୟ ଲୋକସଭାକୁ ମଧ୍ୟାହ୍ନ ୧୨ ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ସଂସଦର ବଜେଟ ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ୨୩ ଦିନର ବିରତି ପରେ, ଅଧିବେଶନର ଦ୍ୱିତୀୟ ଭାଗ ମାର୍ଚ୍ଚ ୯ ରୁ ଆରମ୍ଭ ହୋଇ ଏପ୍ରିଲ ୨ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ, ବିଜେପି ସାଂସଦ ନିଶିକାନ୍ତ ଦୁବେ ଶୁକ୍ରବାର ରାହୁଲ ଗାନ୍ଧୀଙ୍କ ଉପରେ କ୍ଷମତା ହାସଲ ପାଇଁ ଦେଶକୁ ବିଭାଜିତ କରିବାର ଯୋଜନା କରୁଥିବା ଅଭିଯୋଗ କରିଛନ୍ତି।

# ପୁଣି ବିଜୟଙ୍କ ରାଲିରେ ଅଘଟଣ
## ଅଂଶୁଘାତରେ ଗଲା ଜଣଙ୍କ ଜୀବନ

ନୂଆଦିଲ୍ଲୀ, ୧୩।୨ : ତାମିଲନାଡୁରେ ଆସିଛି ବଡ଼ ଖବର ପୁଣି ବିଜୟଙ୍କ ରାଲିରେ ଗଲା ଜୀବନ। ସାଲେମଠାରେ ତାମିଲ ସୁପରଷ୍ଟାର ତଥା ଟିଭିକେ ମୁଖ୍ୟ ବିଜୟଙ୍କ ଏକ ବିଶାଳ ରାଲି ଚାଲିଥିବା ବେଳେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ପ୍ରବଳ ଖରା ଏବଂ ଅଂଶୁଘାତ ଯୋଗୁଁ ଏହି ଅଘଟଣ ଘଟିଥିବା ସୂଚନା ମିଳିଛି। ତାମିଲନାଡୁ ରାଜନୀତିରେ ନିଜର ପତିଆରା ଜାହିର କରିବା ପାଇଁ ଅଭିନେତା ବିଜୟଙ୍କ ଦଳ 'ତାମିଲଗା ଭେଟ୍ରି କାଜାଗାମ୍' ପକ୍ଷରୁ ସାଲେମଠାରେ ଏକ ବୃହତ ଜନସଭାର ଆୟୋଜନ କରାଯାଇଥିଲା। ହଜାର ହଜାର ସଂଖ୍ୟାରେ ସମର୍ଥକ ଏହି ରାଲିରେ ସାମିଲ ହୋଇଥିଲେ। ମାତ୍ର ଏହି ଉତ୍ସାହ ମଧ୍ୟରେ ଏକ ଅଘଟଣ ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ସୂଚନା ଅନୁଯାୟୀ, ରାଲିରେ ଭିଡ଼ ଭିତରେ ଜଣେ ବ୍ୟକ୍ତି ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା, ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ସୂତ୍ରରୁ ଜଣାପଡ଼ିଛି, ମୃତ ବ୍ୟକ୍ତିଜଣକ ପୂର୍ବରୁ ହୃଦରୋଗରେ ପୀଡ଼ିତ ଥିଲେ। ପ୍ରବଳ ଗରମ ଓ ଅଂଶୁଘାତ ଯୋଗୁଁ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ି ଯାଇଥିଲା, ଯାହା ଶେଷରେ ମୃତ୍ୟୁର କାରଣ ସାଜିଲା। ରାଲିରେ ଆବଶ୍ୟକତାଠାରୁ ଅଧିକ ଜନସମାଗମ ଯୋଗୁଁ ପରିସ୍ଥିତି ଜଟିଳ ହୋଇଥିଲା। ଘଟଣା ପରେ ରାଲି ସ୍ଥଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଅଭିନେତାରୁ ରାଜନେତା ପାଲଟିଥିବା ବିଜୟ ସାଲେମ ରାଲିରେ କଡ଼ା ପଦକ୍ଷେପ ସହିତ ଏବଂ ଆଉ ଏକ କରୁର ପରି ପରିସ୍ଥିତିକୁ ଏଡାଇବା ପାଇଁ ପୋଲିସ୍ ସଜାଗ ଥିଲା ହେଲେ ଅଘଟଣ ପୋଲିସର ପାରିବା ପଣିଆ ଉପରେ ପ୍ରଶ୍ନ ଚିହ୍ନ ଲଗାଇ ଦେଲା । ପ୍ରଶ୍ନ ଉଠୁଛି ଏଠି ଦୋଷୀ କିଏ ? ଆୟୋଜକ ନା ପୁଲିସ୍ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଭିଡ଼କୁ ରୋକିବା ପାଇଁ କଡ଼ା ପୋଲିସ ମୁତୟନ, ପ୍ରତ୍ୟେକ ପ୍ରବେଶ ସ୍ଥାନରେ ଯାନବାହାନ ଯାଞ୍ଚ ଏବଂ ଟ୍ରାଫିକ ଡାଇଭର୍ଜନ କରାଯାଇଥିଲା। ସୂଚନା ଅନୁଯାୟୀ, ରାଲିରେ ସର୍ବାଧିକ ସୀମା ୫ହଜାର ଲୋକଙ୍କୁ ଅନୁମତି ଥିଲା ହେଲେ ଆୟୋଜକମାନେ ୭,୦୦୦ ରୁ ଅଧିକ ଲୋକଙ୍କୁ ଭେନ୍ୟୁରେ ପ୍ରବେଶ କରିବାକୁ ଅନୁମତି ଦେଇଥିଲେ।

## ଇରାନ ଅଭିମୁଖେ ଦ୍ୱିତୀୟ ଆମେରିକୀୟ ଯୁଦ୍ଧ ବିମାନ ଜାହାଜ



ନୂଆଦିଲ୍ଲୀ, ୧୩।୨ : ଇରାନ ଆମେରିକା ଯୁଦ୍ଧ ଆଶଙ୍କା ମଧ୍ୟରେ ଆମେରିକାର ଏକ ବଡ଼ କାର୍ଯ୍ୟକଳାପ ସାମନାକୁ ଆସିଛି। ବିଶ୍ୱର ସର୍ବବୃହତ ବିମାନ ବାହକ ଜାହାଜକୁ ପଶ୍ଚିମ ଏସିଆକୁ ପଠାଇବ ଆମେରିକା। ପୂର୍ବରୁ ଥିବା ଅନ୍ୟ ଏକ ବିମାନକୁ ସମର୍ଥନ କରିବ ଏହି ଜାହାଜ। ମିଳିଥିବା ସୂଚନା ଅନୁସାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଶ୍ଚିତ କରିଛନ୍ତି ଯେ ଆମେରିକା ଇରାନ ସହିତ ଉତ୍ତେଜନା କମ କରିବା ପାଇଁ ଜାରି କରିଥିବା କୂଟନୀତି ସତ୍ତ୍ୱେ ମଧ୍ୟପ୍ରାଚ୍ୟରେ ସାମରିକ ସମ୍ପତ୍ତିକୁ ଆହୁରି ବୃଦ୍ଧି କରିବାକୁ ଚାହୁଁଛି। ଟ୍ରମ୍ପ ତାଙ୍କର ସାମାଜିକ ଗଣମାଧ୍ୟମରେ ମଧ୍ୟପ୍ରାଚ୍ୟରେ ଦ୍ୱିତୀୟ ବିମାନ ବାହକ ନିୟୋଜିତ କରିବାକୁ ପ୍ରସ୍ତୁତ କରୁଥିବା ଏକ ଲେଖା ସେୟାର କରିଛନ୍ତି। ଏହାସହ ଏକ ଆମେରିକୀୟ ଖବରକାଗଜ ଆମେରିକୀୟ ଅଧିକାରୀଙ୍କ ଉଦ୍ଧୃତି ଦେଇ କହିଛି ଯେ, ପେଣ୍ଟାଗନ୍ ସେନାକୁ ଏହି ଅଞ୍ଚଳରେ ନିୟୋଜିତ କରିବା ପାଇଁ ଏକ ବିମାନ ବାହକ ଷ୍ଟ୍ରାଇକ୍ ଗ୍ରୁପ୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛି। ପରେ, ଏହି ଯୋଜନା ସହିତ ପରିଚିତ ଜଣେ ବ୍ୟକ୍ତି ଗୁରୁବାର ଦିନ ଏକ ନ୍ୟୁଜ୍ ଏଜେନ୍ସିକୁ କହିଥିଲେ ଯେ ବିଶ୍ୱର ସର୍ବବୃହତ ବିମାନ ବାହକକୁ କାରିବିଆନ୍ ସାଗରରୁ ମଧ୍ୟପ୍ରାଚ୍ୟକୁ ଯାତ୍ରା କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## 'ବନ୍ଦେ ମାତରମ୍' ବିବାଦକୁ ନେଇ ଯୋଗୀଙ୍କ ବୟାନ
### ବିରୋଧ କରୁଥିବା ଲୋକଙ୍କୁ ବାହାର କରିଦେବା ଉଚିତ



ନୂଆଦିଲ୍ଲୀ, ୧୩।୨ : 'ବନ୍ଦେମାତରମ' ବିବାଦକୁ ନେଇ ବର୍ଷିଲେ ଯୋଗୀ। ଉତ୍ତର ପ୍ରଦେଶ ବିଧାନସଭାର ବଜେଟ୍ ଅଧିବେଶନରେ ଶୁକ୍ରବାର ସିଏମ୍ ଯୋଗୀ କହିଥିଲେ, ବିଜେପିର କାର୍ଯ୍ୟକ୍ରମରେ 'ବନ୍ଦେମାତରମ'କୁ କେହି ବିରୋଧ କରି ପାରିବେ ନାହିଁ। ଯିଏ ଏହାର ବିରୋଧ କରୁଛନ୍ତି , ତାଙ୍କର କାନ ଧରି ବାହାର କରି ଦେବା ଉଚିତ୍। ବନ୍ଦେମାତରମ୍ ପାର୍ଟିରେ ଲାଗୁ ହେବା ଉଚିତ୍। ବନ୍ଦେମାତରମକୁ ଯିଏ ବିରୋଧ କରୁଛି, ତାଙ୍କୁ ହିନ୍ଦୁସ୍ତାନର ମାଟିରେ ରହିବାର କୌଣସି ଅଧିକାର ନାହିଁ। ବାବରଙ୍କୁ ସମ୍ମାନ ଜଣାଇ ମୁଣ୍ଡ ନୁଆଁଉଛନ୍ତି ଏବଂ ବନ୍ଦେମାତରମ ବିରୋଧ କରୁଛନ୍ତି। ସେମାନେ ମାଫିଆ କବରକୁ ଫତିହା ପଢିବାକୁ ଯାଆନ୍ତି। ସେଠାରୁ ଯାଅ ଯେଉଁଠି ଏହାର ବିରୋଧ ହେଉଛି। ଯୋଗୀ କହିଛନ୍ତି ଯେ, ରାମ ମନ୍ଦିର ,କାଶୀ ମନ୍ଦିର ଓ ମଥୁରାର ବିକାଶର ବିରୋଧ କରାଯାଇଛି। ଜନ୍ମାଷ୍ଟମୀର ପର୍ବକୁ ଜେଲ୍ ଓ ଥାନା ଗୁଡ଼ିକରେ ପାଳିବା ଉପରେ ରୋକ୍ ଲଗା ଯାଇଛି। ଗାଜିଙ୍କ ମେଳାର ସମର୍ଥନ କରୁଥିବା ସପା ଜାଣି ନିଅନ୍ତୁ ଯେ, ଗାଜିଙ୍କୁ ହତ୍ୟା କରିଥିବା ବୀର ରାଜା ସୁହେଲଦେବଙ୍କ ସ୍ମାରକୀ ଆମେ ନିର୍ମାଣ କରିଛୁ। ଲୋକମାତା ଅହିଲ୍ୟାବାଈ ହୋଲକରଙ୍କ ଜୟନ୍ତୀରେ ମୋଦି ଜୀ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। କାଶୀ ବିଶ୍ୱନାଥ ଧାମରେ ମୋଦି ଜୀ ପ୍ରତିମୂର୍ତ୍ତୀ ଲଗାଇ ଥିଲେ। ଔରେୟା ମେଡିକାଲ କଲେଜର ନାଁ ଅହିଲ୍ୟାବାଈ ହୋଲକରଙ୍କ ନାମରେ ନାମିତ କରାଯାଇଛି। ଲୋକମାତା ଅହିଲ୍ୟାବାଈ ହୋଲକରଙ୍କ ନାମରେ ମଣିକର୍ଣ୍ଣିକା ଘାଟରେ କାମ କରାଯାଏ ତ ସପା ଓ କଂଗ୍ରେସ ବିରୋଧ କରୁଛନ୍ତି।

## ମାଡାଗାସ୍କରରେ ତାଣ୍ଡବ ରଚିଲା ବାତ୍ୟା 'ଗେଜାନି'; ୩୧ ମୃତ

ଆଣ୍ଟାନାରିଭୋ, ୧୩।୨ : ମାଡାଗାସ୍କରର ମୁଖ୍ୟ ବନ୍ଦର ସହର ଟୋଆମାସିନାରେ ବାତ୍ୟା ଗେଜାନି ତାଣ୍ଡବ ରଚିଛି। ଗେଜାନି ସ୍ଥଳଭାଗ ଛୁଇଁବା ସମୟରେ ଭୟଙ୍କର ଘୂର୍ଣ୍ଣିଝଡ଼ରେ ପରିଣତ ହୋଇଥିଲା। ଏହାର ପ୍ରଭାବରେ ୩୧ ଜଣ ନାଗରିକଙ୍କର ମୃତ୍ୟୁ ହୋଇଛି। ୪ ଜଣ ନିଖୋଜ ଥିବାବେଳେ ୩୬ ରୁ ଅଧିକ ଲୋକ ଆହତ ହୋଇଛନ୍ତି। ପ୍ରବଳ ବର୍ଷା ଓ ପବନ ଲାଗି ରହିଥିବାରୁ ୬,୦୦୦ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି। ଘୂର୍ଣ୍ଣିଝଡ଼ ଗେଜାନି ଲ୍ୟାଣ୍ଡଫଲ୍ କରିଥିବାବେଳେ ଭୟଙ୍କର ପବନ ହୋଇଥିଲା। ଘଣ୍ଟା ପ୍ରତି ପ୍ରାୟ ୧୮୫ କିଲୋମିଟର (୧୧୫ ମାଇଲ) ବେଗରେ ପବନ ବହିଥିଲା। ସ୍ଥଳ ବିଶେଷରେ ୨୭୦ କିଲୋମିଟର ପ୍ରତି ଘଣ୍ଟା ବେଗରେ ଝଟକା ପବନ ବହିବା ଯୋଗୁ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଥିଲା। ପବନ ଯୋଗୁ ଅନେକ ଦୁର୍ବଳ କୋଠା ଭୁଶୁଡ଼ି ପଡ଼ିଥିଲା। କୋଠା ଭୁଶୁଡ଼ି ପଡ଼ିବା ଯୋଗୁ ବହୁ ଲୋକଙ୍କ ମୃତ୍ୟୁ ହୋଇଥିଲା ବୋଲି ଜାତୀୟ ବିପଦ ଏବଂ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଅଧିକାରୀମାନେ କହିଛନ୍ତି ଯେ ଟୋମାସିନାର ପ୍ରାୟ ୭୫ ପ୍ରତିଶତ ଭିତ୍ତିଭୂମି କ୍ଷତିଗ୍ରସ୍ତ କିମ୍ବା ନଷ୍ଟ ହୋଇଯାଇଛି, ଯେଉଁଥିରେ ଘର, ଦୋକାନ, ବିଦ୍ୟୁତ୍ ଭିତ୍ତିଭୂମି ଏବଂ ରାସ୍ତା ରହିଛି। ଅକ୍ଟୋବରରେ ଏକ ସାମରିକ ବିଦ୍ରୋହ ପରେ କ୍ଷମତାକୁ ଆସିଥିବା ରାଷ୍ଟ୍ରପତି ମାଇକେଲ ରାଣ୍ଡ୍ରିଆନିରିନା କ୍ଷୟକ୍ଷତି ଆକଳନ କରିବା ପାଇଁ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ। ଜାତିସଂଘ ଆକଳନ କରିଛି ଯେ ଘୂର୍ଣ୍ଣିଝଡ଼ ମାଡାଗାସ୍କରରେ ବାର୍ଷିକ ପ୍ରାୟ ୮୫ ନିୟୁତ ଡଲାରର ଭିତ୍ତିଭୂମି କ୍ଷତି କରିଥାଏ। ପାଣିପାଗ ବିଶେଷଜ୍ଞମାନେ କହିଛନ୍ତି ଯେ ଗେଜାନି ଭାରତ ପହଞ୍ଚିବାର ସମ୍ଭାବନା ନାହିଁ।



## ଚନ୍ଦ୍ରରେ ଏଆଇ ସାଟେଲାଇଟ୍ କାରଖାନା ବସାଇବେ ଏଲନ ମସ୍କ



ନୂଆଦିଲ୍ଲୀ, ୧୩/୨ : ଚନ୍ଦ୍ରରେ ଏଆଇ ସାଟେଲାଇଟ୍ କାରଖାନା ବସାଇବେ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଏଲନ ମସ୍କ । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଭବିଷ୍ୟତକୁ ଉର୍ଜ୍ଜା ଯୋଗାଇବା ପାଇଁ ସେ ଚନ୍ଦ୍ରରେ କାରଖାନା ନିର୍ମାଣ କରିବାକୁ ଚାହୁଁଛନ୍ତି । ଏକ୍ସଏଆଇରେ ନିଜ କର୍ମଚାରୀଙ୍କ ସହ ବୈଠକରେ ଏହି ମହତ୍ୱାକାଂକ୍ଷୀ ବିଚାର ବିଷୟରେ ସେ ଆଲୋଚନା କରିଛନ୍ତି । ମସ୍କ କହିଛନ୍ତି, ଚନ୍ଦ୍ରରେ ସହର ଗଢ଼ିବା ଏବଂ ସେଠାରୁ ମଙ୍ଗଳ ଗ୍ରହ ଓ ପୂରା ସୌରମଣ୍ଡଳର ଯାତ୍ରା ଖୁବ୍ ରୋମାଞ୍ଚକର ହେବ । ଭିନ୍ନ ଭିନ୍ନ ନକ୍ଷତ୍ର ମଣ୍ଡଳକୁ ଯାତ୍ରା ସମୟରେ ଏଲିୟନ୍‌ଙ୍କ ସହ ଆମର ସାକ୍ଷାତ ମଧ୍ୟ ହୋଇପାରେ । ଏ ସବୁ ସେତେବେଳେ ସମ୍ଭବ ହେବ, ଯେତେବେଳେ ଆମେ ବାହାରକୁ ବାହାରିବା ଆଉ ବ୍ରହ୍ମାଣ୍ଡର ଅନ୍ୱେଷଣ କରିବା । ଏହି ମାର୍ଗ ହିଁ ଆମ ବିଚାରକୁ ବାସ୍ତବତାରେ ରୂପାନ୍ତରିତ କରିବ । ସେ ଆହୁରି କହିଛନ୍ତି, ବର୍ତ୍ତମାନର ଏଆଇ ରେସରେ ଏକ୍ସଏଆଇକୁ ଆଗରେ ରହିବାକୁ ହେଲେ, ପୃଥିବୀର ପାରମ୍ପରିକ ଡାଟା ସେଣ୍ଟରଠୁ ବହୁ ଆଗକୁ ଚିନ୍ତା କରିବାକୁ ହେବ । ଏହି କ୍ରମରେ ସେ ଚନ୍ଦ୍ରରେ ଏକ ଏଆଇ କାରଖାନା ନିର୍ମାଣର ପ୍ରସ୍ତାବ ଆଣିଛନ୍ତି, ଯାହା ଏଆଇ-କେନ୍ଦ୍ରିତ ସାଟେଲାଇଟ୍ ନିର୍ମାଣ କରିବ । ମାସ୍ ଡ୍ରାଇଭର୍ ନାମରେ ପରିଚିତ ଶକ୍ତିଶାଳୀ ବିଦ୍ୟୁତମ୍ବକୀୟ ପ୍ରଣାଳୀ ପ୍ରୟୋଗ କରି ସେଗୁଡ଼ିକୁ କକ୍ଷରେ ସ୍ଥାପିତ କରିବ । ବୈଠକରେ ମସ୍କ କହିଛନ୍ତି, ମାନବ ସଭ୍ୟତାର ଉର୍ଜ୍ଜା ଉପଯୋଗକୁ ଦେଖିଲେ, ବର୍ତ୍ତମାନ ଆମେ ପୃଥିବୀ ଉର୍ଜ୍ଜାର କେବଳ ୧ ପ୍ରତିଶତ ଉପଯୋଗ କରୁଛୁ । ଯଦି ଆମେ ସୂର୍ଯ୍ୟର ମୋଟ୍ ଉର୍ଜ୍ଜାର ୧୦ ଲକ୍ଷତମ ଅଂଶ ହାସଲ କରିବା, ତେବେ ବର୍ତ୍ତମାନର ମାନବ ସଭ୍ୟତା ଉପଯୋଗ କରୁଥିବା ଉର୍ଜ୍ଜାଠୁ ପ୍ରାୟ ୧୦ ଲକ୍ଷ ଗୁଣ ଅଧିକ ହେବ । ଆମର ଆଗାମୀ ପଦକ୍ଷେପ 'ଆର୍ଥ ଅର୍ବିଟାଲ ଡାଟା ସେଣ୍ଟର' । ସ୍ପେସ୍‌ଏକ୍ସ ସାହାଯ୍ୟରେ ଆମେ ପ୍ରତି ବର୍ଷ ୧୦୦ରୁ ୨୦୦ ଗୀଗାୱାଟ୍ କ୍ଷମତାସମ୍ପନ୍ନ ଡାଟା ସେଣ୍ଟର୍ ମହାକାଶରେ ଲଞ୍ଚ୍ କରିବା । ଆମକୁ ୧ ଟେରାୱାଟ୍ରୁ ଆଗକୁ ଯିବାକୁ ହେଲେ ଚନ୍ଦ୍ରକୁ ଯିବାକୁ ପଡ଼ିବ ।

## ରହମାନଙ୍କ ସହ ଫୋନରେ କଥା ହେଲେ ପ୍ରଧାନମନ୍ତ୍ରୀ




ନୂଆଦିଲ୍ଲୀ, ୧୩।୨ : ବାଂଲାଦେଶରେ ନିର୍ବାଚନ ଫଳାଫଳ ଆସିଛି । ତାରିକ ରହମାନଙ୍କ ନେତୃତ୍ୱାଧୀନ ବିଏନପିକୁ ବହୁମତ ମିଳିଛି । ୩ଶହ ଆସନ ବିଶିଷ୍ଟ ସଂସଦରେ ବିଏନପି ୧୫୧ ରୁ ଅଧିକ ଆସନ ଜିତିଛି। ନିର୍ବାଚନରେ ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଏନପି ନେତା ତାରିକ ରହମାନଙ୍କ ସହ ଫୋନ୍ ଯୋଗେ କଥାବାର୍ତ୍ତା ହୋଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ନିର୍ବାଚନରେ ରହମାନଙ୍କୁ ତାଙ୍କ ବିଜୟ ପାଇଁ ଅଭିନନ୍ଦନ ଜଣାଇଛନ୍ତି ଏବଂ ଉଭୟ ଦେଶର ଉତ୍ତମ ସମ୍ପର୍କ ବିଷୟରେ କଥା ହୋଇଛନ୍ତି । ଭାରତ ବାଂଲାଦେଶ ସହିତ ଉତ୍ତମ ସମ୍ପର୍କ ପାଇଁ ଆଶାବାଦୀ ରହିଛି । ପ୍ରଧାନମନ୍ତ୍ରୀ ମୋଦିଙ୍କ ଅଭିନନ୍ଦନ ବାର୍ତ୍ତା ପରେ ତାରିକଙ୍କ ସହ ଫୋନ ଯୋଗେ କଥାବାର୍ତ୍ତା ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ପ୍ରଧାନମନ୍ତ୍ରୀ ମୋଦି ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଲେଖିଛନ୍ତି, ତାରିକ ରହମାନଙ୍କ ସହ କଥା ହୋଇ ଖୁସି ଲାଗିଲା। ବାଂଲାଦେଶ ନିର୍ବାଚନରେ ତାଙ୍କର ବିପୁଳ ବିଜୟ ପାଇଁ ମୁଁ ତାଙ୍କୁ ଅଭିନନ୍ଦନ ଜଣାଉଛି। ବାଂଲାଦେଶର ଲୋକଙ୍କ ଆଶା ପୂରଣ କରିବା ପାଇଁ ତାଙ୍କ ପ୍ରୟାସରେ ମୁଁ ତାଙ୍କୁ ମୋର ଶୁଭେଚ୍ଛା ଓ ସମର୍ଥନ ଜଣାଇଛି। ପ୍ରଧାନମନ୍ତ୍ରୀ ମୋଦି ଆହୁରି କହିଛନ୍ତି, ଦୁଇଟି ନିକଟତର ପଡ଼ୋଶୀ ଭାବରେ, ମୁଁ ଉଭୟ ଦେଶର ଲୋକଙ୍କ ଶାନ୍ତି, ପ୍ରଗତି ଓ ସମୃଦ୍ଧି ପ୍ରତି ଭାରତର ନିରନ୍ତର ପ୍ରତିବଦ୍ଧତାକୁ ପକ୍କା କରୁଛି।'

## ଶିଖରଚଣ୍ଡୀ ପାହାଡ଼ରେ ହାତୀଙ୍କ ଉପଦ୍ରବ

### ପଥରଗାଡିଆ ଗାଁ ନିକଟରେ ବହୁ ଘର, ପାଚେରି ଭାଙ୍ଗିଲେ

ଭୁବନେଶ୍ୱର,(ନିପ୍ର): ଭୁବନେଶ୍ୱରର ପ୍ରସିଦ୍ଧ ପର୍ଯ୍ୟଟନ ଓ ପିକନିକସ୍ଥଳୀ ଶିଖରଚଣ୍ଡୀ ପାହାଡ଼ରେ ବନ୍ୟ ହାତୀଙ୍କ ଉପସ୍ଥିତି ଯୋଗୁଁ ଆତଙ୍କ ସୃଷ୍ଟି ହୋଇଛି। ଚନ୍ଦକା ବନ୍ୟଜନ୍ତୁ ଅଭୟାରଣ୍ୟରୁ ଆସିଥିବା ୨ଟି ଦନ୍ତା (ପୁରୁଷ) ହାତୀ କିଛି ଦିନ ଧରି ଶିଖରଚଣ୍ଡୀ ପାହାଡ଼ରେ ବୁଲୁଥିବାରୁ ବନ ବିଭାଗ ପକ୍ଷରୁ ସତର୍କତା ଜାରି ହୋଇଛି। ହସ୍ତଗତ ସୂଚନା ମୁତାବକ ହାତୀପଲ ଜନବସତୀ ମୁହାଁ ହୋଇଥିଲେ। ଶିଖରଚଣ୍ଡୀ ପାହାଡ ତଳେ ଆତଙ୍କ ଖେଳାଇବା ସହ ପଥରଗାଡିଆ ଗାଁ ନିକଟରେ ବହୁ ଘର ପାଚେରୀ ଭାଙ୍ଗିଥିଲେ। ଲୋକେ ଆତଙ୍କିତ ଥିବାବେଳେ ହାତୀ ଘଉଡ଼ାଇବାକୁ ବନ ବିଭାଗ ଉଦ୍ୟମ କରୁଥିବା କୁହାଯାଇଛି।ସେପଟେ ଡିସେମ୍ବର ୨୦୨୫ର ଶେଷ ସପ୍ତାହରେ ଶିଖରଚଣ୍ଡୀ ପାହାଡକୁ ହାତୀ ଆସିବା ଘଟଣା ଆରମ୍ଭ ହୋଇଥିଲା। ଚନ୍ଦକା ଅଭୟାରଣ୍ୟରୁ ଆସିଥିବା ୨ଟି ଦନ୍ତା ହାତୀ ଶିଖରଚଣ୍ଡୀ ପାହାଡ଼ରେ ୪ରୁ ୬ ଦିନ ଧରି ରହିଥିଲେ। ପିକନିକ ଋତୁ ଥିବାରୁ ଶତାଧିକ ପର୍ଯ୍ୟଟକ ଭୋଜି କରିବାକୁ ଆସି ନିରାଶ ହୋଇ ଫେରିଥିଲେ। ବନ ବିଭାଗ ପ୍ରବେଶ ଦ୍ୱାରରେ ତାଲା ଲଗାଯାଇଥିଲା। ପୋଲିସ୍ ସହଯୋଗରେ ଲୋକଙ୍କ ଗତିବିଧି ନିୟନ୍ତ୍ରଣ କରାଯାଇଥିଲା। ହାତୀଙ୍କୁ ଟ୍ରାକ୍ କରିବା ପାଇଁ ଡ୍ରୋନ୍ ବ୍ୟବହାର କରାଯାଇଥିଲା ଏବଂ ବନ୍ୟଜନ୍ତୁଙ୍କୁ ସୁରକ୍ଷିତ ଭାବେ ଚନ୍ଦକା କିମ୍ବା ଭରତପୁର ଜଙ୍ଗଲକୁ ଫେରାଇବା ପାଇଁ ବନ କର୍ମଚାରୀମାନେ ଦିନରାତି ସତର୍କ ରହିଥିଲେ। ପରେ ହାତୀମାନେ ଅଞ୍ଚଳ ଛାଡ଼ି ଚାଲିଯିବା ପରେ ଶିଖରଚଣ୍ଡୀ ପୀଠ ଓ ପାହାଡ଼ ପୁଣି ଖୋଲାଯାଇଥିଲା। ଏହି ଅଞ୍ଚଳରେ ହାତୀଙ୍କ ଆଗମନ ନୂଆ ନୁହେଁ। ବନ୍ୟଜନ୍ତୁ ମାନବ ସଂଘର୍ଷ ଘଟଣା ଏଠାରେ ଏକ ନିୟମିତ ସମସ୍ୟା ହୋଇପଡ଼ିଛି। ବନ ବିଭାଗ କହିଛି, ଚନ୍ଦକା ଅଭୟାରଣ୍ୟ ନିକଟରେ ଥିବାରୁ ହାତୀମାନେ ପ୍ରାୟତଃ ଖାଦ୍ୟ ଓ ପାଣି ଖୋଜିବା ପାଇଁ ଏହି ଅଞ୍ଚଳକୁ ଆସନ୍ତି। ପିକନିକ ଋତୁରେ ଲୋକଙ୍କ ସଂଖ୍ୟା ବଢ଼ିବାରୁ ସଂଘର୍ଷର ଆଶଙ୍କା ବଢେ। ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ବଡ଼ ଦୁର୍ଘଟଣା ଘଟିନଥିଲେ ହେଁ, ବନ ବିଭାଗ ସତର୍କ ରହି ହାତୀଙ୍କୁ ନିରାପଦରେ ଫେରାଇବା ପାଇଁ ପ୍ରୟାସ ଜାରି ରଖିଛି।

## ନିର୍ଦ୍ଧାରିତ ଦିନ ବ୍ୟତୀତ ଅନ୍ୟ ଦିନରେ ମଧ୍ୟ ଡାକ୍ତରଙ୍କ ପରାମର୍ଶ ମିଳିବ



କଟକ, (ନିପ୍ର): ଏସସିବି ମେଡ଼ିକାଲ ଓ ହସପିଟାଲ ରୋଗୀମାନଙ୍କ ସୁବିଧାକୁ ଲକ୍ଷ୍ୟ କରି ବର୍ହି ବିଭାଗ (ଓପିଡ଼ି) ଚିକିତ୍ସା ସେବାରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇଛି । ଏହି ନୂତନ ବ୍ୟବସ୍ଥା ଫଳରେ ଏବେ ରୋଗୀମାନେ ନିର୍ଦ୍ଧାରିତ ଦିନ ବ୍ୟତୀତ ଅନ୍ୟ କାର୍ଯ୍ୟ ଦିବସରେ ମଧ୍ୟ ସଂପୃକ୍ତ ଡାକ୍ତରଙ୍କ ପରାମର୍ଶ ପାଇପାରିବେ । ପୂର୍ବରୁ ଏସସିବିର ବର୍ହି ବିଭାଗରେ ବିଭିନ୍ନ ବିଭାଗ ଓ ଡାକ୍ତରମାନଙ୍କ ପରାମର୍ଶ ପାଇଁ ନିର୍ଦ୍ଧାରିତ ଦିନ ସ୍ଥିର କରାଯାଇଛି । ଏଥିପାଇଁ ରୋଗୀମାନେ ଉଭୟ ଅନଲାଇନ ଓ ଅଫଲାଇନ ମାଧ୍ୟମରେ ଟିକେଟ ବୁକିଂ କରି ସେହିଦିନ ଡାକ୍ତରୀ ପରାମର୍ଶ ନେଇଥାନ୍ତି । ଡାକ୍ତରୀ ପରାମର୍ଶ ପରେ ଅନେକ ସମୟରେ ବିଭିନ୍ନ ପରୀକ୍ଷା ନିରୀକ୍ଷା କରାଇବା ଓ ରିପୋର୍ଟ ପାଇବାକୁ ସମୟ ଲାଗିଥାଏ । ଯଦି ରୋଗୀ ସେହିଦିନ ରିପୋର୍ଟ ପାଇପାରନ୍ତି ନାହିଁ, ତେବେ ଆଗାମୀ ନିର୍ଦ୍ଧାରିତ ପରାମର୍ଶ ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥାଏ । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଏସସିବି କର୍ତ୍ତୃପକ୍ଷ ଲାଗୁ କରିଥିବା ନୂତନ ନିୟମ ଅନୁଯାୟୀ, ଯଦି କୌଣସି ରୋଗୀ ନିର୍ଦ୍ଧାରିତ ଦିନରେ ଡାକ୍ତରଙ୍କୁ ରିପୋର୍ଟ ଦେଖାଇବାରେ ଅସମର୍ଥ ହୁଅନ୍ତି, ତେବେ ସେ ପରବର୍ତ୍ତୀ ଦିନ କିମ୍ବା ଯେକୌଣସି ସରକାରୀ କାର୍ଯ୍ୟ ଦିବସରେ ସକାଳ ୧୦ଘଟିକା ଠାରୁ ଅପରାହ୍ନ ୫ଘଟିକା ମଧ୍ୟରେ ସଂପୃକ୍ତ ଡାକ୍ତର ଚିକିତ୍ସା କରୁଥିବା ୱାର୍ଡ଼ କିମ୍ବା ଚାମ୍ବରକୁ ଯାଇ ସେହି ଡାକ୍ତରଙ୍କ ପରାମର୍ଶ ନେଇପାରିବେ । ଏହି ପଦକ୍ଷେପ ରୋଗୀମାନଙ୍କ ପାଇଁ ଅନେକ ସୁବିଧା ସୃଷ୍ଟି କରିବ ବୋଲି ଆଶା କରାଯାଉଛି । ବିଶେଷ କରି ଦୂର ଦୂରାନ୍ତରୁ ଆସୁଥିବା ରୋଗୀମାନେ ଏଥିରୁ ଲାଭାନ୍ୱିତ ହେବେ । ରୋଗୀ ସେବାକୁ ଆହୁରି ସୁଗମ ଓ ପ୍ରଭାବଶାଳୀ କରିବା ପାଇଁ ଆଗାମୀ ଦିନ ମାନଙ୍କରେ ଏଭଳି ପରିବର୍ତ୍ତନ ଜାରି ରହିବ ବୋଲି ଏସସିବି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

## ପୂର୍ବ ବିବାଦକୁ ନେଇ ନର୍ସଙ୍କୁ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର,(ନିପ୍ର): ପୂର୍ବ ବିବାଦକୁ ନେଇ ଜଣେ ନର୍ସଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକଙ୍କ ନାମ କାଳିଆ ନାୟକ (୨୬) ଓ ତାଙ୍କ ଘର ନୟାଗଡ ଜିଲ୍ଲା ଫତେଗଡ ବୋଲି ଜଣାପଡିଛି। ବର୍ତ୍ତମାନ ସେ କ୍ୟାପିଟାଲ ଥାନା ଅନ୍ତର୍ଗତ କେଦାରପଲ୍ଲୀ ବସ୍ତିରେ ରହୁଛନ୍ତି। ଏନେଇ ନର୍ସ ଅର୍ପିତା ପଲେଇଙ୍କ ଅଭିଯୋଗ ଆଧାରରେ ଏୟାରପୋର୍ଟ ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ଏହି ଘଟଣାରେ କାଳିଆ ନାୟକ ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ପ୍ରକାଶଯୋଗ୍ୟ ଯେ, ଅଭିଯୋଗକାରିଣୀ ଏୟାରପୋର୍ଟ ଥାନା ଅନ୍ତର୍ଗତ ନିୟୁ-ଫରେଷ୍ଟ ପାର୍କ ଅଞ୍ଚଳରେ ଭଡା ସୂତ୍ରରେ ରହିବା ସହ ଏକ ବେସରକାରୀ ଡାକ୍ତରଖାନାରେ ଚାକିରି କରନ୍ତି। ଗୁରୁବାର ସନ୍ଧ୍ୟା ପ୍ରାୟ ୬ଟା୩୦ ସମୟରେ, ଉକ୍ତ ଡାକ୍ତରଖାନାରେ ଚାକିରି କରୁଥିବା ଜଳେନ୍ଦ୍ର ଜେନା ନାମକ ଜଣେ ଅଭିଯୁକ୍ତ, ଅଭିଯୁକ୍ତ କାଳିଆ ନାୟକ ଏବଂ ଅନ୍ୟ ସହଯୋଗୀମାନେ ଏକତ୍ରିତ ହୋଇ ଅଭିଯୋଗକାରିଣୀଙ୍କ ଭଡା ଘର ନିକଟକୁ ଯାଇ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିଲେ ।

## ମହାଶିବରାତ୍ରି ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀର ଜାତୀୟସ୍ତରୀୟ ଭଜନ ସମାରୋହ



ଭୁବନେଶ୍ୱର,(ନିପ୍ର) : ପ୍ରତିବର୍ଷ ପରି ଚଳିତବର୍ଷ ଶ୍ରୀ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କର ମହାଶିବରାତ୍ରି ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ସଂସ୍ଥା ପକ୍ଷରୁ ଅନୁଷ୍ଠିତ ହେଉଥିବା ଜାତୀୟସ୍ତରୀୟ ଭଜନ ସମାରୋହ ଲିଙ୍ଗରାଜଙ୍କ ଭଜନ ମଣ୍ଡପଠାରେ ଅନୁଷ୍ଠିତ ହେବ। ଏହି ଭଜନ ସମାରୋହ ୩୭ ବର୍ଷ ପୂର୍ଣ୍ଣ ହେବାକୁ ଯାଉଛି ବୋଲି ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଶୁକ୍ରବାର ଲିଙ୍ଗରାଜ ମାର୍କେଟ କମ୍ପ୍ଲେକ୍ସର ତୃତୀୟ ମହଲାର ଲାଇବ୍ରେରୀ ହଲ୍‌ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଅନ୍ୟତମ ଉପସଭାପତି ତଥା ବିଜେପିର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ଉପସଭାପତି ତଥା ବରିଷ୍ଠ ଆଇନଜୀବୀ ଶିବାନନ୍ଦ ରାୟ, ରାଜେନ୍ଦ୍ର ସାମର୍ଥା, ବିରଞ୍ଚି ନାରାୟଣ ମହାସୁଆର, ନାରାୟଣ ମହାପାତ୍ର ଏବଂ ଅନୁଷ୍ଠାନର ସାଧାରଣ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସନତ ମିଶ୍ର ସୂଚନା ଦେଇ କହିଛନ୍ତି ଯେ, ଚଳିତ ବର୍ଷ ୩୭ ବର୍ଷ ପୂର୍ତ୍ତି ହେଉଥିବାରୁ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ସଂସ୍ଥା ପକ୍ଷରୁ ଶ୍ରୀ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କର ଶିବରାତ୍ରି ମହୋତ୍ସବ ମହାସମାରୋହରେ ଅଧିକ ଯାକଜମକରେ ପାଳନ କରାଯିବ ।

## ଜାଗର ଉତ୍ସବ ପୂର୍ବରୁ ମନ୍ଦିର ସଫେଇ କାର୍ଯ୍ୟ ସଂପନ୍ନ

ନିମାପଡ଼ା, (ନି.ପ୍ର.): ପବିତ୍ର ଶିବରାତ୍ରି ନିମନ୍ତେ ଅନେକ ଶୈବପୀଠ ଚଳଚଞ୍ଚଳ ହୋଇପଡ଼ିଥିବା ବେଳେ ସାମାଜିକ ଅନୁଷ୍ଠାନ ନୟା ସବେରା ନିମାପଡ଼ା ୟୁଥ୍ ଟ୍ରଷ୍ଟ ପକ୍ଷରୁ ଗଡ଼ଅଣ୍ଟିଆ ଗ୍ରାମର ବାବା ବୁଦ୍ଧେଶ୍ୱର ମନ୍ଦିର ପରିସର (ବାହାର ଓ ଭିତର) ସଫେଇ କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଇଥିଲା । ସଫେଇ କାର୍ଯ୍ୟ ସଂପୂର୍ଣ୍ଣ ହେବା ପରେ ଜାଗର ଯାତ୍ରାକୁ ଶୃଙ୍ଖଳିତ କରିବା ନିମନ୍ତେ ଅନୁଷ୍ଠାନର ସଭ୍ୟ/ସଭ୍ୟାମାନେ ଏକ ବୈଠକରେ ମିଳିତ ନିଷ୍ପତି ଗ୍ରହଣ କରିଥିବା ସଂପାଦକ ନିର୍ମଳ ପରିଜା ସୂଚନା ଦେଇ ଗ୍ରାମାବସୀ ଏବଂ ଆଗନ୍ତୁକ ମାନଙ୍କୁ ଶୃଙ୍ଖଳିତ ଦର୍ଶନ ପାଇଁ ଅନୁରୋଧ କରିଥିଲେ । ଏହା ପୂର୍ବରୁ କୁଆଁସ ଶୈବ ପୀଠ ପରିସର ସଫା କରି ଅନୁଷ୍ଠାନ ସଭ୍ୟ/ସଭ୍ୟାମାନେ ଗ୍ରାମବାସୀଙ୍କ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ। ଗଡ଼ଅଣ୍ଟିଆ ଗ୍ରାମର ଯୁବ ସ୍ୱେଚ୍ଛାସେବୀ ବିଚିତ୍ରାନନ୍ଦ ପାତ୍ର, ତାପସ ସାହୁ, ଅକ୍ଷୟ ବାବୁ, ଦିଲ୍ଲୀପ ମହାପାତ୍ର, ଅମିତ ପରିଜା, ସୋମୁ, ପ୍ରିୟାଂଶୁ, ଆଲୋକ, ସୁରୀୟା, ଲାଲା, ସାନୁ, ପୁନୁ, ସୀତୁ, ମିଟୁ, ସୌମ୍ୟ ରଂଜନ ଦାସ, ସାଇ ପ୍ରିତମ ପଟ୍ଟନାୟକ, ହାପି, ଗୁଡୁ ଏବଂ ଆଶୁତୋଷ ହରିଚନ୍ଦନଙ୍କ ସହଯୋଗରେ ସଫେଇ କାର୍ଯ୍ୟ ଶୃଙ୍ଖଳାରସହ ସଂପନ୍ନ ହୋଇଥିଲା ।

## ଟାୱାରରୁ ଚୋରି,ଜଣେ ଗିରଫ

ଭୁବନେଶ୍ୱର,(ନିପ୍ର): ମଞ୍ଚେଶ୍ୱର ଥାନା ପୋଲିସ ସ୍ଥାନୀୟ ଅଞ୍ଚଳରେ ଥିବା ଏକ ବିଏସ୍ଏନ୍ ଟାୱାରରୁ ଚୋରି କରିବା ଅଭିଯୋଗରେ ଶୁକ୍ରବାର ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ ଆୟୁଷ ମହାପାତ୍ର (୨୭) ଓ ତାଙ୍କ ଘର କେନ୍ଦ୍ରାପଡା ସଦର ଥାନା ଅଞ୍ଚଳରେ। ଏନେଇ ଶ୍ରୀକୃଷ୍ଣ ବେହେରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଥାଉ କି, ପଳାସୁଣିରେ ଥିବା ଗ୍ଲୋବାଲ୍ ଆଇଡି ନମ୍ବର ୫୦୧୧୭୮ ବିଶିଷ୍ଟ ବିଏସଏନଏଲ ଟେଲିଫୋନ୍ ଟାୱାରର ଦାୟିତ୍ୱରେ ଥିବା ଅଭିଯୋଗକାରୀଙ୍କ ନିକଟକୁ ଗତ ୩ ଜାନୁଆରୀ ଦିନ ପ୍ରାୟ ୩ଟା ସମୟରେ ଟାୱାର ସାଇଟରୁ ଏକ ଆଲାରାମ ମିଳିଥିଲା ।

## ଅରଖପଲ୍ଲୀ ସେବା ସମବାୟ ସମିତି ତରଫରୁ ଧାନ ମଣ୍ଡି ଉଦ୍‌ଘାଟିତ



ବୋଲଗଡ଼,(ନିପ୍ର): ରାଜ୍ୟ ସରକାରଙ୍କ ଖାଦ୍ୟ ଓ ଖାଉଟି କଲ୍ୟାଣ ବିଭାଗ ନିର୍ଦ୍ଦେଶକ୍ରମେ ବୋଲଗଡ଼ ବ୍ଲକ ଅନ୍ତର୍ଗତ ଅରଖପଲ୍ଲୀ ସମବାୟ ସମିତି ସମ୍ପାଦିକା ମୈତ୍ରୀ ମହାପାତ୍ରଙ୍କ ତତ୍ୱାବଧାନରେ ଶୁକ୍ରବାର ଦିନ ହରିପୁର ପାଟଣା ଗ୍ରାମଠାରେ ୫ମ ପର୍ଯ୍ୟାୟ ଧାନମଣ୍ଡି ଉଦ୍‌ଘାଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସେବା ସମବାୟ ସମିତିର ସଭାନେତ୍ରୀ ଗୀତାଞ୍ଜଳି ମହାନ୍ତି ,ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ନିୟନ୍ତ୍ରିତ ବଜାର କମିଟିର ଧାନ ନିରୀକ୍ଷକ ସିଦ୍ଧାର୍ଥ ଜେନା ଓ ଡାଟା ଏଣ୍ଟ୍ରି ଅପରେଟର କେଦାର ପ୍ରଧାନଙ୍କ ସମେତ ବହୁ ଚାଷୀମାନେ ଉପସ୍ଥିତ ରହି ଏହାକୁ ଶୁଭ ଉଦଘାଟନ କରିଥିଲେ। ଅରଖପଲ୍ଲୀ ସେବା ସମବାୟ ସମିତିର ୩୦୨ ଜଣ ଚାଷୀମାନଙ୍କର ନାମ ପଞ୍ଜିକରଣ ହୋଇଥିଲାବେଳେ ଉଦଘାଟନୀ ଦିବସରେ ୩୩ଜଣ ଚାଷୀ, ଦ୍ୱିତୀୟ ପର୍ଯ୍ୟାୟରେ ୩୬ଜଣ ଚାଷୀ,ତୃତୀୟ ପର୍ଯ୍ୟାୟରେ ୩୮ଜଣ ଚାଷୀ, ୪ର୍ଥ ପର୍ଯ୍ୟାୟରେ ୩୫ଜଣ ଚାଷୀ, ଆଜି ୫ମ ପର୍ଯ୍ୟାୟରେ ୩୫ଜଣ ଚାଷୀଙ୍କଠାରୁ ୭୩୬. ୪୨ କ୍ୱିଣ୍ଟାଲ ଧାନ କ୍ରୟ ସମିତି ପକ୍ଷରୁ କରାଯାଇଥିଲା। ଅରଖପଲ୍ଲୀ ସେବା ସମବାୟ ସମିତି ଲିଃର ଚାଷୀମାନଙ୍କୁ ଉପଯୁକ୍ତ ଧାନର ପ୍ରାପ୍ୟ ୩୧୦୦ ଟଙ୍କା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେବା ସହିତ ‘ଆମେ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ଧାନ କ୍ରୟ କରିବାକୁ ପ୍ରସ୍ତୁତ ଅଛୁ ବୋଲି ସଭାନେତ୍ରୀ ଗୀତାଞ୍ଜଳୀ ମହାନ୍ତି ପରାମର୍ଶ ଦେଇଥିଲେ। ଚାଷୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ଟୋକନ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ ବୋଲି ସମ୍ପାଦିକା ମୈତ୍ରୀ ମହାପାତ୍ର ଚାଷୀମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ରାଜସୁନାଖଳାସ୍ଥିତ ଶିବାନୀ ଫୁଡ୍ସ ଆଣ୍ଡ ରାଇସ ମିଲ ଆଣ୍ଡ କମ୍ପାନୀ ଅରଖପଲ୍ଲୀ ସେବା ସମବାୟ ସମିତିରୁ ୩୫ଜଣ ଚାଷୀଙ୍କଠାରୁ ୭୩୬. ୪୨କ୍ୱିଣ୍ଟାଲ ଧାନ କ୍ରୟ କରିଥିଲେ । ଅରଖପଲ୍ଲୀ ସେବା ସମବାୟ ସମିତି ପରିଚାଳନା କମିଟିର ସମସ୍ତ ସଦସ୍ୟ,ଡାଟା ଏଣ୍ଟ୍ରି ଅପେରେଟର କେଦାର ପ୍ରଧାନ ଓ ଚାଷୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ‘ଭିବି-ଜୀ ରାମ ଜୀ’ ସମ୍ବନ୍ଧୀୟ ସଚେତନତା



ଯାଜପୁର(ନିପ୍ର): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ’ବିକଶିତ ଭାରତ - ଜୀ ରାମ ଜୀ’ ଗ୍ରାମୀଣ ନିଯୁକ୍ତି ନୂତନ ଗ୍ୟାରେଣ୍ଟି ଯୋଜନା ସମ୍ବନ୍ଧରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଅମ୍ବର କୁମାର କର ଏହି ବୈଠକରେ ଅଧ୍ୟକ୍ଷତା କରି ‘ବିକଶିତ ଭାରତ - ଜୀ ରାମ ଜୀ’ର ସବିଶେଷ ବିବରଣୀ ଦେବା ସହ ଏହାର ବୈଧାନିକ ସଂଶୋଧନ ସମ୍ବନ୍ଧରେ ସୂଚନା ଦେଇଥିଲେ। ଏହି ଅଧିନିୟମର ପ୍ରମୁଖ ଚାରୋଟି କ୍ଷେତ୍ର ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ଜଳ ସୁରକ୍ଷା, ଗ୍ରାମୀଣ ମୌଳିକ ଭିତ୍ତିଭୂମି, ରୋଜଗାର ସୃଷ୍ଟି ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟ ମାଧ୍ୟମରେ ଗ୍ରାମୀଣ ସ୍ତରରେ ୧୨୫ ଦିନର ନିଶ୍ଚିତ ନିଯୁକ୍ତି ସୃଷ୍ଟି କରିବା ନେଇ ଯୋଜନାରେ ପ୍ରାବଧାନ ରହିଛି ବୋଲି ଜିଲ୍ଲାପାଳ ଶ୍ରୀ କର କହିଥିଲେ । ଏହା ପଞ୍ଚାୟତ ଗୁଡ଼ିକର ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ନିର୍ମାଣ ଲକ୍ଷ୍ୟ ସହ ଏହା ସମନ୍ୱିତ ବୋଲି ଜିଲ୍ଲାପାଳ କହିଥିଲେ । ଆଜିଠାରୁ ଆସନ୍ତା ଛଅ ସପ୍ତାହ ପର୍ଯ୍ୟନ୍ତ ଏହି ଅଧିନିୟମକୁ ନେଇ ଜିଲ୍ଲାର ବ୍ଲକ ଏବଂ ପଞ୍ଚାୟତ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଯୋଜନା ସମ୍ବନ୍ଧରେ ଲୋକମାନଙ୍କୁ ଅବଗତ କରାଇବା ନିମନ୍ତେ ଜନସଚେତନତା ସୃଷ୍ଟି କରାହେବ। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି ଯୋଜନା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ।

## ତିଶଳପୁର ବିଦ୍ୟାଳୟର ବାର୍ଷିକ ଉତ୍ସବ

ରାଣୀତାଲ,(ନିପ୍ର): ଭଦ୍ରକ ବ୍ଲକ ଅନ୍ତର୍ଗତ ରାହାଞ୍ଜ ପଞ୍ଚାୟତର ତିଶଳପୁର ବିଦ୍ୟାଳୟର ୬୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଝୁରନବାଳା ଖୁଣ୍ଟିଆଙ୍କ ସଭାପତିତ୍ୱରେ ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଭଦ୍ରକର ଡେପୁଟି କଲେକ୍ଟର ଦେବବ୍ରତ ମହାପାତ୍ର ଯୋଗ ଦେବା ସଙ୍ଗେ ସଙ୍ଗେ ବି.ଏନ.ଏ କଲେଜ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ଡ଼ଃ ବିଶ୍ୱରଞ୍ଜନ ଦାଶ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ । ସେହିପରି ଶିକ୍ଷାବିତ୍ ଭାଗିରଥି ନାୟକ ପାଳିଆ କଲେଜ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ସରୋଜ କୁମାର ମହାପାତ୍ର ଆଦାନୀ ଫାଉଣ୍ଡେସନର ପ୍ରୋଜେକ୍ଟ ମ୍ୟାନେଜର ଭରତ ଚନ୍ଦ୍ର ରାଉତ, କଳିଙ୍ଗ ଟିଭିର ବରିଷ୍ଠ ସାମ୍ବାଦିକ ନରେନ୍ଦ୍ର ପ୍ରସାଦ ସାମଲ, ରାହାଞ୍ଜ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରହଲ୍ଲାଦ ପଣ୍ଡା, ରମ୍ଭିଳା ପଞ୍ଚାୟତର ସରପଞ୍ଚ ଗଣେଶ ଚନ୍ଦ୍ର ପଣ୍ଡା, ତିଶଳପୁର ସାଧନ କେନ୍ଦ୍ରର ସି.ଆର.ସି.ସି ଜୟନ୍ତ କୁମାର ଜେନା, ବିଦ୍ୟାଳୟ ପରିଚାଳନା କମିଟିର ସଭାଧ୍ୟକ୍ଷ ଗୌରୀ ବଲ୍ଲଭ ପାଢ଼ୀ ପ୍ରଭୃତି ଜ୍ଞାନୀଗୁଣୀ ବ୍ୟକ୍ତି ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ ।

## ସଜେଇ ହେଉଛି ଶୈବପୀଠ



ବୁଗୁଡ଼ା(ନିପ୍ର): ମହାଶିବରାତ୍ରୀ ପାଇଁ ବୁଗୁଡ଼ା ଅଞ୍ଚଳର ବିଭିନ୍ନ ଶୈବପୀଠ ସଜେଇ ହେଉଥିବା ଦେଖିବାକୁ ମିଳିଛି । ଚଳିତ ବର୍ଷ ଜାଗର ଯାତ୍ରାକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ସହ କାର୍ଯ୍ୟସୂଚୀ ପ୍ରକାଶ ପାଇଛି ଓ ଫଳରେ କେତେକ ଶୈବ ପୀଠରେ ନାମଯଜ୍ଞ ଓ ଅନ୍ନଯଜ୍ଞ ହେବାର ଜଣାଯାଇଛି। ଏ ବର୍ଷ ଶୈବପୀଠଗୁଡିକରେ ପ୍ରବଳ ଭିଡ ହେବାର ସମ୍ଭାବନା ରହିଥିବାରୁ ଶ୍ରଦ୍ଧାଳୁ କିପରି ଶାନ୍ତି ଶୃଙ୍ଖଳାର ସହ ମହାଦେବଙ୍କ ଦର୍ଶନ କରିବେ ଏବଂ ଯଥା ରୀତିନୀତି ପ୍ରକାରେ ପୂଜାର୍ଚ୍ଚନା ସହ ଠିକ୍ ସମୟରେ ଯେପରି ମହାଦୀପ ଉଠିବ ସେନେଇ ଯୋଜନା ପ୍ରସ୍ତୁତ ହୋଇଛି। ଏଥିସହ ମନ୍ଦିରଗୁଡିକର ସୌନ୍ଦର୍ଯ୍ୟକରଣ ପାଇଁ ରଙ୍ଗମରା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ଶ୍ରଦ୍ଧାଳୁମାନେ ଜାଗର ପର୍ବ ପାଳନ ପାଇଁ ଉତ୍କଣ୍ଠାର ସହ ଅପେକ୍ଷା କରିଥିବା ଜଣାଯାଇଛି।

## ଏସିଇ କମ୍ପ୍ୟୁଟର ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡାର ଏକାଡେମୀ ଅଫ କମ୍ପ୍ୟୁଟର ଏଜୁକେସନ (ଏସିଇ)ର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠାନ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ରାଜେଶ ଶର୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ସଭାପତି ହୃଦାନନ୍ଦ ନାଏକ ଯୋଗଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଦିଲିପ ପାଣି, ଶିକ୍ଷାବିତ ପ୍ରଫୁଲ୍ଲ ସାହୁ, ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର କିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ।

## ଅଟୋ ପଛକୁ ଧକ୍କା ଦେଲା ବାଇକ୍, ଚାଳକ ଗୁରୁତର

ହିଞ୍ଜିଳିକାଟୁ, (ନିପ୍ର): ୫୯ ନଂ ଜାତୀୟ ରାଜପଥ ତଥା ହିଞ୍ଜିଳି ଥାନା ଚୈତନ୍ୟପଡା ପେଟ୍ରୋଲ ପମ୍ପ ଛକରେ ଶୁକ୍ରବାର ଏକ ଯାତ୍ରୀବାହୀ ଅଟୋ (ଓଆର୦୭ ଆର ୩୦୩୪) ପଛକୁ ଏକ ବାଇକ୍ (ଓଡି୦୭ ଏଜେଡ ୫୧୯୨) ଧକ୍କା ଦେଇଛି। ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ଆହତ ଜଣଙ୍କ ବଡଗଡ ଥାନା ବୋରଦା ଗ୍ରାମର ରାଜା ନାୟକ ବୋଲି ଜଣାପଡିଛି। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲେ। ପ୍ରକାଶ ଯେ, ଶୁକ୍ରବାର ସକାଳେ ଯାତ୍ରୀବାହୀ ଅଟୋଟି ପେଟ୍ରୋଲ ପମ୍ପରେ ପେଟ୍ରୋଲ ଭରି ଜାତୀୟ ରାଜପଥକୁ ଆସୁଥିବା ବେଳେ ବ୍ରହ୍ମପୁର ଠାରୁ ହିଞ୍ଜିଳିକାଟୁ ଅଭିମୁଖେ ବାଇକ୍ ଯୋଗେ ଆସୁଥିବା ଯୁବକ ଜଣଙ୍କ ଭାରସାମ୍ୟ ହରାଇ ଯାତ୍ରୀବାହୀ ଅଟୋ ପଛକୁ ଧକ୍କା ଦେଇ ବାଇକ୍ ଚାଳକ ଜଣଙ୍କ ଗୁରୁତର ଆହତ ହୋଇଥିଲେ। ଖବର ଲେଖା ହେବା ସୁଦ୍ଧା ଘଟଣା ନେଇ ହିଞ୍ଜିଳି ଥାନାରେ ଅଭିଯୋଗ ହୋଇନଥିବା ଜଣାପଡିଛି।

## ଓଡିଶା ପାଠ୍ୟକ୍ରମ ରୂପରେଖ -୨୦୨୫ ପ୍ରବୋଧ କାର୍ଯ୍ୟକ୍ରମର ସମାପନ



କାଶୀନଗର(ନିପ୍ର): କାଶୀନଗର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ବୈଠକ ଗୃହ ମଧ୍ୟରେ ଓଡିଶା ପାଠ୍ୟକ୍ରମ ରୂପରେଖ -୨୦୨୫ (ପ୍ରବୋଧ କାର୍ଯ୍ୟକ୍ରମ) ସୋମବାର ଦିନ ଠାରୁ ଆରମ୍ଭ ହୋଇ ଆଜି ସେହି ତାଲିମ ଶିବିର ସମାପନ ହୋଇଛି। ଜାତୀୟ ଶିକ୍ଷା ନୀତିର ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟକ୍ରମର ପାଠ୍ୟ ପୁସ୍ତକ ପରଖି ତାକୁ କିପରି ଶ୍ରେଣୀ ଗୃହରେ ଛାତ୍ର ଛାତ୍ରୀଙ୍କ ସମ୍ମୁଖରେ ଉପସ୍ଥାପନା କରିବେ ସେଥିପାଇଁ ମାଷ୍ଟର ଟ୍ରେନର ମାନଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯାଇଥିଲା। କାଶୀନଗର ସହକାରୀ ଶିକ୍ଷା ଅଧିକାରୀ ଜେ. ନର୍ମଦା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୧୦୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇ ନୂତନ ଶିକ୍ଷା ପାଠ୍ୟପୁସ୍ତକ ଶିକ୍ଷା ସମ୍ପର୍କରେ ତାଲିମ ଗ୍ରହଣ କରିଥିଲେ। ପାରଳାଖେମୁଣ୍ଡି ଶିକ୍ଷକ ତାଲିମ ଅନୁଷ୍ଠାନ ରୁ ଶିକ୍ଷୟିତ୍ରୀ ମମତା ଜେନା, ଆର ପି ଏମ. କିଶୋର କୁମାର ଓ ପ୍ରଦୀପ ପାଲାକା ତାଲିମ ପ୍ରଦାନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ପି ମୋହନ ରାଓ, ଏସ. ହେମଲତା, ନିଗମ ନାୟକ, ମନୁବାଇ ଆଚାର୍ଯ୍ୟ ଓ ସ୍ୱତୀ ରାଜଗୁରୁ ସହଯୋଗ କରିଥିଲେ।

## ମଶାଙ୍କ ଦୌରାତ୍ମ୍ୟରୁ ବୁଲିଲା ଟିଫା ମେସିନ




ହିଞ୍ଜିଳିକାଟୁ, (ନିପ୍ର): ଗତ କିଛି ଦିନ ଧରି ହିଞ୍ଜିଳିକାଟୁ ପୌରାଞ୍ଚଳ ବାସୀଙ୍କୁ କଲବଲ କରୁଛି ମଶା। ସବୁଠାରେ ମଶାଙ୍କ ଦୌରାତ୍ମ୍ୟ ସହ ସହରବାସୀଙ୍କ ମଧ୍ୟରେ ଡେଙ୍ଗୁଜ୍ୱର ଭୟ ମଧ୍ୟ ଦେଖା ଦେଇଛି। ସ୍ଥାନୀୟ ପୌର ପରିଷଦ ପକ୍ଷରୁ ସହରର ଥିବା ବିଭିନ୍ନ ନାଳନର୍ଦ୍ଦମା ଗୁଡିକରେ ନିୟମିତ ବ୍ୟବଧାନରେ ପରିମଳ ସହ ସଫେଇ କାର୍ଯ୍ୟ କରାଯାଉଛି। ମାତ୍ର ସ୍ଥାନୀୟ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ଅବ୍ୟବହୃତ ଭାବେ ପଡିଥିବା ବହୁ ଗୃହପଯୋଗୀ ଜାଗା ଗୁଡିକରେ ବହୁଳ ପରିମାଣରେ ଘାସ ଓ ଗଛଲତାରେ ଭର୍ତ୍ତି ହୋଇଛି। ଉକ୍ତ ଅବ୍ୟବହୃତ ଜାଗା ଗୁଡିକ ନିୟମିତ ରୂପେ ସଫା ସୁତୁରା ନ ରହିବା ଫଳରେ ମଶା ବଂଶ ବିସ୍ତାର ହେବା ଏବେ ସହରବାସୀଙ୍କ ପାଇଁ ବହୁ ସମସ୍ୟା ସୃଷ୍ଟି କରିଛି।ଗତ କିଛି ଦିନ ଧରି ମଶାଙ୍କ ଦୌରାତ୍ମ୍ୟରେ ଅତିଷ୍ଠ ହୋଇଥିବା ସହରବାସୀଙ୍କ ପାଇଁ ପୌର ପରିଷଦ ପକ୍ଷରୁ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୌର କାର୍ଯ୍ୟ ନିର୍ବାହୀ ସୁକାନ୍ତ ଚନ୍ଦ୍ର ବେଉରାଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ସାହି ଗଳିରେ ଟିଫା ମେସିନ ବ୍ୟବହାର ହୋଇଛି। ଟିଫା ମେସିନରୁ ନିର୍ଗତ ଉକ୍ଟ ବାଷ୍ପ ପ୍ରୟୋଗ ଫଳରେ ମଶାଙ୍କ ଉପଦ୍ରବ ହ୍ରାସ ପାଇଛି। ମଶାଙ୍କ ଦାଉରୁ ସହରବାସୀଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ପୌରାଞ୍ଚଳର ଗଳିଗଳିରେ ଏବେ ଟିଫା ମେସିନ ଘୁରି ବୁଲୁଥିବା ବେଳେ ମଶାଙ୍କ ଦୌରାତ୍ମ୍ୟରୁ କିଛି ମାତ୍ରାରେ ସହରବାସୀଙ୍କୁ ତ୍ରାହି ମିଳିଛି।

## ପାଲା ଗାୟକ ଗାୟିକା ସମାବେଶ

ତିଗିରିଆ, (ନି ପ୍ର ):ପାଞ୍ଚଗାଁ ସ୍ଥିତ ବହୁମୁଖୀ ସାମାଜିକ ସାଂସ୍କୃତିକ କେନ୍ଦ୍ର ପରିସରରେ ବାଳ ମୁକୁନ୍ଦ ଜିଉ ପାଲା ପରିଷଦର ଗାୟକ ଗାୟିକା ମାନେ ସମ୍ମିଳିତ ହୋଇ ପୂର୍ବ କାର୍ଯ୍ୟକ୍ରମ ସହିତ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରିଥିଲେ ’ବିଭିନ୍ନ ଶାସ୍ତ୍ର ଆଲୋଚନା କରିବା ସହିତ ବରିଷ୍ଠ ମାନେ ପ୍ରଶିକ୍ଷଣ ଦେଇଥିଲେ ’ଉପଦେଷ୍ଟା ସରୋଜ ଦାଶଙ୍କ ସମେତ ସଭାପତି ଶ୍ୟାମ ସୁନ୍ଦର ଜେନା, ବସନ୍ତ କୁମାର ମିଶ୍ର, ବିଚିତ୍ର କୁମାର ସାହୁ, ଆଦିତ୍ୟ କୁମାର ଦାସ, ମଞ୍ଜୁବାଳା ସାମଲ, ଝିନିରାଣୀ ରାଉତ, ଲକ୍ଷ୍ମୀ ମହାରଣା, ଅଜୟ କୁମାର ଜେନା, ସନ୍ତୋଷ କୁମାର ଶତପଥୀ, ମଦନ କୁମାର ସ୍ୱାଇଁ, ହେମନ୍ତ କୁମାର ମିଶ୍ର, ବିଶ୍ୱନାଥ ସାମଲ, ସୁଧାକର ପ୍ରଧାନ, ହରିଶ୍ଚନ୍ଦ୍ର ବେହେରା ପ୍ରମୁଖ ଅଂଶ ଗହଣ କରୀଥିଲେ।

## କେନ୍ଦ୍ର ସରକାରଙ୍କ ବିରୋଧରେ ବିଜେଡିର ପ୍ରତିବାଦ ସଭା

କଟକ,(ନିପ୍ର): ବିଜେପି ସରକାରର ଚାଷୀ ମାରଣ ନୀତି, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ପ୍ରତିଶୃତି ଖିଲାପି ବିରୁଦ୍ଧରେ ଶୁକ୍ରବାର କଟକ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଚି । ସକାଳ ୧୦ଘଟିକାରେ ସ୍ଥାନୀୟ ସନସାଇନ ଖେଳ ପଡ଼ିଆଠାରୁ ଶୋଭାଯାତ୍ରାରେ ବାହାରି କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି କେନ୍ଦ୍ର ସରକାରଙ୍କ ବିଭିନ୍ନ ନୀତି ବିରୋଧରେ ଜିଲ୍ଲା ବିଜେଡ଼ି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । କଟକ ଜିଲ୍ଲା ବିଜେଡ଼ି ସଭାପତି ପ୍ରଫୁଲ୍ଲ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରତିବାଦ ସଭାରେ କଟକ ମେୟର ସୁବାସ ସିଂହ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବାଙ୍କୀ ବିଧାୟକ ଦେବୀ ରଂଜନ ତ୍ରିପାଠୀ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବରିଷ୍ଠ ବିଜେପି ନେତା ସନ୍ତୃପ୍ତ ମିଶ୍ର, ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଓ ପ୍ରତାପ ଜେନା ପ୍ରମୁଖ ଉଦବୋଧନ ଦେଇଥିଲେ। ରାଜ୍ୟରେ ଧାନର ଅଭାବ ବିକ୍ରି, କଟନିଛଟନି, ବିଦ୍ୟୁତ ଗ୍ରାହକଙ୍କ ଉପରେ ଅତିରିକ୍ତ ଜମା ଆକାରରେ ଜୋରଜବରଦସ୍ତ ଟଙ୍କା ଆଦାୟ, ଦୈନନ୍ଦିନ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରଦାମ ବୃଦ୍ଧି, ମହିଳାମାନଙ୍କ ଉପରେ ବୃଦ୍ଧି ପାଉଥିବା ହିଂସା, ରାଜ୍ୟରେ ଭୁଷୁଡ଼ି ପଡ଼ିଥିବା ଆଇନ ଶୃଙ୍ଖଳା, ବେକାରୀ ସମସ୍ୟା ଓ ସ୍ୱାସ୍ଥ୍ୟ ସେବାରେ ଘୋର ଅବନତି ପ୍ରତିବାଦରେ ବିଜେଡ଼ି ନେତାମାନେ ସଭାରେ ତୀବ୍ର ସମାଲୋଚନା କରିଥିଲେ। ଏହି ଅବସରରେ ବିଜେଡ଼ି ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା ।

# ଇଓ ଉପସ୍ଥାପିତ 'ଦି ଲଙ୍ଗ୍ ନାଓ ଅଫ୍ ଅସ୍' ଉଦ୍‌ଘାଟିତ

- ବୈଶ୍ୱିକ ସମସାମୟିକ କଳାଚର୍ଚ୍ଚା ପାଇଁ ଏହା ଅଭିଯାନ: ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ
- କଳାକୃତିଗୁଡ଼ିକରେ ଇତିହାସ, ସ୍ମୃତି ଓ ବର୍ତ୍ତମାନର ସହାବସ୍ଥାନ: ଶିଳ୍ପୀ ଶ୍ରୀ ପଣ୍ଡା
- ନୂଆ ଶୈକ୍ଷଣିକ ଭିତ୍ତିଭୂମିକୁ ଆମେ ପ୍ରୋତ୍ସାହନ ଦେଉଛୁ: ଇଓ, ଓଡ଼ିଶା ଚାପ୍ଟର




ଭୁବନେଶ୍ୱର,୧୩।୨(ନିପ୍ର): ସ୍ଥାନୀୟ ଲଳିତ କଳା ଏକାଡେମୀଠାରେ ଅନ୍ତର୍ଜାତୀୟ ଖ୍ୟାତିସଂପନ୍ନ ଶିଳ୍ପୀ ଜଗନ୍ନାଥ ପଣ୍ଡାଙ୍କ ଏକକ ଚିତ୍ରକଳା ପ୍ରଦର୍ଶନୀ 'ଦି ଲଙ୍ଗ୍ ନାଓ ଅଫ୍ ଅସ୍' ଶୁକ୍ରବାର ଅପରାହ୍ନରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଶ୍ରୀ ସିଂହଦେଓ ତାଙ୍କ ଉଦ୍‌ବୋଧନରେ କହିଥିଲେ, ଓଡ଼ିଶାର ପାରମ୍ପରିକ ମୂଳଉସ୍ ସହ ବୈଶ୍ୱିକ ସମସାମୟିକ କଳା ଚର୍ଚ୍ଚାକୁ ଏହି ପ୍ରଦର୍ଶନୀ ସେତୁ ଭଳି ଯୋଡ଼ିବାର ଏକ ଅଭିଯାନ। ଏହି ଅବସରରେ ରମାକାନ୍ତ ସାମନ୍ତରାୟଙ୍କ 'ରୂପକଥାର ରୂପକାର: ଜଗନ୍ନାଥ ପଣ୍ଡାଙ୍କର ଜୀବନ, ଦର୍ଶନ ଏବଂ ସୃଜନ' ଶୀର୍ଷକରେ ଲବ୍ଧପ୍ରତିଷ୍ଠ ଶିଳ୍ପୀଙ୍କ ଜୀବନ ଓ ଦାର୍ଶନିକ ଯାତ୍ରା ଅଧାରିତ ପୁସ୍ତକର ଉନ୍ମୋଚନ ମଧ୍ୟ ହୋଇଥିଲା। ଶିଳ୍ପୀ ଶ୍ରୀ ପଣ୍ଡାଙ୍କ ଏକକ ଚିତ୍ର ପ୍ରଦର୍ଶନୀରେ ପାରିବେଶିକ ପ୍ରତିକୂଳତାଜନିତ ସଂବେଦନତା, ସାଂସ୍କୃତିକ ବିସ୍ଥାପନ, ସ୍ମୃତିର ମିଥ୍ ପ୍ରସ୍ତୁତି ତଥା ରାଜନୀତି ସଂପନ୍ନ ଆଖ୍ୟାନଚାଳିତ ସାଂକେତିକ ରୂପକଳ୍ପର କୋଲାଜିଂମାନ ସ୍ଥାନିତ ହୋଇଥିଲା। ଏ ସଂପର୍କରେ ନିଜେ ଶିଳ୍ପୀ ଶ୍ରୀ ପଣ୍ଡା କହିଥିଲେ, ମୋର ଆଦ୍ୟଜୀବନର ଚିତ୍ରଲିପି ତଥା ଜୀବନ୍ତ ଅନୁଭବକୁ ସାଉଁଟିଛି ଉପସ୍ଥାପିତ ପ୍ରଦର୍ଶନୀରେ ସ୍ଥାନିତ କଳାକୃତିଗୁଡ଼ିକରେ। ଭୁବନେଶ୍ୱରକୁ ଫେରିବା ମୋତେ ଅନୁଭୂତ ହୋଇଛି ଏକ ସିଲିଣ୍ଡର ସଦୃଶ ଘୂର୍ଣ୍ଣନ। କଳାକୃତିଗୁଡ଼ିକରେ ଇତିହାସ, ସ୍ମୃତି ଓ ବର୍ତ୍ତମାନର ସହାବସ୍ଥାନର ଏକ ଅଂଶ ହିଁ ବିଦ୍ୟମାନ। କଳାକୃତିଗୁଡ଼ିକର ମନୋନୟନ କରିଥିବା କ୍ୟୁରେଟର ଶିବଦାସ ସେନଗୁପ୍ତ କହିଛନ୍ତି,ଏହି ପ୍ରଦର୍ଶନୀ କଳାକୃତିର ଏକ ଉପସ୍ଥାପନ ନୁହେଁ ବରଂ ଏହା ସମୟର ଅନ୍ୱେଷଣ। ଗୁରୁତ୍ୱପୂର୍ଣ୍ଣ ବିଷୟ ଯେ ଏହାକୁ ଉପସ୍ଥାପିତ କରିଥିବା ଏଣ୍ଟ୍ରିପ୍ରିନର୍ସ ଅର୍ଗାନାଇଜେସନ (ଇଓ) ଓଡ଼ିଶା ଚାପଟର୍ ରାଜ୍ୟର ବୌଦ୍ଧିକ,ସାଂସ୍କୃତିକ ଓ ମଧ୍ୟବର୍ତ୍ତୀ ଶୃଙ୍ଖଳାଗତ ଅଭିବୃଦ୍ଧିକୁ ରାଜ୍ୟରେ ଅଭିବୃଦ୍ଧି କରିବାରେ ପ୍ରତିଶ୍ରୁତିବଦ୍ଧ। ଇଓ ଓଡିଶାର ଚାପଟର୍ ଫୋରମ ଚେୟାର ତଥା ବୋର୍ଡ ସଦସ୍ୟ କମଲ ଅଗ୍ରୱାଲ କହିଛନ୍ତି, ଏକ ନୂଆ ଶୈକ୍ଷଣିକ ଭିତ୍ତିଭୂମିକୁ ଆମେ ପ୍ରୋତ୍ସାହନ ଦେଉଛୁ। ସୂଚନାଯୋଗ୍ୟ ଯେ ଏହି ପ୍ରଦର୍ଶନୀ ୨୮ ଫେବୃଆରୀ ପର୍ଯ୍ୟନ୍ତ ଚାଲୁ ରହିବ। ସକାଳ ୧୧ଟାରୁ ସଂଧ୍ୟା ଛଅଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଏହା ଖୋଲା ରହିବ। ସ୍ୱତନ୍ତ୍ର ପୁସ୍ତକ ଆଲୋଚନା ୨୭ ତାରିଖରେ ଅନୁଷ୍ଠିତ ହେବ।

### ଟ୍ୱେଣ୍ଟି-୨୦ ବିଶ୍ୱକପ୍

## ଜିମ୍ବାୱେ ନିକଟରେ ଅଷ୍ଟ୍ରେଲିଆର ଆତ୍ମସମର୍ପଣ



କଲମ୍ବୋ,୧୩।୨: ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଏକ ବଡ଼ ଓଲଟପାଲଟ କରିଛି ଜିମ୍ବାୱେ। ଏହି ଆଫ୍ରିକୀୟ ଦଳ ଅଷ୍ଟ୍ରେଲିଆ ପରି ପୂର୍ବତନ ବିଶ୍ୱ ଚାମ୍ପିୟନ ଦଳକୁ ୨୩ ରନ୍‌ରେ ହରାଇ ଦେଇଛି। ଶୁକ୍ରବାର ଅନୁଷ୍ଠିତ ଗ୍ରୁପ୍-ବି'ର ଏହି ମୁକାବିଲାରେ ଟସ୍ ହାରି ଜିମ୍ବାୱେ ପ୍ରଥମେ ବ୍ୟାଟିଂ କରିଥିଲା। ଦୁଇ ଓପନର ବ୍ରାଏନ୍ ବେନେଟ୍ (୬୪) ଓ ଟାଡାୱାନାସେ ମାରୁମାନି (୩୫) ୬୧ ରନର ଭାଗୀଦାର କରି ଦଳକୁ ଏକ ଭଲ ଆରମ୍ଭ ଦେଇଥିଲେ। ମାରୁମାନି ପାଭିଲିୟନ ଫେରିବା ପରେ ବେନେଟ୍ ନିଜର ଲଢୁଆ ବ୍ୟାଟିଂ ଜାରି ରଖି ରିୟାନ ବର୍ଲ(୩୫)ଙ୍କ ସହ ୭୧ ରନ ଓ ସିକନ୍ଦର ରାଜା(୨୫)ଙ୍କ ସହ ୩୮ ରନର ଦୁଇଟି ଉପଯୋଗୀ ଭାଗୀଦାର କରିଥିଲେ। ଦଳ ନିର୍ଦ୍ଧାରିତ ୨୦ ଓଭରରେ ୨ଟି ୱିକେଟ୍ ବିନିମୟରେ ୧୬୯ ରନ୍ କରିଥିଲା। ୧୭୦ ରନ୍ ଲକ୍ଷ୍ୟର ପିଛା କରୁଥିବା ଶକ୍ତିଶାଳୀ ଅଷ୍ଟ୍ରେଲିଆ ଦଳ ଆରମ୍ଭରୁ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏପରିକି ୨୯ ରନ୍‌ରେ ଦଳର ୪ ଜଣ ଆଗଧାଡ଼ିର ବ୍ୟାଟର୍ସ ପାଭିଲିୟନ ଫେରିସାରିଥିଲେ। ମଧ୍ୟକ୍ରମରେ ଗ୍ଲେନ୍ ମାକ୍ସୱେଲ୍ (୩୧) ଓ ମାଟ୍ ରେନସା (୬୫)ଙ୍କ ମଧ୍ୟରେ ୭୭ ରନ୍‌ର ଏକ ଉପଯୋଗୀ ଭାଗୀଦାର କରିଥିଲେ ବି ଅଷ୍ଟ୍ରେଲିଆକୁ ପରାଜୟରୁ ରକ୍ଷା କରିପାରିନଥିଲେ। ଦଳ ୧୯.୩ ଓଭରରେ ୧୪୬ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜିମ୍ବାୱେର ପେସର ବ୍ଲେସିଙ୍ଗ୍ ମୁଜରବାନି ୪ଟି ଓ ବ୍ରାଡ୍ ଇଭାନ୍ସ ୩ଟି ୱିକେଟ୍ ନେଇ କଙ୍ଗାରୁ ଦଳର ବିପର୍ଯ୍ୟୟ ଘଟାଇଥିଲେ।

## ନକଲି ଜର୍ଦ୍ଦା କାରଖାନା ଠାବ: ଅଭିଯୁକ୍ତ ଗିରଫ



ଭଦ୍ରକ,୧୩।୨ : ବିକ୍ରି ପାଇଁ ସ୍କୁଟିରେ ନେଇ ଯାଉଥିଲେ ନକଲି ଜର୍ଦ୍ଦା, ଧରି ପକାଇଲା ପୁଲିସ । ଖବର ନେବାରେ ଜଣାଯାଇଛି ଯେ ଘରେ ଚାଲିଥିଲା ନକଲି କମ୍ପାନୀ। ପରେ ଅଭିଯୁକ୍ତର ଘର ଉପରେ ପୋଲିସ ଚଢ଼ାଉ କରି ୫ ଲକ୍ଷରୁ ଅଧିକ ମୂଲ୍ୟର ନକଲି ଜର୍ଦ୍ଦା ଜବତ କରିଛି । ଏହାସହ ନକଲି ଜର୍ଦ୍ଦା ତିଆରି କାରଖାନା ମଧ୍ୟ ଠାବ ହୋଇଛି । ଭଦ୍ରକ ସହରାଞ୍ଚଳ ପୋଲିସ କୌଣସି ସୂତ୍ରରୁ ଖବର ପାଇ ନୂଆ ବସଷ୍ଟାଣ୍ଡ ନିକଟରେ ଚଢ଼ାଉ କରି ସ୍କୁଟିରେ ଯାଉଥିବା ନକଲି ଜର୍ଦ୍ଦା ଜବତ କରିବା ସହ ଜର୍ଦ୍ଦା ଚାଲାଣକାରୀକୁ କାବୁ କରିଥିଲା। ପରେ ଅଭିଯୁକ୍ତର କାଜିମହଲାସ୍ଥିତ ଘରେ ଚଢ଼ାଉ କରିଥିଲା । ଘରେ ଚାଲିଥିବା ନକଲି ଜର୍ଦ୍ଦା କାରଖାନା ଉପରେ ଚଢ଼ାଉ କରି ପୋଲିସ ବିଭିନ୍ନ ବ୍ରାଣ୍ଡର ଜର୍ଦ୍ଦା ଡବା ସହ ମେସିନ, ନକଲି ଜର୍ଦ୍ଦା ସହ କେମିକାଲ ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ୫ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ପୋଲିସ ସୂଚନା ଦେଇଛି । ଅନ୍ୟପଟେ ଅଭିଯୁକ୍ତ ରାଜାଉଲ ହକକୁ ପୋଲିସ ଗିରଫ କରିବା ସହ ସ୍କୁଟି ଜବତ କରିଛି।

## ଦୁଇ ବାଇକ ମୁହାଁ ମୁହିଁ ଧକ୍କା: ୨ ମୃତ

ଆସିକା,୧୩।୨(ନିପ୍ର): ଗଞ୍ଜାମ ଜିଲ୍ଲା କୋଦିନଡ଼ା ଥାନା ଅନ୍ତର୍ଗତ ଡିପଲ ସ୍କୁଲ ନିକଟରେ ଦୁର୍ଘଟଣା ଘଟି ୨ ଯୁବକଙ୍କ ମୃତ୍ୟୁ ହୋଇଛି । ଶୁକ୍ରବାର ସନ୍ଧ୍ୟା ସମୟରେ କୋଦଳା ଥାନା ଅନ୍ତର୍ଗତ ଦିଗାପଡା ପଞ୍ଚାୟତ ନାଉଳି ନିକଟ ଶ୍ରୀନିବାସପୁର ଗ୍ରାମର ବଳରାମ ଦାସଙ୍କ ପୁଅ ସାଗର ଦାସ (୨୮) ଏକ ବାଇକ ଯୋଗେ ଆସନ୍ତା ୨୫ ତାରିଖରେ ନିଜ ଭଣଜାର ବାହାଘର ନିମନ୍ତ୍ରଣ ପାଇଁ ଆସିକା ନିକଟ ପାଟିଲିଗୁଡା ଗ୍ରାମକୁ ଆସିଥିଲା । ନିମନ୍ତ୍ରଣ କହି ସାଗର ଦାସ ନିଜ ମୋଟର ସାଇକେଲରେ ନିଜ ଗ୍ରାମ ଅଭିମୁଖେ ଯାଉଥିବା ବେଳେ ଆସିକା ଡିପଲ ସ୍କୁଲ ନିକଟରେ କଲେଜ ଛକ ପଟୁ ଆସିକା ଅଭିମୁଖେ ଆସୁଥିବା ଆସିକା ପଢାଳ ଗ୍ରାମର ଚିତ୍ରସେନ ନାହାକଙ୍କ ପୁଅ ବାଦଲ ନାହାକ (୨୫) ଙ୍କ ମୋଟର ସାଇକେଲ ସହ ମୁହାଁ ମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣା ସ୍ଥଳରେ ହିଁ ସାଗରର ମୃତ୍ୟୁ ହୋଇଥିବା ବେଳେ ବାଦଲର ଅବସ୍ଥା ଗୁରୁତର ହୋଇଥିଲା । ଖବର ପାଇ କୋଦିନଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁହିଁଙ୍କୁ ଘଟଣା ସ୍ଥଳରୁ ଉଦ୍ଧାର କରି ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ । ଏଠାରେ କାର୍ଯ୍ୟରତ ଡାକ୍ତର ଦୁଇ ଜଣଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିବା ସହ ଦୁର୍ଘଟଣା ସ୍ଥଳରୁ ଦୁଇ ଗୋଟି ବାଇକ ଜବତ କରିଥିବା ଜଣାପଡିଛି ।

## ବ୍ଲାକମେଲ୍ କରିବା ଅଭିଯୋଗ: ଅବକାରୀ ଏଏସ୍‌ଆଇ ଗିରଫ

ଭୁବନେଶ୍ୱର,୧୩।୨: ଗଂଜାମ ଜିଲ୍ଲା ବ୍ରହ୍ମପୁର ସହରସ୍ଥିତ ସାଇବର ପୋଲିସ ଶୁକ୍ରବାର ଜଣେ ଅବକାରୀ ସହାୟକ ଉପ-ନିରୀକ୍ଷକ (ଏଏସଆଇ)ଙ୍କୁ ତାଙ୍କ ପୂର୍ବତନ ପ୍ରେମିକଙ୍କୁ ଅନ୍ତରଙ୍ଗ ଫଟୋ ଦେଖାଇ ବ୍ଲାକମେଲ୍ କରିବା ଅଭିଯୋଗରେ ଗିରଫ କରିଛି। ଅଭିଯୁକ୍ତ ସୁରେନ୍ଦ୍ର ପ୍ରଧାନଙ୍କୁ ଅନୁଗୁଳ ଜିଲ୍ଲାର ଆଠମଲ୍ଲିକ ଅବକାରୀ ପୋଲିସ ଥାନାରେ ଜଣେ ଏଏସଆଇ ଭାବରେ ଚିହ୍ନଟ କରାଯାଇଛି। ପ୍ରଧାନ ପୂର୍ବରୁ ବ୍ରହ୍ମପୁରର ଅବକାରୀ ଗୁଇନ୍ଦା ୟୁନିଟରେ କାର୍ଯ୍ୟ କରୁଥିଲେ ।ପୋଲିସ ଅନୁଯାୟୀ, ପ୍ରଧାନ ସୋସିଆଲ ମିଡିଆ ମାଧ୍ୟମରେ ବ୍ରହ୍ମପୁରର ଜଣେ ମହିଳାଙ୍କ ସମ୍ପର୍କରେ ଆସିଥିଲେ। ବିବାହର ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ମହିଳାଙ୍କ ସହ ସମ୍ପର୍କ ଗଢ଼ିଥିଲେ ।ପ୍ରଧାନ ତାଙ୍କ ଫୋନରେ ସେମାନଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ କଏଦ କରିଥିବା ଅଭିଯୋଗ ହୋଇଛି। ପରେ ସେ ପୀଡିତାଙ୍କୁ ବ୍ଲାକମେଲ୍ କରିଥିଲେ ଏବଂ ସେହି ଫଟୋ ଦେଖାଇ ଧମକ ଦେଇ ତାଙ୍କଠାରୁ ଟଙ୍କା ମାଗିଥିଲେ ବୋଲି କୁହାଯାଇଛି।

## ପୂର୍ବତଟ ମହାପ୍ରବନ୍ଧକଙ୍କ ୱାଲଟେୟାର ସେକ୍ସନର ନିରୀକ୍ଷଣ

ଭୁବନେଶ୍ୱର,୧୩।୨(ନିପ୍ର): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ, ୱାଲଟେୟାର ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଲଳିତ ବୋହରାଙ୍କ ସହିତ ମୁଖ୍ୟାଳୟର ପ୍ରମୁଖ ବିଭାଗ ମୁଖ୍ୟ ଏବଂ ବରିଷ୍ଠ ଅଧିକାରୀ ମାନେ ସୁରକ୍ଷା ମାନଦଣ୍ଡ, ଭିତ୍ତିଭୂମି ସ୍ଥିତି ଏବଂ କାର୍ଯ୍ୟକ୍ଷମ ଦକ୍ଷତା ସମୀକ୍ଷା କରିବା ସହିତ ଗୁରୁତ୍ୱପୂର୍ଣ୍ଣ ବିଭାଗ, ଷ୍ଟେସନ, ସେତୁ ଏବଂ ଲେଭଲ କ୍ରସିଂ ଗେଟଗୁଡ଼ିକର ଘନିଷ୍ଠ ଯାଞ୍ଚ କରିଥିଲେ। ନିରୀକ୍ଷଣ ସମୟରେ, ମହାପ୍ରବନ୍ଧକ ସିଲାକଝୋରୀ-ଡିଳିମିଳି ଷ୍ଟେସନ ମଧ୍ୟରେ ଅବସ୍ଥିତ କର୍ଭ ନମ୍ବର ୪୩୩ କୁ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିଥିଲେ, ଟ୍ରାକ୍ ଜ୍ୟାମିତି ଏବଂ ସୁରକ୍ଷା ପରିମାପକକ ଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ପରିଚାଳନା ବ୍ୟବସ୍ଥା ଏବଂ ରକ୍ଷଣାବେକ୍ଷଣର ସମୀକ୍ଷା କରିବା ପାଇଁ ଡିଳିମିଳି ଷ୍ଟେସନର ୟାର୍ଡ ଯାଞ୍ଚ ମଧ୍ୟ କରାଯାଇଥିଲା। ଜି. ଏମ୍. ଶିଶୁ ଉଦ୍ୟାନ ଏବଂ କଲୋନୀ ପରିଦର୍ଶନ କରିଥିଲେ ଯେଉଁଠାରେ ସେ କଲୋନୀ ଲୋକଙ୍କ ଆବଶ୍ୟକତା ଏବଂ ଅଭିଯୋଗ ଜାଣିବା ପାଇଁ ସେମାନଙ୍କ ସହ କଥାବାର୍ତ୍ତା କରିଥିଲେ। ଶ୍ରୀ ଫୁଙ୍କୱାଲ ଟ୍ରାକ୍ସନ୍ ସବ୍ ଷ୍ଟେସନ ମଧ୍ୟ ଯାଞ୍ଚ କରିଥିଲେ, ଫ୍ରଣ୍ଟଲାଇନ୍ କର୍ମଚାରୀ ଏବଂ ଗ୍ୟାଙ୍ଗମ୍ୟାନଙ୍କ ସହିତ ସେମାନଙ୍କ କାର୍ଯ୍ୟ ଶୈଳୀ , ଅଭିଜ୍ଞତା ଏବଂ ଅଭିଯୋଗ ଉପରେ ମତାମତ ନେଇଥିଲେ। କୁମ୍ଭାରଙ୍ଗା-ଜଗଦଲପୁର ମଧ୍ୟରେ ଥିବା ଛୋଟ ସେତୁ ନମ୍ବର ୮୫୨ ରେ ସଂରଚନାତ୍ମକ ସ୍ଥିତି ଏବଂ ସୁରକ୍ଷା ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇଥିଲା। ଏହା ପରେ ଜଗଦଲପୁରରେ ଏକ ପ୍ରମୁଖ ଷ୍ଟେସନ ଯାଞ୍ଚ କରାଯାଇଥିଲା, ଯେଉଁଠାରେ ଯାତ୍ରୀ ସୁବିଧା, ପରିଷ୍କାର ପରିଚ୍ଛନ୍ନତା, ସୁରକ୍ଷା ବ୍ୟବସ୍ଥା ଏବଂ ସାମଗ୍ରିକ ଷ୍ଟେସନ କାର୍ଯ୍ୟକାରିତା ସମୀକ୍ଷା କରାଯାଇଥିଲା। ମହାପ୍ରବନ୍ଧକ ଅମୃତ ଭାରତ ଷ୍ଟେସନ ଅଧୀନରେ ବିକଶିତ ନୂତନ ଷ୍ଟେସନ ବିଲ୍ଡିଂ ପରିଦର୍ଶନ କରିଥିଲେ ଏବଂ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ।

### ମୁଖ୍ୟ ଶାସନ ସଚିବଙ୍କ ବଡ଼ ଘୋଷଣା

## ୪ ସହରରେ ହେବ କମନ ଇକୋନୋମିକ୍ ଜୋନ୍

ଭୁବନେଶ୍ୱର,୧୩।୨: ରାଜ୍ୟର ୪ ସହର ହେବ କମନ ଇକୋନୋମିକ୍ ଜୋନ୍। ୨୦୨୭ ସୁଦ୍ଧା ରାଜ୍ୟର ୪ ସହର ପୁରୀ, ପାରାଦୀପ, ଭୁବନେଶ୍ୱର ଏବଂ କଟକ କମନ ଇକୋନୋମିକ୍ ଜୋନ୍‌ରେ ପରିଣତ ହେବ। ଏହା ପରଠାରୁ ହିଁ ରାଜ୍ୟ ଅର୍ଥନୀତିର ୩୩ ପ୍ରତିଶତ ଆସିବ। ଏନେଇ ଆଜି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏକ ବଡ଼ ସୂଚନା ଦେଇଛନ୍ତି। କମନ ଇକୋନୋମିକ୍ ଜୋନ୍ ହେଉଛି ଏକ ଆନ୍ତର୍ଜାତିକ ଚୁକ୍ତି କିମ୍ବା ଅଞ୍ଚଳ ଯେଉଁଠାରେ ଏକାଧିକ ଦେଶ ମିଶି ଏକ ସାଧାରଣ ଅର୍ଥନୈତିକ କ୍ଷେତ୍ର ଗଠନ କରନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସେହି ଦେଶମାନଙ୍କ ମଧ୍ୟରେ ପଣ୍ୟ, ସେବା, ପୁଞ୍ଜି ଏବଂ ଶ୍ରମର ମୁକ୍ତ ଚଳାଚଳ ସୁନିଶ୍ଚିତ କରିବା।

## ଆପାର୍ଟମେଣ୍ଟରେ ନିଆଁ ଲାଗି ୩ ଆହତ

ଭୁବନେଶ୍ୱର,୧୩।୨: ଝାରପଡ଼ା ଗଣେଶ ମଣ୍ଡପ ନିକଟ ଏକ ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ ଘଟିଛି। ନୀଳପଦ୍ମ ଆପାର୍ଟମେଣ୍ଟର ୨ ଓ ୩ ମହଲାରେ ନିଆଁ ଲାଗିଛି। ଅଗ୍ନିକାଣ୍ଡରେ ୩ ଆହତ ହୋଇଛନ୍ତି। ସେମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି।୨୦ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ନିଆଁ ଲାଗିବ ପରେ ଘଟଣା ସ୍ଥଳରେ ତିନିଗୋଟି ଦମକଳ ଗାଡି ପହଞ୍ଚି ନିଆଁକୁ ସମ୍ପୂର୍ଣ୍ଣ ଆୟତ କରିଛି। ଏଥିରେ ଆପାର୍ଟମେଣ୍ଟର ଦୁଇ ବୃଦ୍ଧଙ୍କ ସହ ଜଣେ ମହିଳା ଓ ଜଣେ ଶିଶୁ ଆହତ ହୋଇଛନ୍ତି। ଏସିରୁ ସର୍ଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ହୋଇଥିବା ସନ୍ଦେହ କରାଯାଉଛି। ଘରର ଆସବାବପତ୍ର ପୋଡିଯାଇଛି। ଗୋଟିଏ ଫ୍ଲାଟରୁ ନିଆଁ ଲାଗି ଅନ୍ୟ ଫ୍ଲାଟ୍‌କୁ ବ୍ୟାପିଛି। ନିଆଁ ଧାସରେ ପାଖ ଫ୍ଲାଟ୍ ଲୋକେ ମଧ୍ୟ ଅଣ ନିଶ୍ୱାସୀ ହୋଇଥିଲେ। ଗତକାଲି ଲକ୍ଷ୍ମୀସାଗର ଥାନା ଚିନ୍ତାମଣିଶ୍ୱର ଅଞ୍ଚଳରେ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡରେ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ କାର ସମ୍ପୂର୍ଣ୍ଣ ଜଳି ଯାଇଛି। ଅନ୍ୟ ଏକ ଡାଲା ଅଟୋ ଓ କାର ମଧ୍ୟ ଅଧା ଜଳି ଯାଇଛି। ରାତି ପ୍ରାୟ ସାଢେ ୩ଟାରେ ଅଗ୍ନିକାଣ୍ଡ ହୋଇଥିବା ସୂଚନା ରହିଛି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା ତେବେ ଏହି ଅଗ୍ନିକାଣ୍ଡ ପଛରେ କେହି ଜଣେ ଜଣିକି ନିଆଁ ଲଗାଇଥିବା ଜଣାପଡିଛି। ସିସିଟିଭି ଫୁଟେଜ୍‌ରୁ ଏହା ସ୍ପଷ୍ଟ ହୋଇଛି। ବିଳମ୍ବିତ ରାତିରେ ଜଣେ ଦୁର୍ବୃତ୍ତ କାରରେ ନିଆଁ ଲଗାଇବା ପରେ ଫେରାର୍ ହୋଇଯାଇଥିବା ଦେଖିବାକୁ ମିଳିଛି।

## 'ଇ-ଲୋକ ଭବନ ଓଡ଼ିଶା ଆପ୍'ର ଶୁଭାରମ୍ଭ

ଭୁବନେଶ୍ୱର,୧୩।୨: ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମ୍ପାଟି 'ଇ-ଲୋକ ଭବନ ଓଡ଼ିଶା ଆପ୍'ର ଶୁଭାରମ୍ଭ କରିଛନ୍ତି। ଏହା ରାଜ୍ୟପାଳଙ୍କ ସଚିବାଳୟ ସହିତ ନାଗରିକଙ୍କ ପାରସ୍ପରିକ କ୍ରିୟାକୁ ସହଜ କରିବା ପାଇଁ ଏକ ସୁରକ୍ଷିତ ୱେବ୍-ଆଧାରିତ ପ୍ଲାଟଫର୍ମ। ଏହି ପଦକ୍ଷେପ ଦ୍ୱାରା ଲୋକଭବନରେ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ନିଯୁକ୍ତି ଏବଂ ପରିଦର୍ଶକ ପରିଚାଳନା ବ୍ୟବସ୍ଥା ପ୍ରଚଳନ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ। ଏହି ଶୁଭାରମ୍ଭ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମର ଏକ ଅଂଶ, ଯାହା ଲୋକଭବନର ନବସୃଜନ ଏବଂ ସ୍ୱଚ୍ଛତା ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଏହି ଆପ୍ ପ୍ରକ୍ରିୟାଗୁଡ଼ିକୁ ସରଳ କରିଥାଏ, କାଗଜପତ୍ର ଏବଂ ବହୁ ଥର ପରିଦର୍ଶନ ହ୍ରାସ କରିଥାଏ। ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରେ ଅନଲାଇନ୍ ବୁକିଂ, ରିଅଲ୍-ଟାଇମ୍ ଟ୍ରାକିଂ, ହ୍ୱାଟ୍ସଆପ୍ ଏବଂ ଏସଏମଏସ ଆଲର୍ଟ, ଡିଜିଟାଲ୍ ଛଜ-ଆଧାରିତ ଇ-ଗେଟ୍ ପାସ୍ ଏବଂ ସୁରକ୍ଷିତ ପ୍ରବେଶ ଯାଞ୍ଚ ଅନ୍ତର୍ଭୁକ୍ତ।




Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ